## ଅଲ୍ଲାଃତାଲାଙ୍କ ବାଣୀ

مَثَلُ الَّذِيْنَ يُنْفِقُوْنَ اَمْوَالَهُمْ فِيْ سَبِيْلِ
اللّٰهِ كَمَثَلِ حَبَّةٍ اَنْۢبَتَتْ سَبْعَ سَنَابِلَ فِيْ
كُلِّ سُنْۢبُلَةٍ مِّائَةُ حَبَّةٍ ؕ وَاللّٰهُ يُضٰعِفُ
لِمَنْ يَّشَآءُ ؕ وَاللّٰهُ وَاسِعٌ عَلِيْمٌ ○

(262: سورة البقرة)

ଅନୁବାଦ - ଯେଉଁମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜର ଧନ ବ୍ୟୟ କରନ୍ତି ସେମାନଙ୍କ (ଏହି କାର୍ଯ୍ୟର) ଉପମା ସେହି ଶସ୍ୟର ଏକ ବୀଜ ସହିତ ତୁଳନୀୟ ଯେଉଁଥିରୁ ସାତଗୋଟି ଶସ୍ୟଗୁଚ୍ଛ ଉତ୍ପନ୍ନ ହୁଏ ଏବଂ ପ୍ରତ୍ୟେକ ଗୁଚ୍ଛରେ ଏକଶତ ବୀଜ ଥାଏ ଏବଂ ଅଲ୍ଲାଃ ଯାହାଙ୍କ ଉପରେ ପ୍ରସନ୍ନ ହୁଅନ୍ତି ତାହାଙ୍କୁ (ଏହାଠାରୁ ମଧ୍ୟ) ଅଧିକ ପ୍ରଦାନ କରନ୍ତି ଏବଂ ଅଲ୍ଲାଃ ହିଁ ଅତ୍ୟନ୍ତ ବଦାନ୍ୟ ଓ ସର୍ବଜ୍ଞ ।

(ବକ୍ରାଃ: ୨୬୨)


بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 32

ସାପ୍ତାହିକ ବଦର

The Weekly କାଦିଆନ BADAR Qadian ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

09 ଅଗଷ୍ଟ 2018    09 ଜହୁର୍ 1397 ହି.ଶ    26 ଜୁଲ୍କାଦା 1439 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ.ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ.ବ.ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ.ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ପାଦ ସମ୍ଭାଳି ରଖ ଓ ଖୁବ୍ ନିରୀକ୍ଷଣ କରି କାର୍ଯ୍ୟ କର ଓ ଇଶ୍ୱରଙ୍କଠାରୁ ସାହାଯ୍ୟ ଭିକ୍ଷା କର । କାରଣ ତୁମେ ହେଉଛ ଅନ୍ଧ । ଏପରି ନହେଉ କି (ତୁମେ) ନ୍ୟାୟଶୀଳ ବ୍ୟକ୍ତିଙ୍କୁ ଅତ୍ୟାଚାରୀ ଅଭିହିତ କର ଓ ସତ୍ୟବାଦୀଙ୍କୁ ମିଥ୍ୟାବାଦୀ ରୂପେ ଭାବିନିଅ । ଏହିପରି ତୁମେ ନିଜ ଇଶ୍ୱରଙ୍କୁ ନାରାଜ କରିଦେବ ଓ ତୁମର ସମସ୍ତ ପୁଣ୍ୟକର୍ମ ନଷ୍ଟ ହୋଇଯିବ ।

### କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ପବିତ୍ର କୋରାନ୍ ତୁମମାନଙ୍କ ପାଇଁ ବହୁତ ପବିତ୍ର ନିର୍ଦ୍ଦେଶାବଳୀ ଲିପିବଦ୍ଧ କରି ରଖିଛି । ସେଥି ମଧ୍ୟରୁ ଗୋଟିଏ ହେଉଛି କି ତୁମେମାନେ ଶିର୍କ୍ (ଇଶ୍ୱରଙ୍କ ସହିତ ଅନ୍ୟ କାହାକୁ ସମକକ୍ଷ କରିବା) ରୁ ସମ୍ପୂର୍ଣ୍ଣ ରୂପେ ନିବୃତ ରୁହ । କାରଣ ମୁଶ୍‌ରିକ୍ (ଯିଏ ଇଶ୍ୱରଙ୍କ ସହିତ ଅନ୍ୟଙ୍କୁ ସମକକ୍ଷ କରିଥାଏ) ମୋକ୍ଷ ପ୍ରାପ୍ତିର ଶ୍ରୋତକୁ ପାଏନାହିଁ । ତୁମେ ମିଥ୍ୟା କୁହନାହିଁ । କାରଣ ମିଥ୍ୟା ମଧ୍ୟ ହେଉଛି ଶିର୍କ୍‌ର ଗୋଟିଏ ଅଂଶ । ପବିତ୍ର କୋରାନ୍ ତୁମକୁ ଇଞ୍ଜିଲ୍ ସଦୃଶ ଏହା କହୁନାହିଁ କି କେବଳ କୁଦୃଷ୍ଟି ଓ କାମ ବାସନାର ଭାବନାରେ ନାମହରମ୍ (ଯାହାଙ୍କ ସହିତ ବିବାହ ହୋଇପାରେ) ମହିଳାମାନଙ୍କୁ ଦେଖନାହିଁ ଏବଂ ଏତଦ୍‌ବ୍ୟତୀତ ଅନ୍ୟ କୌଣସି ଭାବନା ରଖି ଦେଖିବା ବୈଧ ବୋଲି । ବରଂ ସେ (ପବିତ୍ର କୋରାନ୍) କହୁଛି କି କଦାପି ଦେଖନାହିଁ । ନା କୁଦୃଷ୍ଟିରେ ନା ସୁଦୃଷ୍ଟିରେ । ଏହାସବୁ ତୁମପାଇଁ ଠୋକର୍ ଖାଇବାର ସ୍ଥାନ ଅଟେ । ବରଂ ଉଚିତ୍ ଏହା ହେବ କି ନାମହରମ୍‌ଙ୍କ ସମ୍ମୁଖୀନ ସମୟରେ ତୁମ ଆଖି ତଳକୁ ରହୁ । ତୁମକୁ ତାଙ୍କ ଚେହେରା ବିଷୟରେ କିଛି ଜଣାନପଡୁ କିନ୍ତୁ ଏତିକି (ଜଣାପଡୁ) ଯେପରିକି ଏକ ଧୁଆଁଳିଆ ଦୃଶ୍ୟକୁ ବର୍ଷାର ପ୍ରାରମ୍ଭରେ ମଣିଷ ଦେଖିଥାଏ । ପବିତ୍ର କୋରାନ୍ ତୁମକୁ ଇଞ୍ଜିଲ୍ ସଦୃଶ ଏହା କହୁନାହିଁ କି ଏତେମାତ୍ରାରେ ମଦ୍ୟପାନ କରନାହିଁ କି ତୁମେ ଭୋଳ ହୋଇଯିବ ବରଂ ସେ (ପବିତ୍ର କୋରାନ୍) କହୁଛି କି କଦାପି ପିଅନାହିଁ ନଚେତ୍ ତୁମକୁ ଇଶ୍ୱରଙ୍କ ମାର୍ଗ ମିଳିବ ନାହିଁ ଓ ଇଶ୍ୱର ତୁମ ସହିତ ବର୍ତ୍ତାଳାପ ହେବେନାହିଁ ଓ ନା ଅପବିତ୍ରତାରୁ ତୁମକୁ ଶୁଦ୍ଧ କରିବେ । ଏବଂ ସେ କହୁଛି କି ଏହା ସବୁ ସଇତାନ୍‌ର ଉଦ୍ଭାବନ । (ତେଣୁ) ତୁମେ ଏଥିରୁ ବଂଚିତ ରୁହ । ପବିତ୍ର କୋରାନ୍ ତୁମକୁ ଇଞ୍ଜିଲ୍ ପରି କେବଳ ଏହା କହୁନାହିଁ କି ନିଜ ଭାଇ ଉପରେ ବିନା କାରଣରେ କ୍ରୋଧିତ ହୁଅନାହିଁ ବରଂ ସେ କହୁଛି କି ନା କେବଳ ନିଜର କ୍ରୋଧକୁ ଚାପିରଖ ବରଂ *ତଓ୍ୱାସଓ ବିଲ୍ ମରହମା* ଉପରେ ଅମଳ ମଧ୍ୟ କର ଓ ଅନ୍ୟମାନଙ୍କୁ ମଧ୍ୟ ଏପରି କରିବା ପାଇଁ କହିଚାଲ । ଏବଂ ନା କେବଳ ନିଜେ ଦୟାକର ବରଂ ଦୟା କରିବା ପାଇଁ ନିଜର ସମସ୍ତ ଭାଇମାନଙ୍କୁ ଓ୍ୱସିୟତ୍ (will) ମଧ୍ୟ କର ଓ ପବିତ୍ର କୋରାନ୍ ତୁମକୁ ଇଞ୍ଜିଲ୍ ପରି ଏହା କହୁନାହିଁ କି ଜନା (ବ୍ୟଭିଚାର) ବ୍ୟତୀତ ନିଜ ସ୍ତ୍ରୀଙ୍କ ପ୍ରତ୍ୟେକ ଅପବିତ୍ର (କାର୍ଯ୍ୟ)କୁ ସହିଯାଓ ଓ ତଲାକ୍ ଦିଅନାହିଁ ବରଂ ସେ କହୁଛି *ଅତ୍‌ତୈୟେବାତୁ ଲିତ୍‌ତୈୟେବାତ୍* (ଅର୍ଥାତ୍) ପବିତ୍ର କୋରାନ୍‌ର ଉଦ୍ଦେଶ୍ୟ ହେଉଛି ଏହା କି ଅପବିତ୍ର ପବିତ୍ରଙ୍କ ସହିତ ରହିପାରିବ ନାହିଁ । ତେଣୁ ଯଦି ତୁମ ସ୍ତ୍ରୀ ଜନା ତ କରୁନାହିଁ କିନ୍ତୁ କାମ ବାସନାର ଦୃଷ୍ଟିରେ ପରପୁରୁଷଙ୍କୁ ଦେଖୁଛି ଓ ତାଙ୍କ ସହିତ କାନ୍ଧ ମିଳାଉଛି ଓ ଜନା କରିବାର ମୋକଦ୍ଦମା ତା ଉପରେ ଲାଗିଯାଉଛି,ଯଦିଚ ଏପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇନାହିଁ ଓ ସେ ଅନ୍ୟଙ୍କୁ ନିଜର ନଗ୍ନତା ପରିବେଷଣ କରିସାରିଛି ଓ ସେ ହେଉଛି ମୁଶ୍‌ରିକା (ଇଶ୍ୱରଙ୍କୁ ମାନୁନାହିଁ) ଓ ବିଭ୍ରାଟକାରୀ, (କିନ୍ତୁ) ଯେଉଁ ପବିତ୍ର ଇଶ୍ୱରଙ୍କ ଉପରେ ତୁମେ ବିଶ୍ୱାସ ରଖିଛ ତାଠାରୁ ସେ (ସ୍ତ୍ରୀ) ବେଜାର୍ ଅଛି ତେଣୁ (ଏହି ପରିସ୍ଥିତିରେ) ଯଦି ସେ (ଉପରୋକ୍ତ କାର୍ଯ୍ୟରୁ) ନିବୃତ ନ ରହେ ତେବେ ତୁମେ ତାକୁ ତଲାକ୍ ଦେଇପାରିବ । କାରଣ ସେ ତା କାର୍ଯ୍ୟଦ୍ୱାରା ତୁମଠାରୁ ଅଲଗା ହୋଇଯାଇଛି । ବର୍ତ୍ତମାନ ସେ ତୁମ ଶରୀରର ଅଂଶବିଶେଷ ହୋଇ ରହିନାହିଁ । ତେଣୁ ତୁମପାଇଁ ଏବେ ଅନୁଚିତ୍ କି ତୁମେ ନିର୍ଲଜ୍ଜ ଭାବେ ତା ସହିତ ଜୀବନ ଅତିବାହିତ କର । କାରଣ ବର୍ତ୍ତମାନ ସେ ତୁମ ଶରୀରର ଅଂଶ ନାହିଁ । (ସେ) ଗୋଟିଏ ଅସନା ଓ ସଢ଼ିଯାଇଥିବା ଅଙ୍ଗ ଅଟେ ଯାହା କଟା ହେବାର ଯୋଗ୍ୟ । ଏପରି ନହେଉ କି ସେହି (ଅଙ୍ଗଟି) ବାକି ସମସ୍ତ ଅଙ୍ଗକୁ ମଧ୍ୟ ଖରାପ କରିଦେବା ଫଳରେ ତୁମେ ମରିଯିବ । ଏବଂ ପବିତ୍ର କୋରାନ୍ ତୁମକୁ ଇଞ୍ଜିଲ୍ ପରି ଏହା କହୁନାହିଁ କି କଦାପି ରାଣ ଖାଓନାହିଁ ବରଂ ଅସଭ୍ୟ ରାଣ ଖାଇବାରୁ ତୁମକୁ ସେ ରୋକୁଛି । କାରଣ କିଛି ପରିସ୍ଥିତିରେ ରାଣ ଖାଇବା, ନିଷ୍ପତି କରିବା ପାଇଁ ଏକ ମାଧ୍ୟମ ହୋଇଥାଏ ଓ ଇଶ୍ୱର କୌଣସି ପ୍ରକାରେ ପ୍ରମାଣର ମାଧ୍ୟମକୁ ନଷ୍ଟ କରିବାକୁ ଚାହେଁନାହିଁ । କାରଣ ଏହାଦ୍ୱାରା ତାହାର ହିକ୍‌ମତ୍ (ନୀତି ନିୟମ/ଯୁକ୍ତି) ନଷ୍ଟ ହୋଇଥାଏ । ଏହା ସ୍ୱଭାବିକ କଥା କି ଯେବେ କୌଣସି ବ୍ୟକ୍ତି ଗୋଟିଏ ବିବାଦ ମୂଳକ କଥାରେ ସାକ୍ଷୀ ନ ଦିଏ ତେବେ ଫଇସଲା ପାଇଁ ଇଶ୍ୱରଙ୍କ ସାକ୍ଷୀର ଆବଶ୍ୟକ ଥାଏ ଓ ଇଶ୍ୱରଙ୍କ ରାଣକୁ ସାକ୍ଷୀ ବନାଯାଏ । ପବିତ୍ର କୋରାନ୍ ତୁମକୁ ଇଞ୍ଜିଲ୍ ସଦୃଶ ଏହା କହୁନାହିଁ କି ପ୍ରତ୍ୟେକ ସ୍ଥାନରେ ଅତ୍ୟାଚାରୀଙ୍କ ମୁକାବିଲା କରନାହିଁ ବୋଲି ବରଂ ସେ କହୁଛି جَزٰٓؤُا سَيِّئَةٍ سَيِّئَةٌ مِّثْلُهَا ۚ فَمَنْ عَفَا وَاَصْلَحَ فَاَجْرُهٗ عَلَى اللّٰهِ ଅର୍ଥାତ୍- ଅନିଷ୍ଟର ପ୍ରତିଶୋଧ ତଦନରୂପ ଅନିଷ୍ଟ ଅଟେ ଯାହା କରାଯାଇଅଛି କିନ୍ତୁ ଯିଏ କ୍ଷମା ପ୍ରଦାନ କରେ ଓ ସଂସ୍କାରକୁ ଦୃଷ୍ଟିରେ ରଖେ ତାହାର ପୁରସ୍କାର ଇଶ୍ୱରଙ୍କ ଠାରେ ରହିଅଛି । ତେଣୁ ପବିତ୍ର କୋରାନ୍ ଅନୁସାରେ ନା ପ୍ରତ୍ୟେକ ସ୍ଥାନରେ ପ୍ରତିଶୋଧ ନେବା ଉଚିତ୍ ଓ ନା ପ୍ରତ୍ୟେକ ସ୍ଥାନରେ କ୍ଷମା ଦେବା ପ୍ରଶଂସନୀୟ ବରଂ ଉପଯୁକ୍ତ ବ୍ୟବହାରକୁ ଚିହ୍ନିତ କରିବା ଉଚିତ୍ । ଓ ଏହା କରିବା ଉଚିତ୍ ହେବ କି ପ୍ରତିଶୋଧ ଓ କ୍ଷମା ସ୍ଥାନ, କାଳ, ପାତ୍ର ଅନୁସାରେ କରାଯାଉ ଏବଂ ମସ୍‌ଲେହତ୍ (ଆବଶ୍ୟକତା ଓ ହିତକୁ ଦେଖି) କରାଯାଉ ନା କି ମନଇଛାରେ । ଏହା ହେଉଛି ପବିତ୍ର କୋରାନ୍‌ର ଅର୍ଥ । ପବିତ୍ର କୋରାନ୍ ଇଞ୍ଜିଲ୍ ପରି ଏହା କହୁନାହିଁ କି ନିଜ ଶତୃକୁ ପ୍ରେମ କର ବରଂ ସେ ଏହା କହୁଛି କି ତୁମର କେହି ଶତୃ ରହିବା ଉଚିତ୍ ନୁହେଁ ଓ ତୁମର ସହାନୁଭୁତି ସମସ୍ତଙ୍କ ପାଇଁ ସର୍ବସାଧାରଣ ହେଉ କିନ୍ତୁ ଯିଏ ଯେଉଛି ତୁମ ଇଶ୍ୱରଙ୍କ ଶତୃ, ତୁମ ରସୁଲ୍‌ଙ୍କ ଶତୃ ଓ ଇଶ୍ୱରଙ୍କ ପୁସ୍ତକର ଶତୃ, ସେ (ମଧ୍ୟ) ତୁମର ଶତୃ ହେବ । ତୁମେ ଏପରି ଲୋକମାନଙ୍କୁ ମଧ୍ୟ ନିମନ୍ତ୍ରଣ ଓ ପ୍ରାର୍ଥନାରୁ ବଂଚିତ କରନାହିଁ । ତୁମକୁ ଏହା କରିବା ଉଚିତ୍ ହେବ କି ତୁମେ ସେମାନଙ୍କ କାର୍ଯ୍ୟ ସହିତ ଶତୃତା ରଖ ନା କି ସେମାନଙ୍କ ସହିତ ଓ ଚେଷ୍ଟା କର କି ସେମାନେ ସୁଧୁରିଯାଆନ୍ତୁ । ଏ ସମ୍ବନ୍ଧରେ (ଅଲ୍ଲାଃ) କହୁଛନ୍ତି - *ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲି ଓ୍ୱଲ୍ ଏହ୍‌ସାନେ ଓ୍ୱ ଇତାଏଜିଲ୍ କୁର୍‌ବା* ଅର୍ଥାତ୍ ଇଶ୍ୱର ତୁମଠାରୁ କଣ ଚାହୁଁଛନ୍ତି । କେବଳ ଏତିକି କି ତୁମେ ସମସ୍ତ ମାନବ ସହିତ ନ୍ୟାୟ  ବିଚାର କର । ପୁଣି ତା ଠାରୁ ବଳି ଏହା କି ଯେଉଁମାନେ ତୁମ ସହିତ କୌଣସି ପ୍ରକାର ପୁଣ୍ୟ ବ୍ୟବହାର କରିନାହାଁନ୍ତି ସେମାନଙ୍କ ସହିତ ମଧ୍ୟ ପୁଣ୍ୟ ବ୍ୟବହାର କର । ପୁଣି ଏହାଠାରୁ ବଳି ଏମିତି କର କି ତୁମେ ଇଶ୍ୱରଙ୍କ ସୃଷ୍ଟଜଙ୍କ ସହିତ ଏପରି ସହାନୁଭୁତି ଦେଖାଓ ଯେପରିକି ତୁମେ ସେମାନଙ୍କର ବାସ୍ତବିକ ନିକଟ ସମ୍ପର୍କୀୟ ଅଟ ଯେପରି ମା' ନିଜ ପିଲାମାନଙ୍କ ସହିତ (ସହାନୁଭୁତି) ଦେଖାଇଥାଏ । କାରଣ ଅନୁଗ୍ରହ/ସହାନୁଭୁତିରେ ଏକପ୍ରକାର ଆତ୍ମପ୍ରଦର୍ଶନ ଭାବର ତତ୍ୱ ମଧ୍ୟ ସୁପ୍ତ ଅବସ୍ଥାରେ ଥାଏ ଓ ଅନୁଗ୍ରହ କରୁଥିବା ବ୍ୟକ୍ତି କେବେ ନିଜର ଅନୁଗ୍ରହକୁ ପ୍ରକାଶ ମଧ୍ୟ କରିଥାଏ । କିନ୍ତୁ ସେ ଯିଏ ମା ପରି ପ୍ରାକୃତିକ ଆବେଗ ରଖି ପୁଣ୍ୟ କରେ, ସେ କଦାପି ଆତ୍ମପ୍ରଦର୍ଶନ ସ୍ୱରୂପ ଏହା କରିପାରେନା । ତେଣୁ ପୁଣ୍ୟ କାର୍ଯ୍ୟର ଚରମ ସ୍ଥାନ ହେଉଛି ପ୍ରାକୃତିକ ଆବେଗ ଯାହା ମା'ପରି ହୋଇଥାଏ ଓ ଏହି ଆୟତ ନା କେବଳ ମଖ୍‌ଲୁକ୍‌ଙ୍କ ସମ୍ବନ୍ଧରେ ଅଛି ବରଂ ଇଶ୍ୱରଙ୍କ ସମ୍ବନ୍ଧରେ ମଧ୍ୟ ଅଛି । ଇଶ୍ୱରଙ୍କ ସହିତ ନ୍ୟାୟ କରିବା ହେଉଛି ଏହା କି ତା ପୁରସ୍କାର ଗୁଡ଼ିକୁ ମନେରଖି ତାର ଆଜ୍ଞାବହ ହେବା ଓ ଇଶ୍ୱରଙ୍କ ସହିତ ଅନୁଗ୍ରହ ହେଉଛି ଏହା କି ତା ଅସ୍ତିତ୍ୱ ଉପରେ ଏପରି ବିଶ୍ୱାସ କରିବା ଯେପରି ତାକୁ ଦେଖୁଅଛେ ଏବଂ ଇଶ୍ୱରଙ୍କ ସହିତ *ଇତାଏଜିଲ୍ କୁର୍‌ବା* ହେଉଛି ଏହା କି ତାର ଉପାସନା ନା ତ ସ୍ୱର୍ଗର ଲୋଭ ରଖି ହେଉ ଓ ନା ନର୍କର ଭୟ ଯୋଗୁ ହେଉ ବରଂ ଯଦି ଏହା ଧରି ନିଆଯାଏ କି ନା ସ୍ୱର୍ଗ ଅଛି ନା ନର୍କ ଅଛି ତେବେ ମଧ୍ୟ ପ୍ରେମର ଆବେଗ ଓ ଆଜ୍ଞାବହତାରେ କୌଣସି ଫରକ ପଡ଼ିବ ନାହିଁ ଓ ଇଞ୍ଜିଲ୍‌ରେ ଲେଖାଯାଇଛି କି ଯେଉଁ ଲୋକେ ତୁମକୁ ଅଭିଷାପ ଦେଉଛନ୍ତି ସେମାନଙ୍କ ପାଇଁ ବର୍‌କତ୍ (ବୈଭବ) ଚାହଁ । କିନ୍ତୁ ପବିତ୍ର କୋରାନ୍ କହୁଛି କି ତୁମେ ତୁମ ମନ ଇଛାରେ କିଛି କରନାହିଁ । ତୁମେ ନିଜ ହୃଦୟରୁ, ଯାହା ଇଶ୍ୱରଙ୍କ ପ୍ରକାଶ ହେବାର ଘର ଅଟେ, ଫତ୍‌ଓ୍ୱା ପଚାରି ବୁଝ କି ଏପରି ବ୍ୟକ୍ତିଙ୍କ ସହିତ କି ବ୍ୟବହାର ହେବା ଉଚିତ୍ । ସୁତରାଂ ଯଦି ଇଶ୍ୱର ତୁମ ହୃଦୟରେ ଏହା ପକାଇ ଦିଏ କି ଏହି ଅଭିଷାପ ଦେବାବାଲା ଦୟାର ପାତ୍ର ଅଟେ ବୋଲି ଓ ଆକାଶରେ ତା ପାଇଁ କୌଣସି ଅଭିଷାପ ନାହିଁ ତେବେ ତୁମେ ମଧ୍ୟ ଅଭିଷାପ ଦିଅନାହିଁ । ଯଦ୍ୱାରା ଇଶ୍ୱରଙ୍କ ବିରୋଧି ହେବନାହିଁ । କିନ୍ତୁ ଯଦି ତୁମ କନ୍‌ସେନ୍‌ସ ଏହାକୁ ବିବଶ/ଅସମର୍ଥ ନୁହେଁ ବୋଲି ଅଭିହିତ କରୁଛି ଓ ତୁମ ମନରେ ଏହା ପକାଇଦିଆଯାଇଛି କି ଆକାଶରୁ ସେହି ବ୍ୟକ୍ତି ଉପରେ ଅଭିଷାପ ହେବ ବୋଲି ତେବେ ତୁମେ ତା ପାଇଁ ବର୍‌କତ୍ ଚାହଁନାହିଁ । ଯେପରି ସଇତାନ୍ ପାଇଁ କୌଣସି ନବୀ ବର୍‌କତ୍ ଚାହିଁନାହାଁନ୍ତି ଏବଂ କୌଣସି ନବୀ ତାକୁ ଅଭିଷାପରୁ ମୁକ୍ତ କରିନାହାନ୍ତି । କିନ୍ତୁ କାହା ସପକ୍ଷରେ ଅଭିଷାପ ଦେବାରେ ଶିଘ୍ର କରନାହିଁ କାରଣ ଅଧିକାଂଶ ଆକଳନ ମିଥ୍ୟା ହୋଇଥାଏ ଓ ଅଧିକାଂଶ ଅଭିଷାପ ନିଜ ଉପରେ ହିଁ ପଡ଼ିଥାଏ । (ତେଣୁ) ପାଦ ସମ୍ଭାଳି ରଖ ଓ ଖୁବ୍ ପଡତାଳ କରି କାର୍ଯ୍ୟ କର ଓ ଇଶ୍ୱରଙ୍କଠାରୁ ସାହାଯ୍ୟ ଭିକ୍ଷା କର । କାରଣ ତୁମେ ହେଉଛ ଅନ୍ଧ । ଏପରି ନହେଉ କି (ତୁମେ) ନ୍ୟାୟଶୀଳ ବ୍ୟକ୍ତିଙ୍କୁ ଅତ୍ୟାଚାରୀ ଅଭିହିତ କର ଓ ସତ୍ୟବାଦୀଙ୍କୁ ମିଥ୍ୟାବାଦୀ ରୂପେ ବିବେଚନା କର । ଏହିପରି ତୁମେ ନିଜ ଇଶ୍ୱରଙ୍କୁ ନାରାଜ କରିଦେବ ଓ ତୁମର ସମସ୍ତ ପୁଣ୍ୟକର୍ମ ନଷ୍ଟ ହୋଇଯିବ ।

***(କଶ୍‌ତିନୁହ୍ ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୨୮-୩୧)***


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୬ ର ଅବଶିଷ୍ଟାଂଶ ...*

ଭିନ୍ନତା ଏବଂ ଧାର୍ଯ୍ୟ ହୋଇଥିବା କାର୍ଯ୍ୟର ଗୁରୁତ୍ୱ ଯୋଗୁ ହୋଇଥାଏ । ବଦର୍ ଯୁଦ୍ଧରେ ଶତ୍ରୁଙ୍କର ସଂଖ୍ୟା କମ୍ ଏବଂ ଓ୍ୱହଦ୍ ଯୁଦ୍ଧରେ ଅଧିକ ଥିଲା ଓ ଏହି ଅନୁପାତରେ ବିପଦ ମଧ୍ୟ ଅଧିକା ଥିଲା ଓ ଫରିସ୍ତାମାନଙ୍କର ସୁରକ୍ଷା ମଧ୍ୟ ଅଧିକ ସଂଖ୍ୟାରେ ଅବତୀର୍ଣ୍ଣ ପାଇଁ ପ୍ରତିଶୃତି ଥିଲା । କହୁଛନ୍ତି *ଓ୍ୱମନ୍ ନସ୍ରୁ ଇଲ୍ଲା ମିନ୍ ଇନ୍‌ଦିଲ୍ ଲାହିଲ୍ ଅଜିଜିଲ୍ ହକିମ୍* (ଆଲେ ଇମ୍‌ରାନ୍:୧୨୭) ଅର୍ଥାତ୍ ଅଲ୍ଲାଃଙ୍କ ସାହାଯ୍ୟ କରିବାର ପ୍ରକାଶ ଅଲ୍ଲାଃତାଲାଙ୍କ ବିଶେଷ ଗୁଣ ଅଜିଜ୍ (ପରାକ୍ରମୀ) ଏବଂ ହକିମ୍ (ତତ୍ତ୍ୱଜ୍ଞ)ରୁ ହୋଇଥାଏ । ଏହି ଦୁଇଗୋଟି ବିଶେଷ ଗୁଣ ଉତମ ଉପାୟ ଏବଂ ପୁର୍ଣ୍ଣ ବିଜୟକୁ ସ୍ଥାପିତ କରିବାର କାରଣ ହୋଇଥାଏ । ଯେଉଁଥିରେ ସାହାଯ୍ୟ କରିବାର ଆସବାବ ଗୁଡିକର ସମସ୍ତ ବିଭାଗ ଗୋଟିଏ ଅନ୍ୟଗୋଟିକ ସହିତ ବାନ୍ଧି ହୋଇ ରହିଛି । ସେଥିରେ ଧାରା ବାହିକ ରୂପେ ନିର୍ଦ୍ଦେଶ ମିଳିଥାଏ ଓ ସେହି ନିର୍ଦ୍ଦେଶ ଗଡିକ ଅଲ୍ଲାଃଙ୍କ ଯୋଜନା ଗୁଡିକୁ ଦୃଢ଼ କରିଥାନ୍ତି'' । (ଉଦ୍ଧୃତ ସହି ବୁଖାରୀ କିତାବୁଲ୍ ମଗାଜି ବାବ୍ ଶହୁଦୁଲ୍ ମଲାଇକା ବଦ୍‌ରନ୍, ଖଣ୍ଡ-୮, ପୃଷ୍ଠା-୭୧-୭୩, ନଜାରତ୍ ଇଶାରତ୍ ରବ୍‌ୱା)

ତେବେ ଏହା ହେଉଛି ସମସ୍ତ ସେହି ସବୁ ଜ୍ଞାନର ଗଭୀରତା ଯାହା ଅଲ୍ଲାଃଙ୍କ ଫରିସ୍ତାମାନଙ୍କ ଯୁଦ୍ଧ କରିବା ସମ୍ବନ୍ଧରେ ଅଲ୍ଲାଃତାଲା ବର୍ଣ୍ଣନା କରିଛନ୍ତି ଅର୍ଥାତ୍ ଫରିସ୍ତା ପଠାଇଥିଲେ, ଯେଉଁମାନେ ଯୁଦ୍ଧ କରୁଥିଲେ । ନା ଏହାକି ଫରିସ୍ତା ନିଜେ ମାରୁଥିଲେ ଓ କେତେକଙ୍କ ନିକଟରେ ଏ ରିଓ୍ୱାୟତ୍ ମଧ୍ୟ ରହିଛି କି ଫରିସ୍ତାମାନେ ଯେଉଁମାନଙ୍କୁ ମାରିଲେ ଓ ଯେଉଁମାନଙ୍କୁ ଆଘାତ ପହଂଚାଇଲେ ସେମାନଙ୍କର ପରିଚୟ ବିଲ୍‌କୁଲ୍ ଅଲଗା ଥିଲା ଓ ଯାହା ସାହାବାଙ୍କ ଜରିଆରେ ଲୋକମାନଙ୍କୁ ଆଘାତ ପହଂଚୁଥିଲା ସେମାନଙ୍କର ପରିଚୟ ଅଲଗାଥିଲା । (ଫତହୁଲ୍ ବାରି, ଶରାହ୍ ସହି ବୁଖାରୀ କିତାବୁଲ୍ ମଗାଜି ଶହୁଦୁଲ୍ ମଲାଇକା ବଦରନ୍ ଖଣ୍ଡ-୭, ପୃଷ୍ଠା-୩୧୨, ହଦିସ୍ ୩୯୯୨....କରାଚି)

ଏହା ବିଲ୍‌କୁଲ୍ ଭୁଲ୍ କଥା । ଅସଲ କଥା ହେଉଛି ଏହା କି ଫରିସ୍ତାମାନେ ମନୁଷ୍ୟର ଶକ୍ତିକୁ ସଠିକ୍ ରୂପେ ମାର୍ଗ ଦର୍ଶନ କରାଉଛନ୍ତି ଓ ସେଗୁଡିକ ସଠିକ୍ ବ୍ୟବହାର କରୁଛନ୍ତି । ଯେବେ ଫରିସ୍ତାମାନଙ୍କ ତରଫରୁ ଏହା ହେଉଛି ତେବେ ତାହା ହେଉଛି ଫରିସ୍ତାମାନଙ୍କର ଯୁଦ୍ଧରେ ଲଢ଼ିବା ।

ହଜ୍‌ରତ୍ ଯେହିୟା ମାଜ୍‌ବିନ୍ ରିଫାଆବିନ୍ ରାଫେଙ୍କ ଠାରୁ ରିଓ୍ୱାୟତ୍ କରୁଛନ୍ତି କି ହଜ୍‌ରତ୍ ରିଫାଆ ଅହ୍‌ଲେ ବଦର୍‌ମାନଙ୍କ ମଧ୍ୟରୁ ଓ ତାଙ୍କ ବାପା ହଜ୍‌ରତ୍ ରାଫେ ଉକ୍‌ବାଠାରେ ବୟତକାରୀମାନଙ୍କ ମଧ୍ୟରୁ ଜଣେ ଥିଲେ । ହଜ୍‌ରତ୍ ରାଫେ ନିଜ ପୁତ୍ର ହଜ୍‌ରତ୍ ରିଫାଆକୁ କହୁଥିଲେ କି ମୋତେ ଏକଥାରେ ଖୁସି ନାହିଁ କି ମୁଁ ବଦର୍‌ରେ ଯୋଗଦେବା ପରିବର୍ତେ ମୁଁ ଉକ୍‌ବାଠାରେ ବୟତକାରୀଙ୍କ ସହିତ ସାମିଲ୍ ହୋଇଥାନ୍ତି । ଅର୍ଥାତ୍ ଏକଥା ମୋ ପାଇଁ ବହୁତ ବଡ଼ ଓ ସମ୍ମାନର କଥା କି ମୁଁ ବଦର୍ ଯୁଦ୍ଧରେ ସାମିଲ୍ ହୋଇଛି । (ସହି ବୁଖାରୀ କିତାବୁଲ୍ ମଗାଜି ବାବ୍ ଶହୁଦୁଲ୍ ମଲାଇକା ବଦ୍‌ରନ୍ ହଦିସ୍ ନଂ-୩୯୯୩)

ବହୁତ ବଡ଼ ସମ୍ମାନ ମୋତେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ଯୋଗୁ ମିଳିଛି । ହଜ୍‌ରତ୍ ରିଫାବିନ୍ ରାଫେ ଜମଲ୍ ଯୁଦ୍ଧ ଏବଂ ସଫିନ୍ ଯୁଦ୍ଧରେ ହଜ୍‌ରତ୍ ଅଲୀଙ୍କ ସହିତ ଥିଲେ । ଗୋଟିଏ ରିଓ୍ୱାୟତ୍ ମୁତାବକ ଯେତେବେଳେ ହଜ୍‌ରତ୍ ତଲ୍‌ହା ଏବଂ ହଜ୍‌ରତ୍ ଜୁବେର୍ ର:ଅ ବସ୍‌ରାଃ ଆଡକୁ ସେନା ନେଇ ବାହାରିଲେ ସେତେବେଳେ ଅବ୍‌ବାସ୍ ବିନ୍ ଅବ୍‌ଦୁଲ୍ ମୋତ୍‌ଲିବ୍‌ଙ୍କ ସ୍ତ୍ରୀ ଉମ୍ମୁଲ୍ ଫଜଲ୍ ବିନ୍‌ତ୍ ହାରିସ୍ ହଜ୍‌ରତ୍ ଅଲୀ ର:ଅଙ୍କୁ ସେମାନଙ୍କ ବାହାରିବା ବିଷୟରେ ଖବର ଦେଲେ । ଏଥିରେ ହଜ୍‌ରତ୍ ଅଲୀ ର:ଅ କହିଲେ ଆଶ୍ଚର୍ଯ୍ୟ ଲାଗୁଛି କି ଲୋକମାନେ ହଜ୍‌ରତ୍ ଉସ୍‌ମାନଙ୍କ ଉପରେ ଆକ୍ରମଣ କରି ତାଙ୍କୁ ଶହିଦ୍ କରିଦେଲେ ଓ ବିନା କୌଣସି ସଙ୍କୋଚରେ ମୋର ବୟତ ମଧ୍ୟ କରିନେଲେ । ମୁଁ କୌଣସି ପ୍ରକାର ଜବର୍‌ଦସ୍ତି କରିନଥିଲି କି ବୟତ୍ କର ବୋଲି । ଲୋକମାନେ ବୟତ୍ କଲେ ଓ ତଲ୍‌ହା ଓ ଯୁବେର୍ ମଧ୍ୟ ମୋ ବୟତ୍ କଲେ । (କିନ୍ତୁ) ଏବେ ସେମାନେ ସେନା ସହିତ ଇରାକ୍ ଆଡକୁ ବାହାରି ପଡ଼ିଛନ୍ତି । ଏଥିରେ ହଜ୍‌ରତ୍ ରିଫାବିନ୍ ରାଫେ କହିଲେ କି ଯେବେ ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ହେଲା ସେତେବେଳେ ଆମେ ଏ ଆଶ କରିଥିଲୁ କି ଅନ୍‌ସାର୍ ଏହି ଖିଲାଫତ୍‌ର ଅଧିକ ହକ୍‌ଦାର୍ ଅଛନ୍ତି । କାରଣ ଆମ୍ଭେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ସାହାଯ୍ୟ କରିଛୁ ଓ ଧର୍ମ ମାମଲାରେ ଆମର ସ୍ଥାନ ହେଉଛି ବଡ଼ କିନ୍ତୁ ଆପଣମାନେ କହିଲେ କି ଆମେ ହେଉଛୁ ପ୍ରଥମ ମୁହାଜିର୍ ଓ ଆମେ ରସୁଲୁଲ୍ଲାଃ ସ:ଆ:ସଙ୍କ ବନ୍ଧୁ ଓ ନିକଟ ସମ୍ପର୍କୀୟ ଓ ଆମେ ତୁମମାନଙ୍କୁ ଅଲ୍ଲାଃତାଲାଙ୍କ କଥା ମନେପକାଇ କହିଲୁ କି ତୁମେ ରସୁଲୁଲ୍ଲାଃ ସ:ଆ:ସଙ୍କ ଉତରାଧିକାରୀ ବିଷୟରେ ଆମ ସହିତ ଲଢ଼ନାହିଁ ଏବଂ ତୁମେମାନେ ଖୁବ୍ ଜାଣିଛନ୍ତି କି ଆମେ ସେ ସମୟରେ ତୁମକୁ ଓ (ଖିଲାଫତ୍‌ର) କତାକୁ ଛାଡ଼ି ଦେଇଥିଲୁ । (ଆମେ ପୁଣି କୌଣସି ଯୁକ୍ତି କଲୁନାହିଁ ଓ ସମ୍ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରି ଖିଲାଫତ୍‌ର ବୟତ କରିନେଲୁ)'' । ଏବଂ ଏହାର କାରଣ ଏହା ଥିଲା କି ଯେବେ ଆମେ ଦେଖିଲୁ ହକ୍ ଉପରେ କାର୍ଯ୍ୟ କରାଯାଉଛି ଓ ଅଲ୍ଲାଃଙ୍କ ପୁସ୍ତକକୁ ଅନୁସରଣ କରାଯାଉଛି ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ସୁନ୍ନତ୍ ପ୍ରତିଷ୍ଠା କରାଯାଉଛି ସେତେବେଳେ ଆମ ନିକଟରେ ଏଥିରେ ରାଜି ହୋଇଯିବା ବ୍ୟତୀତ ଆଉ କିଛି ରାସ୍ତା ନଥିଲା । ଏହାଛଡା ଆମ ପାଇଁ ଆଉ କଣ ଆବଶ୍ୟକ ଥିଲା । ତେଣୁ ଆମେ ଆପଣଙ୍କର ବୟତ କରିନେଲୁ ଓ ପୁଣି ପଛଘୁଂଚା ଦେଲୁନାହିଁ । ଏବେ ଆପଣଙ୍କ ସହିତ ସେହି ଲୋକମାନେ ମୁଖାଲିଫତ୍ କରିଛନ୍ତି ଯେଉଁମାନଙ୍କଠାରୁ ଆପଣ ହେଉଛନ୍ତି ଉତମ ଓ ଅଧିକା ପସନ୍ଦଯୋଗ୍ୟ । ତେଣୁ ଆପଣ ଆମକୁ ନିଜର ନିର୍ଦ୍ଦେଶ ଦିଅନ୍ତୁ । ଏହି ସମୟରେ ହଜାଜ୍ ବିନ୍ ଗଜିୟାଃ ଅନ୍‌ସାରୀ ଆସି କହିଲେ ହେ ଅମିରୁଲ୍ ମୁମିନୀନ୍ ଏହି ମାମଲାଟି ହାତରୁ ଚାଲିଯିବା ପୂର୍ବରୁ ଏହାର ନିବାରଣ ପ୍ରଥମେ କରିବା ଉଚିତ୍ । ମୋ ଜୀବନକୁ କେବେ ଶାନ୍ତି ମିଳିବ ନାହିଁ ଯଦି ମୁଁ ମୃତ୍ୟୁର ଭୟ ରଖିବି । ହେ ଅନ୍‌ସାର୍‌ଙ୍କ ଗୋଷ୍ଠୀ ! ଅମୀରୁଲ୍ ମୁମିନୀନ୍‌ଙ୍କୁ ଦ୍ୱିତୀୟ ଥର ପାଇଁ ସାହାଯ୍ୟକର । ଯେଉଁଭଳି ତୁମେ ପ୍ରଥମେ ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାଯ୍ୟ କରିଥିଲ । ଅଲ୍ଲାଃଙ୍କ ରାଣ ଏହି ଦ୍ୱିତୀୟ ସାହାଯ୍ୟ ପ୍ରଥମ ସାହାଯ୍ୟ ଭଳି ହେବ । କିନ୍ତୁ ପ୍ରଥମ ସାହାଯ୍ୟଟି ସର୍ବୋତ୍କୃଷ୍ଟ । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୨୮୦-୨୮୧, ରିଫାବିନ୍ ରାଫେ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ)

ସେ ଯାହା ହେଉ ତାଙ୍କର ଦେହାନ୍ତ ହଜ୍‌ରତ୍ ଅମୀର୍ ମାଓ୍ୱିୟାଙ୍କ ଇମାରତ୍‌ର ପ୍ରାରମ୍ଭିକ ଦିନରେ ହୋଇଥିଲା । (ଅଲ୍ ଇସ୍‌ତିଆବ୍ ଖଣ୍ଡ-୨, ପୃଷ୍ଠା-୪୯୭, ରିଫାବିନ୍ ରାଫେ ମୁଦ୍ରଣ-ଦାରୁଲ୍ ଜୈଲ୍ ବେରୁତ୍ ୧୯୯୨)

ତେବେ ଏହା ସବୁ ଥିଲା ସାହାବ ମାନଙ୍କର କଥା । ବିଗତ ଖୁତ୍‌ବାର ଘଟଣାବଳୀ ପ୍ରସଙ୍ଗରେ ମଧ୍ୟ ମୁଁ କଥା କହିବା ପାଇଁ ଚାହୁଁଛି । ଗୋଟିଏ ଘଟଣାକୁ ଆଉ ଟିକିଏ ସ୍ପଷ୍ଟ କରିବାକୁ ଚାହୁଁଛି କି ମୁଁ ହଜ୍‌ରତ୍ ଅମାର୍‌ଙ୍କ ସମ୍ବନ୍ଧରେ ଏହା ବର୍ଣ୍ଣନା କରିଥିଲି କି ହଜ୍‌ରତ୍ ଉମ୍‌ରୋବିନ୍ ଆସ୍ ତାଙ୍କ ଦେହାନ୍ତ ସମୟରେ ବହୁତ ଦୁଃଖ ଓ ଚିନ୍ତା ପ୍ରକାଶ କରିଥିଲେ କି ସେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏହା କହିବାର ଶୁଣିଥିଲେ କି ଅମାର୍ ବିନ୍ ୟାସିର୍‌ଙ୍କୁ ବିଦ୍ରୋହୀ ଗୋଷ୍ଠୀ ହତ୍ୟା କରିବ ଏବଂ ହଜ୍‌ରତ୍ ଉମ୍‌ରୋ ବିନ୍ ଆସ୍‌ଙ୍କୁ ଏଥିପାଇଁ ଚିନ୍ତା ଘାରିଥିଲା ଯେ ସେ ଅମୀର୍ ମାଓ୍ୱିୟାଙ୍କ ତରଫରୁ ଥିଲେ ଓ ହଜ୍‌ରତ୍ ଅମ୍‌ମାର୍‌ଙ୍କୁ ଶହିଦ୍ କରିବା ବାଲା ହଜ୍‌ରତ୍ ଅମୀର୍ ମାଓ୍ୱିୟାଙ୍କ ସେନା ଥିଲା । (ଅଲ୍ ମୁସ୍‌ତଦରକ୍ ଅଲସ୍ ସହିହିନ୍ ଖଣ୍ଡ-୩, ପୃଷ୍ଠା-୪୭୪...ହଦିସ୍ ନଂ-୫୭୨୬...)

ସେ ଯାହା ହେଉ ଏଥିରେ କିଛି ଲୋକ ପ୍ରଶ୍ନ କରୁଛନ୍ତି କି ଯେବେ ସେ ବିଦ୍ରୋହୀ ଗୋଷ୍ଠୀଙ୍କ ମଧ୍ୟରେ ଥିଲେ ତେବେ ତାଙ୍କ ନାମକୁ ଏତେ ସମ୍ମାନର ସହିତ କାହିଁକି ନିଆଯାଉଛି ଓ ହଜ୍‌ରତ୍ ଅମୀର୍ ମାଓ୍ୱିୟାଙ୍କୁ ମଧ୍ୟ ଜମାତ୍‌ର ଲିଟେର୍‌ଚର ଗୁଡିକରେ ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ରହିଛି । ପ୍ରଥମ କଥା ହେଉଛି କି ସାହାବା ମାନଙ୍କର ଯେଉଁ ପଦମର୍ଯ୍ୟାଦା ଅଛି ଆମ କାର୍ଯ୍ୟ ଏହା ନୁହେଁ କି ଆମେ ଏପରି କହିବା କି ଇଏ ମୁକ୍ତି ପାଇବେ ଓ ଇଏ ପାଇବେ ନାହିଁ । ଯାହା ବି ଭ୍ରାନ୍ତି ବା ଭୁଲ୍ ଯୋଗୁ ଏହି ଦୁଃଖଦ ଘଟଣା ଘଟିଲା ତାର ମାମଲା ଖୁଦାତାଲାଙ୍କ ହାତରେ ଅଛି ଓ ଏହାର ଫଳ ମୁସଲ୍‌ମାନ୍‌ମାନେ ମଧ୍ୟ ଭୋଗିଲେ । ଏ ପ୍ରଶ୍ନ ସେମାନଙ୍କ ମନରେ ମଧ୍ୟ ଉଠିଥିଲା ଯେଉଁମାନେ ସେ ସମୟରେ ଥିଲେ ଓ ପୁଣି ସେମାନେ ନିଜର ଅସୁବିଧା ଓ ବିବଶତାକୁ ଦୂର କରିବା ପାଇଁ ଦୁଆ ମଧ୍ୟ କରିଥିଲେ କି ଏହା କଣ ହୋଇଗଲା । ଅର୍ଥାତ୍ ଏମାନେ ମଧ୍ୟ ସାହାବୀ ଓ ସେମାନେ ମଧ୍ୟ ସାହାବୀ ଓ ଜଣେ ଅନ୍ୟଜଣକ ବିରୋଧରେ ଲଢୁଛନ୍ତି । ଓ ଅଲ୍ଲାଃତାଲାଙ୍କ ଠାରୁ ମାର୍ଗ ଦର୍ଶନ ଚାହୁଁଥିବେ ଫଳତଃ ଅଲ୍ଲାଃତାଲା ସେମାନଙ୍କର ମାର୍ଗଦର୍ଶନ ମଧ୍ୟ କରୁଥିଲା ।

ସୁତରାଂ ଗୋଟିଏ ରିଓ୍ୱାୟତ୍‌ରେ ଆସୁଛି ଅବୁଜୁହାଙ୍କ ଠାରୁ ବର୍ଣ୍ଣିତ ଅଛି କି ଉମ୍‌ରୋବିନ୍ ଶର୍‌ଜିଲ୍ ଅବୁ ମୈସରା (ଯିଏ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସୁଦ୍‌ଙ୍କ ଶିଷ୍ୟ ମଧ୍ୟ ଥିଲେ) ସ୍ୱପ୍ନରେ ଦେଖିଲେ କି ଗୋଟିଏ ସବୁଜ ବଗିଚ୍ଚା ଯାହା ଭିତରେ କିଛି ଟେଂଟ୍ ଲଗାଯାଇଥିଲା । ସେଥିରେ ଅମାର୍ ବିନ୍ ୟାସିର୍ ମଧ୍ୟ ଥିଲେ ଓ ଆଉକିଛି ଟେଂଟ୍ ମଧ୍ୟ ଲାଗିଥିଲା ଯେଉଁଥିରେ ଜୁଲ୍‌କଲାଆ ମଧ୍ୟ ଥିଲେ । ଅବୁ ମୈସରାଃ ପଚାରିଲେ ଏହା କିପରି ହୋଇଗଲା କି ଏହି ଲୋକମାନେ ତ ଆପୋଷରେ ଲଢୁଥିଲେ, ଯୁଦ୍ଧ କରୁଥିଲେ । ଏଥିରେ ଉତର ମିଳିଲା କି ସେମାନେ ଇଶ୍ୱରଙ୍କୁ ଓ୍ୱାସେଉଲ୍ ମଗ୍‌ଫିରାଃ ଅର୍ଥାତ୍ ବହୁତ ବଡ଼ କ୍ଷମା ପ୍ରଦାନକାରୀ ରୂପେ ପାଇଛନ୍ତି । ସେଇଥିପାଇଁ ଏବେ ଏଠାରେ ଏକାଠି ହୋଇଗଲେ । (ସୁନନୁଲ୍ କୁବ୍‌ରା, ଲିଲ୍ ବେହ୍‌କି, ଖଣ୍ଡ-୮, ପୃଷ୍ଠା-୩୦୨, କିତାବ୍ ଅହ୍‌ଲୁଲ୍ ବଗା....ହଦିସ୍ ୧୬୭୨୦, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)

ସୁତରାଂ ଏହି ସବୁ ମାମଲା ଗୁଡିକ ଏବେ ଅଲ୍ଲାଃତାଲାଙ୍କ ହାତରେ । ଏହି ମାମଲା ଓ ମତଭେଦ ଗୁଡିକୁ ନିଜ ମନ ଭିତରେ ସ୍ଥାନ ଦେବା ଆମର କାର୍ଯ୍ୟ ନୁହେଁ । ଏହି ମାମଲା ଗୁଡିକୁ ମନ ଭିତରେ ରଖିବା ଯୋଗୁ ଓ ଯୁଦ୍ଧ କାରଣରୁ ମୁସଲ୍‌ମାନ୍ ମାନଙ୍କ ହୃଦୟରେ ଦୂରତା ବଢ଼ି ଚାଲିଲା ଓ ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇ ଚାଲିଲା ଯାହାର ଫଳ ଆମେ ଆଜି ମଧ୍ୟ ଦେଖିବାକୁ ପାଉଛେ । ଏହିସବୁ କଥା ଆମପାଇଁ ମଧ୍ୟ ଶିକ୍ଷା ଅଟେ । ତେଣୁ ଏହିସବୁ କଥା ଗୁଡିକୁ ମନ ଭିତରେ ଆଣିବା ପରିବର୍ତେ ଏକତା ଉପରେ କାଏମ୍ ରୁହ । ଯେବେ ଥରେ ମୁଁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ବର୍ଣ୍ଣିତ ପ୍ରସଙ୍ଗରେ ଅମୀର୍ ମାଓ୍ୱିୟାଙ୍କ କୌଣସି ଏକ ଘଟଣା ବର୍ଣ୍ଣନା କରିଥିଲି ସେତେବେଳେ ମୋ ନିକଟକୁ ଆରବ ଦେଶଗୁଡିକରୁ ଜଣେ ମୋତେ ଲେଖିଲେ କି ସେ ତ ବିଦ୍ରୋହୀ ଓ ହତ୍ୟାକାରୀ ଗୋଷ୍ଠୀମାନଙ୍କ ମଧ୍ୟରୁ ଜଣେ ଥିଲେ ଓ ତାଙ୍କର ସର୍ଦ୍ଦାର ଥିଲେ । (କିନ୍ତୁ) ତାଙ୍କ ନାମ ଆପଣ ଏତେ ସମ୍ମାନ ସହିତ କାହିଁକି ନେଉଛନ୍ତି । ତେବେ ତାଙ୍କପାଇଁ ମଧ୍ୟ ଏହି ସ୍ୱପ୍ନବାଲା ରିଓ୍ୱାୟତ୍‌ର ଉତରଟି ଯଥେଷ୍ଟ ହେବ କି ଅଲ୍ଲାଃତାଲାଙ୍କ ମଗ୍‌ଫିରତ୍ (କ୍ଷମାଦାନ) ଏବଂ ରହେମତ୍ (କରୁଣା ବହୁତ) ବ୍ୟାପକ ଅଟେ । (ତେଣୁ) ନିଜ ମାମଲାକୁ ସମ୍ଭାଳିବା ଉଚିତ୍ ଓ ସେମାନଙ୍କ ସମ୍ବନ୍ଧରେ କିଛି ଭାବିବା ଓ କହିବା ପରିବର୍ତେ ନିଜର ଇସ୍‌ଲାହ୍ (ସଂସ୍କାର/ସୁଧାର) କରିବା ଉଚିତ୍ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ କିଛି ସ୍ଥାନରେ ହଜ୍‌ରତ୍ ମାଓ୍ୱିୟାଙ୍କ ପ୍ରସଙ୍ଗରେ ପ୍ରଶଂସନୀୟ କଥା କହିଛନ୍ତି । (ଉଦ୍ଧୃତ ମଲାଇକାତୁଲ୍ଲାଃ, ଅନ୍‌ଓ୍ୱାରୁଲ୍ ଓ୍ୱଲୁମ୍, ଖଣ୍ଡ-୫, ପୃଷ୍ଠା-୫୫୨)

ତେଣୁ ଆମେ ମଧ୍ୟ ସେହି ବୁଜ୍‌ରୁଗ୍ ମାନଙ୍କ ଭୁଲ୍ ଉପରେ କିଛି କହିବା ପରିବର୍ତେ ସେଥିରୁ ଶିକ୍ଷା ନେବା ଉଚିତ୍ । ହଜ୍‌ରତ୍ ଅମୀର୍ ମାଓ୍ୱିୟାଙ୍କ ସମ୍ବନ୍ଧରେ ଗୋଟିଏ ସ୍ଥାନରେ ଏହା ମଧ୍ୟ ଆସୁଛି କି ଯେବେ ହଜ୍‌ରତ୍ ଅଲୀ ର:ଅ ଓ ତାଙ୍କ ମଧ୍ୟରେ ଯୁଦ୍ଧ ଚାଲିଥିଲା ଓ ମତଭେଦ ମାତ୍ରାଧିକ ବଢ଼ି ଚାଲିଥିଲା ସେତେବେଳେ ଇସାଇ ସମ୍ରାଟ କହିଲେ କି ମୁସଲ୍‌ମାନ୍‌ଙ୍କ ଅବସ୍ଥା ଏବେ ବହତୁ ଦୁର୍ବଳ ହୋଇଯାଇଛି, ତେଣୁ ସେ ଆକ୍ରମଣ କରିବାକୁ ଚାହିଁଲା । ହଜ୍‌ରତ୍ ଅମୀର୍ ମାଓ୍ୱିୟାଙ୍କୁ ସେତେବେଳେ ଏକଥା ଜଣାପଡ଼ିଲା ସେ କହିଲେ ତୁମର ଯଦି ଏହିଭଳି ଭାବନା ରହିଛି ତେବେ ମନେରଖ କି ଯଦି ତୁମେ ଆକ୍ରମଣ କଲ ତେବେ ହଜ୍‌ରତ୍ ଅଲୀ ର:ଅଙ୍କ ଝଣ୍ଡାତଳେ ସର୍ବପ୍ରଥମେ ଲଢ଼ିବା ବାଲା ଜର୍ନେଲ୍ ମୁଁ ହେବି ଯିଏ ତାଙ୍କ ଝଣ୍ଡା ତଳେ ରହି ତାଙ୍କ ତରଫରୁ ତୁମ ବିରୋଧରେ ଲଢ଼ିବ । (ତଫ୍‌ସିର୍ କବୀର୍, ଖଣ୍ଡ-୪, ପୃଷ୍ଠା-୪୩୦) ତେଣୁ ହୋସ୍‌ର ସହିତ କାମ ନିଅ । ତେବେ ଯାହା ହେଉ ସେହି ଲୋକମାନଙ୍କର ଏପରି ପଦମର୍ଯ୍ୟାଦା ମଧ୍ୟ ଥିଲା । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏ ଶକ୍ତି ଓ ସାମର୍ଥ୍ୟ ଦିଅନ୍ତୁ କି ଆମେ ସଦାସର୍ବଦା ଏକ ଓ ଏକତା ଉପରେ କାଏମ୍ ରହିବା ଓ ପୁଣ୍ୟ କାର୍ଯ୍ୟରେ ଆଗକୁ ବଢ଼ି ଚାଲିବା ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

# ଖୁତ୍‌ବା ଜୁମା

ବଦ୍‌ରି ସାହାବା ହଜ୍‌ରତ୍ ସୁବୈବିନ୍ କଏସ୍ ର:ଅ, ହଜ୍‌ରତ୍ ଉନୈସ୍ ବିନ୍ କତାଦାଃ ର:ଅ, ହଜ୍‌ରତ୍ ମୁଲୈଲ୍ ବିନ୍ ୱବ୍‌ରାଃ ର:ଅ, ହଜ୍‌ରତ୍ ନଓଫିଲ୍ ବିନ୍ ଅବ୍‌ଦୁଲ୍ଲାଃ ର:ଅ, ହଜ୍‌ରତ ୱଦିୟା ବିନ୍ ଉମ୍‌ରୋ, ହଜ୍‌ରତ୍ ୟଜିଦ୍ ବିନ୍ ମୁନ୍‌ଜିର୍ ର:ଅ, ହଜ୍‌ରତ୍ ଖାର୍‌ଜା ବିନ୍ ହୁମୈର୍ ଅଶ୍‌ଜଅ ର:ଅ, ହଜ୍‌ରତ୍ ସୁରାକା ବିନ୍ ଉମ୍‌ରୋ ର:ଅ, ହଜ୍‌ରତ୍ ଅବ୍‌ବାଦ୍ ବିନ୍ କଏସ୍ ର:ଅ, ହଜ୍‌ରତ୍ ଅବୁ ଜୟାହ୍ ବିନ୍ ସାବିତ୍ ବିନ୍ ନୋମାନ୍ ର:ଅ, ହଜ୍‌ରତ୍ ଅନ୍‌ସାଃ ର:ଅ, ହଜ୍‌ରତ୍ ଅବୁ କବ୍‌ଶାଃ ସୁଲୈମ୍ ର:ଅ ବିନ୍ କବ୍‌ଶାଃ, ହଜ୍‌ରତ୍ ମର୍‌ସଦ୍ ବିନ୍ ଅବି ମର୍‌ସଦ୍, ହଜ୍‌ରତ୍ ଅବୁ ମର୍‌ସଦ୍ ବିନ୍ କନ୍ନାଜ୍, ହଜ୍‌ରତ୍ ସଲିତ୍ ବିନ୍ କଏସ୍, ହଜ୍‌ରତ୍ ମୁଜଜ୍‌ର ବିନ୍ ଜିୟାଦ୍, ହଜ୍‌ରତ୍ ହୁବାବ୍ ବିନ୍ ମୁନ୍‌ଜର୍, ହଜ୍‌ରତ୍ ରିଫାଆ ବିନ୍ ରାଫେ ରିଜ୍‌ୱାନୁଲ୍ଲାଃ ଆଲୈହିମ୍ ଅଜ୍‌ମଇନ୍‌ଙ୍କ ଜୀବନ ଚରିତ ଏବଂ ସିରତ୍‌ର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

କିଛି ସାହାବାଙ୍କ ଆପୋଷ ମାମଲାରେ ଯେଉଁ ମତଭେଦ ଥିବାର ରିୱାୟତ୍‌ରେ ମିଳୁଅଛି ଏଥିରେ ଆମର ଏ କାର୍ଯ୍ୟ ନୁହେଁ କି ସେହି ମତଭେଦ ଗୁଡ଼ିକୁ ନିଜ ହୃଦୟରେ ସ୍ଥାନ ଦେବା । ଅଲ୍ଲାଃତାଲାଙ୍କ କ୍ଷମା ଓ କରୁଣା ହେଉଛି ବହୁତ ବ୍ୟାପକ । ସେଗୁଡ଼ିକ ସମ୍ବନ୍ଧରେ କିଛି ଚିନ୍ତା କରିବା ଓ କହିବା ପରିବର୍ତ୍ତେ ଆମକୁ ନିଜ ମାମଲା ଗୁଡ଼ିକୁ ସମ୍ଭାଳିବା ଉଚିତ୍ ଏବଂ ନିଜର ଇସ୍‌ଲାହ୍ କରିବା ଉଚିତ୍ । ଅଲ୍ଲାଃତାଲା ଆମକୁ ଶକ୍ତି ଦିଅନ୍ତୁ କି ଆମେ ସର୍ବଦା ଏକ ହୋଇ ରହିବା ଓ ଏକତାକୁ ପ୍ରତିଷ୍ଠା କରିବା ଓ ପୁଣ୍ୟରେ ଆଗକୁ ବଢ଼ିଚାଲିବା ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]**
**(ପ୍ରଦତ୍ତ: ୦୬ ଜୁଲାଇ ୨୦୧୮ ଅନୁଯାୟୀ ୦୬ ୱଫା ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍ ତଉଜ ଓ ସୁରା ଫାତିହାର ପାଠ କରିବା ପରେ ହଜୁର୍ ଅନୱ୍ୱର୍ ଅ:ବ:ଅ କହିଲେ କି ବଦର୍ ଯୁଦ୍ଧରେ ଯେଉଁ ସାହାବାମାନେ ଯୋଗଦେଇ ବୀରଗତିକୁ ପ୍ରାପ୍ତ ହୋଇଥିଲେ ସେମାନଙ୍କର ଚର୍ଚ୍ଚା ଗତ କିଛି ସପ୍ତାହ ଧରି ମୁଁ ଖୁତ୍‌ବା ଜୁମାରେ ଚର୍ଚ୍ଚା କରୁଅଛି । ଇତିହାସ ଏବଂ ଜନଶ୍ରୁତି ମୂଳକ କଥନ ଗୁଡ଼ିକରେ କେତେକ ସାହାବାଙ୍କ ଆତ୍ମଜିବନୀ ବିଷୟରେ ସବିଶେଷ ତଥ୍ୟ ଦେଖିବାକୁ ମିଳିଥାଏ । କିନ୍ତୁ ଅନେକ ସାହାବା ଅଛନ୍ତି ଯେଉଁମାନଙ୍କ ଆତ୍ମଜିବନୀ ବିଷୟରେ ଖୁବ୍ କମ୍ ପରିଚୟ ମିଳିଥାଏ । କିନ୍ତୁ ସେ ଯାହା ହେଉନା କାହିଁକି ବଦର୍ ଯୁଦ୍ଧରେ ସେହି ସାହାବାମାନଙ୍କର ଯୋଗଦାନ ଫଳରେ ସେମାନଙ୍କ ସ୍ଥିତି ତଥା ଅସ୍ତିତ୍ୱ ଓ ପଦମର୍ଯ୍ୟାଦା ଓ ମହତ୍ୱ ରହିଛି । ଫଳସ୍ୱରୂପ ତାହାର ସତା ନିଜ ସ୍ଥାନରେ ବଜାୟ ରହିଛି । ତେଣୁ କରି ତାହା ସବୁ କିଛି ବାକ୍ୟରେ ହେଉ ବା କେତେକ ପଂକ୍ତିରେ ଚର୍ଚ୍ଚା ହେବା ଦରକାର । ତେଣୁ ଆଜି ଯେଉଁ ସାହାବା ମାନଙ୍କ ବିଷୟରେ ମୁଁ ଚର୍ଚ୍ଚା କରିବାକୁ ଯାଉଅଛି ସେମାନଙ୍କ ମଧ୍ୟରେ ଅନେକ ଏମିତି ଅଛନ୍ତି ଯେଉଁମାନଙ୍କ ବିଷୟରେ ଖୁବ୍ କମ୍ ଚର୍ଚ୍ଚା ରହିଛି ।

ତନ୍ମଧ୍ୟରୁ ଜଣେ ସାହାବୀ ହେଉଛନ୍ତି ସବିଇବିନ୍ କଏସ୍ ବିନ୍ ଆଏଶା । କିଛି ଆପଣଙ୍କ ଦାଦାଙ୍କ ନାମ ଅବ୍‌ସା ଏବଂ କିଛି ଲୋକେ ଆଇସା ମଧ୍ୟ ଲେଖିଛନ୍ତି । ସେ ଯାହା ହେଉ ସେ ଅନ୍‌ସାରୀ ଓ ଖଜ୍‌ରଜି ବଂଶୀୟ ଥିଲେ । ସେ ବଦର୍ ଯୁଦ୍ଧ ଓ ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଛନ୍ତି । (ଅସଦୁଲ୍ ଗାବା, ଦ୍ୱିତୀୟ ଖଣ୍ଡ, ପୃଷ୍ଠା-୪୦୭, ସବିଇ ବିନ୍ କଏସ୍.... ବେରୁତ)

ତାଙ୍କ ମା'ଙ୍କ ନାମ ଖଦିଜା ବିନ୍‌ତ୍ ଉମ୍‌ରୋ ବିନ୍ ଜଏଦ୍ ଥିଲା । ତାଙ୍କର ଗୋଟିଏ ପୁତ୍ର ଥିଲା, ଯାହାର ନାମ ଥିଲା ଅବ୍‌ଦୁଲ୍ଲାଃ ଓ ତାର ମା କବିଲା ବନୁ ଜଦାରାର ଥିଲେ । ସେ ପିଲାଦିନୁ ମରିଯାଇଛନ୍ତି । ଏତଦ୍‌ବ୍ୟତୀତ ତାଙ୍କର ଆଉ କୌଣସି ପୁତ୍ର ନଥିଲେ । ହଜ୍‌ରତ୍ ଅବାଦା ବିନ୍ କଏସ୍ ତାଙ୍କର ଭାଇ ଥିଲେ । ହଜ୍‌ରତ୍ ସୁବୈଙ୍କ ଜଣେ ନିଜ ଭାଇ ଜଏଦ୍ ବିନ୍ କଏସ୍ ମଧ୍ୟ ଥିଲେ ।

ଦ୍ୱିତୀୟ ସାହାବି ଜଣକ ହେଉଛନ୍ତି ଉନେସ୍ ବିନ୍ କତାଦା । ୱହଦ୍ ଯୁଦ୍ଧ ଅବସରରେ ତାଙ୍କର ଦେହାନ୍ତ ହୋଇଥିଲା । କିଛି ଲୋକ ବର୍ଣ୍ଣନା କରିଛନ୍ତି କି ତାଙ୍କ ନାମ ଅନସ୍ ଥିଲା । ସେ ଯାହା ହେଉ ସଠିକ୍ ନାମ ହେଉଛି ଉନେସ୍ । ମହମ୍ମଦ୍ ବିନ୍ ଇସ୍‌ହାକ୍ ଏବଂ ମହମ୍ମଦ୍ ବିନ୍ ଉମର ତାଙ୍କ ନାମକୁ ଉନେସ୍ ବୋଲି ଲେଖିଛନ୍ତି । ବଦର୍ ଯୁଦ୍ଧରେ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ ଓ ୱହଦ୍ ଯୁଦ୍ଧରେ ଶହିଦ୍ ହେଲେ । ତାଙ୍କର ବି କୌଣସି ସନ୍ତାନ ନଥିଲେ । ଆଉ ଗୋଟିଏ ରିୱାୟତ୍‌ରେ ଆସୁଛି କି ଯେବେ ସେ ୱହଦ୍ ସମୟରେ ଶହିଦ୍ ହୋଇଥିଲେ ସେତେବେଳେ ଖନ୍‌ସା ବିନ୍‌ତ୍ ଖିଦାମ୍ ହଜ୍‌ରତ୍ ଉନେସ୍ ବିନ୍ କତାଦାଙ୍କ ନିକାହ୍‌ରେ ଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠ-୩୦୫-୩୦୬, ଉନେସ୍ ବିନ୍ କତାଦା....ବେରୁତ)

ପୁଣି ଜଣେ ସାହାବୀ ଥିଲେ ଯାହାଙ୍କ ନାମ ଥିଲା ହଜ୍‌ରତ୍ ମୁଲୈଲ୍ ବିନ୍ ୱବରାଃ । ତାଙ୍କ ନାମ ସମ୍ବନ୍ଧରେ ମଧ୍ୟ ଭିନ୍ନ ଭିନ୍ନ ରିୱାୟତ୍ ଅଛି । ଇବ୍‌ନେ ଇସାହାକ୍ ଏବଂ ଅବୁ ନଇମ୍ ତାଙ୍କ ନାମକୁ ମୁଲୈଲ୍ ବିନ୍ ୱବରା ବିନ୍ ଅବ୍‌ଦୁଲ୍ କରିମ୍ ବିନ୍ ଖାଲିଦ୍ ବିନ୍ ଅଜ୍‌ଲାନ୍ ବୋଲି ବର୍ଣ୍ଣନା କରିଛନ୍ତି । ଯେବେ କି ଅବୁ ଉମର୍ ଓ କଲ୍‌ବି ତାଙ୍କର ନାମ ମୁଲୈଲ ବିନ୍ ୱବରାଃ ବିନ୍ ଖାଲିଦ୍ ବିନ୍ ଅଜ୍‌ଲାନ୍ ବୋଲି ବର୍ଣ୍ଣନା କରିଛନ୍ତି । ଅବ୍‌ଦୁଲ୍ କରିମ୍ ମଝିରୁ ବାହାରିଗଲା । ତାଙ୍କର ସମ୍ବନ୍ଧ ଖଜରାଜ କବିଲାର ଶାଖା ବନୁ ଅଜ୍‌ଲାନ୍ ସହିତ ଥିଲା । ବଦର ଯୁଦ୍ଧ ଓ ୱହଦ୍ ଯୁଦ୍ଧରେ ସେ ଯୋଗ ଦେଇଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୨୫୧ ମୁଲୈଲ୍ ବିନ୍ ୱବ୍‌ରାଃ.....ବେରୁତ)

ତାଙ୍କ ସନ୍ତାନମାନଙ୍କ ଭିତରେ ଜଏଦ୍ ଓ ହବିବା ଥିଲେ ଯାହାଙ୍କର ମାତା ହେଉଛନ୍ତି ଉମେ ଜଏଦ୍ ବିନ୍‌ତ୍ ନଜଲା ବିନ୍ ମାଲିକ୍ । ହଜ୍‌ରତ୍ ମୁଲୈଲ୍‌ଙ୍କ ବଂଶ ଆଗକୁ ଚାଲିଲା ନାହିଁ । (ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃଷ୍ଠା-୪୧୬ ମୁଲୈଲ ବିନ୍ ୱବ୍‌ରାଃ....ବେରୁତ୍ ୧୯୯୦)

ତାଙ୍କୁ ଇବ୍‌ନେ ଖାଲିଦ୍ ବିନ୍ ଅଜ୍‌ଲାନ୍ କୁହାଯାଉଥିଲା । ଗୋଟିଏ ରିୱାୟତ୍‌ରେ ଲେଖାଯାଇଛି କି ସେ ବଦର୍ ଯୁଦ୍ଧ ଓ ବାକି ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ । (ଅଲ୍ ଅକ୍‌ମାଲ୍ ଫିଇ ରଫଇଲ୍ ଅର୍‌ତିଆବ୍ ଅନିଲ୍ ମୁତଲଫ୍, ଖଣ୍ଡ-୭, ପୃଷ୍ଠା-୨୨୨....)

ପୁଣି ଜଣେ ସାହାବୀ ହେଉଛନ୍ତି ନୌଫିଲ୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ନଜ୍‌ଲା । ତାଙ୍କ ଦେହାନ୍ତ ୱହଦ୍ ଯୁଦ୍ଧ ସମୟରେ ହୋଇଛି । କିଛି ଲୋକେ ତାଙ୍କର ନାମ ନୌଫିଲ୍ ବିନ୍ ସାଲ୍‌ବା ବିନ୍ ଅବ୍‌ଦୁଲ୍ଲାଃ ବିନ୍ ନଜଲା ବିନ୍ ମାଲିକ୍ ବିନ୍ ଅଜ୍‌ଲାନ୍ ବୋଲି ବର୍ଣ୍ଣନା କରିଛନ୍ତି । ସେ ବଦର ଯୁଦ୍ଧ ଓ ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ଓ ୱହଦ୍ ଯୁଦ୍ଧରେ ଶହିଦ୍ ହେଲେ । ତାଙ୍କ ବଂଶ ଆଗକୁ ବଢ଼ିଲା ନାହିଁ । (ଅସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୩୪୬-୩୪୭....ବେରୁତ)

ପୁଣି ଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ୱଦିଆ ବିନ୍ ଉମ୍‌ରୋ । ଇବ୍‌ନେ କଲ୍‌ବି ତାଙ୍କ ନାମ ୱଦିୟା ବିନ୍ ଉମ୍‌ରୋ ବିନ୍ ୟସାର୍‌ବିନ୍ ଅଓଫ୍ ବର୍ଣ୍ଣନା କରିଛନ୍ତି ଏବଂ ଅବୁ ମାଶର୍ ତାଙ୍କର ନାମ ରିଫାଆ ବିନ୍ ଉମ୍‌ରୋ ବିନ୍ ଜରାଦ୍ ବୋଲି ବର୍ଣ୍ଣନା କରିଛନ୍ତି । ତାଙ୍କ ସମ୍ପର୍କ ବନୁ ଜହିନା ସହିତ ଥିଲା ଯିଏ ହେଉଛି ବନୁ ନଜାର୍‌ର ବନ୍ଧୁ । ସେ ବଦର ଓ ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ହଜ୍‌ରତ୍ ରବିୟା ବିନ୍ ଉମ୍‌ରୋ ହେଉଛନ୍ତି ଆପଣଙ୍କର ଭାଇ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୭୭, ୱଦିୟା ବିନ୍ ଉମ୍‌ରୋ....ବେରୁତ ୧୯୯୦)

ପୁଣି ଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ୟଜିଦ ବିନ୍ ମୁନ୍‌ଜିର୍ ବିନ୍ ସରହ୍ ବିନ୍ ଖୁନ୍ନାସ୍ । ତାଙ୍କ ସମ୍ପର୍କ ବନୁ ଖଜରଜ୍ କବିଲା ସହିତ ଥିଲା । ସେ ବୟତ ଉକ୍‌ବାରେ ସାମିଲ୍ ହୋଇଥିଲେ । ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍ ୟଜିଦ୍ ବିନ୍ ମୁନ୍‌ଜିର୍ ଏବଂ ଆମିର୍ ବିନ୍ ରବିୟାଙ୍କ ମଧ୍ୟରେ ମୁଆଖାତ୍ (ଭାଇଭାଇ) ପ୍ରତିଷ୍ଠା କରିଥିଲେ । ସେ ବଦର୍ ଓ ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଆପଣଙ୍କ ଯେବେ ଦେହାନ୍ତ ହେଲା ସେ ସମୟରେ ଆପଣଙ୍କର କୌଣସି ସନ୍ତାନ ନଥିଲେ । ଆପଣଙ୍କ ଭାଇ ମାକିଲ୍ ବିନ୍ ମୁନ୍‌ଜିର୍ ମଧ୍ୟ ବୟତ ଉକ୍‌ବା, ବଦର୍ ଯୁଦ୍ଧ ଏବଂ ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୩୨, ୟଜିଦ୍ ବିନ୍ ମୁନ୍‌ଜିର୍....ବେରୁତ ୧୯୯୦)

ପୁଣି ଜଣେ ସାହାବୀ ଯାହାଙ୍କ ନାମ ହଜ୍‌ରତ୍ ଖାରିଜା ବିନ୍ ହୁମୈରା ଶଜିଇ ଥିଲା । ଇତିହାସରେ ତାଙ୍କର ନାମକୁ ମଧ୍ୟ ବହୁତ ଭିନ୍ନ ଭିନ୍ନ ଦରଜ କରାଯାଇଛି । ଇବ୍‌ନେ ଇସ୍‌ହାକ୍ ତାଙ୍କର ନାମକୁ ଖାରଜା ବିନ୍ ହୁମେର୍ ବତାଇଛନ୍ତି । ମୁସାବିନ୍ ଅକ୍‌ବା ତାଙ୍କର ନାମକୁ ହାରିସାବିନ୍ ହୁମୈର୍ ବୋଲି ବର୍ଣ୍ଣନା କରିଛନ୍ତି । ୱାକ୍‌ଦି ତାଙ୍କର ନାମକୁ ହମ୍‌ଜାବିନ୍ ହୁମୈର୍ ବୋଲି ବର୍ଣ୍ଣନା କରିଛନ୍ତି । ତାଙ୍କ ବାପାଙ୍କ ନାମ ସମ୍ବନ୍ଧରେ ମଧ୍ୟ ବହୁତ ମତଭେଦ ରହିଛି । କିଛି ଲୋକେ ଖୁମୈର୍ ବୋଲି ବର୍ଣ୍ଣନା କରିଛନ୍ତି । ଯେବେ କି କିଛି ଲୋକେ ତାଙ୍କ ବାପାଙ୍କ ନାମକୁ ଜୁମେରା ଓ ଜୁମେର୍ ବୋଲି ଲେଖିଛନ୍ତି । ସେ ଯାହା ହେଉ ଏକଥାରେ ସମସ୍ତେ ଏକମତ କି ତାଙ୍କର ସମ୍ବନ୍ଧ ଅଶ୍‌ଜଅ କବିଲା ସହିତ ଥିଲା ଓ ତାହା ବନୁ ଖଜ୍‌ରଜ୍‌ର ବନ୍ଧୁ କବିଲା ଥିଲା । ତାଙ୍କ ଭାଇଙ୍କ ନାମ ଅବ୍‌ଦୁଲ୍ଲାଃ ବିନ୍ ହୁମେର୍ ଥିଲା ଯିଏ ବଦର୍ ଯୁଦ୍ଧରେ ତାଙ୍କ ସହିତ ସାମିଲ୍ ହୋଇଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୬୪୯ ହାରିସା ବିନ୍ ଖୁମେର୍.....ବେରୁତ)

ପୁଣି ହଜ୍‌ରତ୍ ସୁରାକା ବିନ୍ ଉମ୍‌ରୋଙ୍କ ଚର୍ଚ୍ଚା ମଧ୍ୟ ରହିଛି । ସେ ଅନ୍‌ସାରି ଥିଲେ । ତାଙ୍କର ପୁରା ନାମ ସୁରାକାବିନ୍ ଅତିଆବିନ୍ ଖନ୍‌ସାଆ ଅନ୍‌ସାରି ଥିଲା । ତାଙ୍କ ଦେହାନ୍ତ ଜମାଦିଲ୍ ଅୱ୍ୱଲ୍ ୮ ହିଜ୍‌ରିରେ ମଉତା ଯୁଦ୍ଧ ସମୟରେ ହୋଇଥିଲା । ତାଙ୍କର ପୁରା ନାମ ସୁରାକା ବିନ୍ ଉମ୍‌ରୋ ବିନ୍ ଅତିଆ ବିନ୍ ହନ୍‌ସାଆ ଅନ୍‌ସାରି ଥିଲା । ତାଙ୍କ ମା'ଙ୍କ ନାମ ଉତୈଲା ବିନ୍‌ତ୍ କଏସ୍ ଥିଲା ଓ ସୁରାକାର ସମ୍ବନ୍ଧ ଅନ୍‌ସାରଙ୍କ ସମ୍ମାନୀୟ କବିଲା ବନୁ ନଜାର୍ ସହିତ ଥିଲା । ତାଙ୍କର ଇସ୍‌ଲାମ୍ ଗ୍ରହଣ କରିବା ସମ୍ବନ୍ଧରେ ମତଭେଦ ରହିଛି । କିଛି ଲୋକଙ୍କ ନିକଟରେ ସେ ହିଜ୍‌ରତ୍ ନବୀ ସ:ଆ:ସଙ୍କ ସହିତ କିଛି ଦିନ ପୂର୍ବରୁ ଓ କିଛି ଲୋକଙ୍କ ନିକଟରେ ସେ ହିଜ୍‌ରତ୍ ନବୱି ସ:ଆ:ସଙ୍କ କିଛି ସମୟ ପରେ ଇସ୍‌ଲାମ୍ ଗ୍ରହଣ କରିଛନ୍ତି । ରସୁଲୁଲ୍ଲାଃ ସ:ଆ:ସ ମିହ୍‌ଜଅ ମୌଲା ଉମର୍ ଏବଂ ସୁରାକା ବିନ୍ ଉମ୍‌ରୋ ମଧ୍ୟରେ ମୁଆଖାତ୍ କାଏମ୍ କରିଥିଲେ । ସେ ବଦର୍ ଯୁଦ୍ଧ, ଓହଦ୍ ଯୁଦ୍ଧ, ଖନ୍ଦକ ଯୁଦ୍ଧ ଏବଂ ଖଏବର୍‌ରେ ଯୋଗ ଦେଇଥିଲେ । ତତ୍‌ସହିତ ତାଙ୍କୁ ସୁଲାହ୍ ହୃଦବିୟା ଓ ଉମ୍‌ରତୁଲ୍ କଜା ଅବସରରେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ସାନିଧ୍ୟ ଓ ନିକଟତା ପ୍ରାପ୍ତ ହୋଇଥିଲା । ହଜ୍‌ରତ୍ ସୁରାକା ବିନ୍ ଉମ୍‌ରୋ ହେଉଛନ୍ତି ସେହି ସୌଭାଗ୍ୟବାନ୍ ସାହାବାମାନଙ୍କ ମଧ୍ୟରୁ ଜଣେ ଯାହାଙ୍କୁ ବୟତେ ରିଜ୍‌ୱାନ୍‌ଠାରେ ଯୋଗଦେବାର ସୌଭାଗ୍ୟ ହାସଲ ହୋଇଛି । ତାଙ୍କ ବଂଶ ଆଗକୁ ଚାଲିଲା ନାହିଁ । ତାଙ୍କର ଶାହାଦତ୍ (ଶହିଦ୍ ହେବା) ଯେପରିକି ମୁଁ ବତାଇଲି ଜମାଦୁଲ୍ ଅୱ୍ୱଲ୍ ୮ ହିଜ୍‌ରିରେ ମଓତା ଯୁଦ୍ଧ ସମୟରେ ହୋଇଥିଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୯୩, ସୁରାକା ବିନ୍ ଉମ୍‌ରୋ....ବେରୁତ୍ ୧୯୯୦)

ପୁଣି ଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ଅବାଦ୍ ବିନ୍ କଏସ୍ । ତାଙ୍କ ଦେହାନ୍ତ ମଧ୍ୟ ମଉତା ଯୁଦ୍ଧ ସମୟରେ ୮ ହିଜିରିରେ ହୋଇଥିଲା । ତାଙ୍କ ନାମ ସମ୍ବନ୍ଧରେ ମଧ୍ୟ ଭିନ୍ନ ଭିନ୍ନ ମତ ମିଳୁଛି । ଗୋଟିଏ ନାମ ଅବାଦା ବିନ୍ କଏସ୍ ବିନ୍ ଐଶା ମଧ୍ୟ ମିଳୁଛି । ସେହିପରି ତାଙ୍କ ଜେଜେଙ୍କ ନାମ ଅବ୍‌ସା ମଧ୍ୟ ବର୍ଣ୍ଣନା କରାଯାଇଛି । ହଜରତ୍ ଅବାଦ୍ ହେଉଛନ୍ତି ହଜ୍‌ରତ୍ ଅବୁ ଦର୍‌ଦାଙ୍କ ଚାଚା । ହଜ୍‌ରତ୍ ଅବାଦ୍ ବଦର୍, ୱହଦ୍, ଖନ୍ଦକ ଏବଂ ଖଏବର୍ ଯୁଦ୍ଧରେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଥିଲେ ।

ସୁଲାହ୍ ହୃଦବିୟାରେ ମଧ୍ୟ ଆପଣ ମଧ୍ୟ ସାମିଲ୍ ହୋଇଥିଲେ ଓ ମଉତା ନାମକ ଯୁଦ୍ଧରେ ଆପଣ ଶହିଦ୍ ହେଲେ । (ତବକାତୁଲ୍ କୁବ୍ରା, ଖଣ୍ଡ-୩, ପୃଷ୍ଠା-୪୦୩, ଅବାଦା ବିନ୍ କଏସ୍....ବେରୁତ ୧୯୯୦)

ପୁଣି ହଜ୍‌ରତ୍ ଅବୁ ଜୟାହ ବିନ୍ ସାବିତ୍ ବିନ୍ ନୁମାନ୍ ଅଛନ୍ତି । ତାଙ୍କ ଦେହାନ୍ତ ୭ ହିଜ୍‌ରିରେ ହୋଇଛି । ଗୋଟିଏ ରିୱାୟତ୍‌ରେ ଆସୁଛି କି ତାଙ୍କର ନାମ ହେଉଛି ଉମେର୍ ବିନ୍ ସାବିତ୍ ବିନ୍ ନୋମାନ୍ ବିନ୍ ଉମୈୟା ବିନ୍ ଇମ୍‌ରାଅଲ୍ କଏସ୍ । ଆଉ ଗୋଟିଏ ରିୱାୟତ ମୁତାବକ ତାଙ୍କର ନାମ ହେଉଛି ନୋମାନ୍ ବିନ୍ ସାବିତ୍ ବିନ୍ ଇମ୍‌ରାଅଲ୍ କଏସ୍ । ସେ ନିଜ କୁନିୟତ୍ (ଏପରି ନାମ ଯାହା ବାପା, ମା' ପୁଅ, ଝିଅ ଇତ୍ୟାଦିଙ୍କ ସମ୍ବନ୍ଧକୁ ନେଇ କୁହାଯାଏ) ଦ୍ୱାରା ପ୍ରସିଦ୍ଧ ଥିଲେ । ତାହା ହେଉଛି ଅବୁଜ୍ ଜିୟାହ୍ । ବଦର୍, ୱହଦ୍, ଖନ୍ଦକ୍ ଯୁଦ୍ଧ ଓ ହୃଦବିୟାରେ ସାମିଲ୍ ହୋଇଥିଲେ । ସେହିପରି ଖୈବର୍ ଯୁଦ୍ଧରେ ୭ ହିଜ୍‌ରିରେ ଶହିଦ୍ ହୋଇଥିଲେ । ବର୍ଣ୍ଣନା କରାଯାଉଛି କି ଜଣେ ୟହୁଦୀ ତାଙ୍କ ମୁଣ୍ଡକୁ ଆକ୍ରମଣ କରିବା ଦ୍ୱାରା ତାଙ୍କ ମୁଣ୍ଡଟି କଟିଗଲା । ଫଳତଃ ସେ ଶହିଦ୍ ହୋଇଗଲେ । (ତବକାତୁଲ୍ କୁବ୍ରା, ଖଣ୍ଡ-୩, ପୃଷ୍ଠା-୩୬୪-୩୬୫, ଅବୁଜ୍ ଜିୟାହ୍...ବେରୁତ ୧୯୯୦)

ପୁଣି ଜଣେ ସାହାବୀ ଥିଲେ ହଜ୍‌ରତ୍ ଅନସା । ତାଙ୍କ ଦେହାନ୍ତ ବଦର୍ ଯୁଦ୍ଧ ସମୟରେ ହୋଇଥିଲା । କିନ୍ତୁ ଏଥିରେ ମଧ୍ୟ ମତଭେଦ ରହିଛି । କିଛି ଲୋକେ କୁହନ୍ତି କି ହଜ୍‌ରତ୍ ଅବୁବକର୍‌ଙ୍କ ଖିଲାଫତ୍ ପର୍ଯ୍ୟନ୍ତ ସେ ଜିବୀତ ଥିଲେ । ସେ ଯାହାହେଉ ରସୁଲୁଲ୍ଲାଃ ସ:ଆ:ସଙ୍କର ଜଣେ ସ୍ୱାଧୀନ ହବଶି କ୍ରୀତଦାସ ଥିଲେ । ତାଙ୍କର ନାମ ଥିଲା ଅନସା ଓ ଅବୁ ଅନସା ମଧ୍ୟ ଆସୁଛି । ସେହିପରି କିଛି ଲୋକଙ୍କ ନିକଟରେ ଆପଣଙ୍କ କୁନିୟତ୍ ଅବୁ ମସ୍‌ରୁହ ଥିଲା । ହଜ୍‌ରତ୍ ଅନସା ଦାୱତେ ଇସ୍‌ଲାମ୍‌ର ପ୍ରାରମ୍ଭରେ ହିଁ ଇସ୍‌ଲାମ୍ ଗ୍ରହଣ କରିଥିଲେ ଓ ହିଜ୍‌ରତ୍ କରିବା ସମୟରେ ମଦିନା ଗଲେ ଏବଂ ହଜ୍‌ରତ୍ ସାଦ୍‌ବିନ୍ ଖୈସମାଙ୍କର ଅତିଥି ହେଲେ । ସେ ଯେପର୍ଯ୍ୟନ୍ତ ଜିବୀତ ଥିଲେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବା କରିବା ତାଙ୍କର କାର୍ଯ୍ୟ ଥିଲା । ସେ ଏତେ ମାତ୍ରାରେ ଆଜ୍ଞାବହ ଥିଲେ କି ତାଙ୍କ ସମ୍ବନ୍ଧରେ ଆସୁଛି ଯେ ଯେବେ ସେ ବସୁଥିଲେ ସେତେବେଳେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁମତି ନେଇ ବସୁଥିଲେ । ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୩୦୧-୩୦୨, ଅନସା ରଅ ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ) (ସିରତୁ ସାହାବା, ଲେଖକ-ଶାହ୍ ମଇନୁଦ୍ଦିନ୍ ଅହେମଦ୍ ନଦୱି, ଦ୍ୱିତୀୟ ଖଣ୍ଡ, ଦ୍ୱିତୀୟ ଭାଗ, ପୃଷ୍ଠା-୫୮୭, ମୁଦ୍ରଣ- ଦାରୁଲ୍ ଇସାଅତ୍, କରାଚି) (ଅଲ୍ ଅସାବା ଫିତମିଜିସ୍ ସାହାବା, ପ୍ରଥମ ଖଣ୍ଡ, ପୃଷ୍ଠା-୨୮୩, ଅନସା ମୌଲା, ରସୁଲୁଲ୍ଲାଃ ସ:ଆ:ସ, ମୁଦ୍ରଣ ଦାରୁଲ୍ କୁତୁବ୍ ଅଲ୍ ଇଲ୍‌ମିୟା, ବେରୁତ ୧୯୯୫)

ପୁଣି ଜଣେ ସାହାବୀ ଥିଲେ ଯାହାଙ୍କ ନାମ ହେଉଛି ହଜ୍‌ରତ୍ ଅବୁ କବ୍‌ଶା ସୁଲୈମ୍ । ତାଙ୍କର କୁନିୟତ୍ ହେଉଛି ଅବୁ କବ୍‌ଶା । ତାଙ୍କର ଦେହାନ୍ତ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ଯୁଗରେ ହୋଇଥିଲା । କିଛି ଲୋକଙ୍କ ନିକଟରେ ତାଙ୍କ ନାମ ହେଉଛି ସଲ୍‌ମା । ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ଫରାଶୀ କ୍ରିତଦାସ ଥିଲେ । ସେ ବଦ୍ରି ସାହାବା ଥିଲେ । ତାଙ୍କର ଜନ୍ମ ଅସ୍‌ର ଭୂମିରେ ହୋଇଥିଲା । ତାଙ୍କର ଦେଶ ଓ ବଂଶ ସମ୍ବନ୍ଧରେ ଭିନ୍ନ ଭିନ୍ନ ରିୱାୟତ୍ ରହିଛି । କେତେକ କୁହନ୍ତି ଫରାଶୀ, କେତେକ କୁହନ୍ତି ଦୌସୀ ଏବଂ କିଛି କୁହନ୍ତି ମକୀ । ସେ ଦାୱତେ ଇସ୍‌ଲାମ୍‌ର ନିକଟତର ସମୟରେ ଇସ୍‌ଲାମ୍ ଗ୍ରହଣ କରିଥିଲେ ଓ ହିଜ୍‌ରତ୍‌ର ଅନୁମତି ମିଳିବା ପରେ ମଦିନା ଚାଲିଗଲେ ଓ ବଦର୍ ସହିତ ସମସ୍ତ ଯୁଦ୍ଧରେ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଥିଲେ । (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୭, ପୃଷ୍ଠା-୨୮୪, ଅବୁ କବ୍‌ସା ର:ଅ, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୫) (ସିରତୁ ସାହାବା, ଲେଖକ-ଶାହ୍ ମଇନୁଦ୍ଦିନ୍ ଅହେମଦ୍ ନଦୱି, ଦ୍ୱିତୀୟ ଖଣ୍ଡ, ଦ୍ୱିତୀୟ ଭାଗ, ପୃଷ୍ଠା-୫୭୯, ମୁଦ୍ରଣ- ଦାରୁଲ୍ ଇସାଅତ୍, କରାଚି)

ଯେବେ ହଜ୍‌ରତ୍ କବ୍‌ଶା ମଦିନା ଯିବା ପାଇଁ ହିଜ୍‌ରତ୍ କଲେ ସେତେବେଳେ ସେ ହଜ୍‌ରତ୍ କୁଲ୍‌ସୁମ୍ ବିନ୍ ଅଲହଦମ୍‌ଙ୍କ ଘରେ ରହିଲେ । ଆଉଗୋଟିଏ ରିୱାୟତ୍ ମୁତାବକ ସେ ହଜ୍‌ରତ୍ ସାଦ୍‌ବିନ୍ ଖୈସମାଙ୍କ ଘରେ ରହିଲେ । ହଜ୍‌ରତ୍ ଉମର୍ ର:ଅଙ୍କ ଖଲିଫା ହେବାର ପ୍ରଥମ ଦିନ ହଜ୍‌ରତ୍ ଅବୁ କବ୍‌ଶାଙ୍କ ଦେହାନ୍ତ ହୋଇଥିଲା । ତାହା ହେଉଛି ୨୨ ଜମାଦିସ୍ ସାନି ୧୩ ହିଜ୍‌ରିର କଥା । (ତବକାତୁଲ୍ କୁବ୍ରା, ଖଣ୍ଡ-୩, ପୃଷ୍ଠା-୩୬, ଅବୁ କବ୍‌ଶା, ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୦)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ମର୍‌ସଦ୍‌ବିନ୍ ଅବି ମର୍‌ସଦ୍ । ତାଙ୍କ ଦେହାନ୍ତ ସଫର୍ ୩ ହିଜ୍‌ରି ରେ ରଜୈଠାରେ ହୋଇଥିଲା । ସେ ବଦ୍‌ରି ସାହାବା ଥିଲେ । ସେ ହଜ୍‌ରତ୍ ହମ୍‌ଜାଃ ବିନ୍ ଅବ୍‌ଦୁଲ୍ ମୋତଲିବ୍‌ଙ୍କ ହଲିଫ (ଶପଥଧାରୀ ବନ୍ଧୁ) ଥିଲେ । ସେ ନିଜ ବାପାଙ୍କ ସହିତ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଇସ୍‌ଲାମ୍ ପ୍ରକଟ ହେବାର ପ୍ରାରମ୍ଭରେ ହିଁ ସେ ମୁସଲ୍‌ମାନ୍ ହୋଇଯାଇଥିଲେ ଓ ବଦର୍ ଯୁଦ୍ଧ ପୂର୍ବରୁ ହିଜ୍‌ରତ୍ କରି ମଦିନା ଚାଲିଯାଇଥିଲେ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କର ମଆଖାତ୍ ରୂପେ ହଜ୍‌ରତ ଅଓସ୍ ବିନ୍ ସାମତ୍‌ଙ୍କୁ ନିୟୋଜିତ କରିଥିଲେ । ବଦର୍ ଯୁଦ୍ଧ ଦିନ ସେ ଘୋଡାରେ ପହଂଚିଲେ ଓ ସେହି ଘୋଡାର ନାମ ଥିଲା ସବଲ୍ । ଇବ୍‌ନେ ଇସାହାକ୍ ଲେଖୁଛନ୍ତି କି ହଜ୍‌ରତ୍ ମର୍‌ସଦ୍ ର:ଅ ସେହି ଫୌଜି ଦଳର କମାଣ୍ଡର ଥିଲେ ଯାହାକୁ ଆଁ ହଜ୍‌ରତ୍ ସ:ଆ:ସ ରଜିଇ ଆଡକୁ ପଠାଇଥିଲେ । ଏହି ଘଟଣାଟି ସଫର୍ ମାସ ୩ ହିଜ୍‌ରିରେ ଘଟିଥିଲା ଓ କେତେକଙ୍କ ମତରେ ସେହି ସେନାର କମାଣ୍ଡର ହଜ୍‌ରତ୍ ଆସିମ୍ ବିନ୍ ସାବିତ୍ ଥିଲେ । ତବକାତୁଲ୍ କୁବ୍ରା, ଖଣ୍ଡ-୩, ପୃଷ୍ଠା-୩୫,ମୁର୍‌ସଦ୍ ବିନ୍ ଅବି ମୁର୍‌ସଦ୍, ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୦) (ଅସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୧୩୩, ମୁର୍‌ସଦ୍ ବିନ୍ ଅବି ମୁର୍‌ସଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ)

ମୁର୍‌ସଦ୍ ବିନ୍ ଅବି ମୁର୍‌ସଦ୍‌ଙ୍କ ଶହିଦ୍ ହେବାର ଘଟଣାଟି ଏପରିକି ବନୁ ଅଜଲ୍ ଏବଂ କାର୍‌ରା ଇସ୍‌ଲାମ୍ ଗ୍ରହଣ କରିବାର ଅଭିନୟ କରି ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ଧର୍ମ ଶିକ୍ଷା ପାଇବା ପାଇଁ କେତେଜଣ ମୁଅଲିମ୍ (ଶିକ୍ଷକ) ପଠାଇବା ପାଇଁ ଅନୁରୋଧ କଲେ । ଏଥିରେ ଆପଣ ସ:ଆ:ସ ହଜ୍‌ରତ୍ ମୁର୍‌ସଦ୍ ରଜିଅଲ୍ଲାଃ ର:ଅ ବା ହଜ୍‌ରତ୍ ଆସିମ୍ ର:ଅଙ୍କ ପ୍ରତିନିଧିତ୍ୱରେ ଗୋଟିଏ ଦଳ ପଠାଇଲେ । (ଏ ସମ୍ବନ୍ଧରେ ରିୱାୟତ୍‌ରେ ମତଭେଦ ମଧ୍ୟ ରହିଛି) । ଏହି ଲୋକମାନେ ଯେତେବେଳେ ରଜିଇ ସ୍ଥାନରେ ପହଂଚିଲେ ବନୁ ହୁଜେଲ୍ ତରବାରି ନେଇ ଆସିଗଲେ ଓ କହିଲେ କି ଆମର ଉଦ୍ଦେଶ୍ୟ ତୁମକୁ ହତ୍ୟା କରିବାର ନାହିଁ । ବରଂ ତୁମ ପ୍ରତିବଦଳରେ ଆମେ ମକାବାସୀଙ୍କ ଠାରୁ ଧନ ହାସଲ କରିବାକୁ ଚାହୁଁଛୁ ଓ ଆମେ ତୁମ ଜୀବନର ସୁରକ୍ଷା ପାଇଁ ପ୍ରତିଶୃତି ଦେଉଛୁ । ଏଥିରେ ହଜ୍‌ରତ୍ ମର୍‌ସଦ୍ ର:ଅ, ଖାଲିଦ୍ ର:ଅ ଏବଂ ଆସିମ୍ ର:ଅ କହିଲେ କି ଆମକୁ ତୁମମାନଙ୍କ ପ୍ରତିଶୃତିରେ କୌଣସି ଭରଷା ନାହିଁ, ଏହିପରି ସେହି ତିନିଜଣଯାକ ସେମାନଙ୍କ ସହିତ ଲଢ଼ି ଜୀବନ ହାରିଦେଲେ । (ସିରତୁସ୍ ସାହାବା, ଲେଖକ ଶାହ୍ ମୋଇନୁଦ୍ଦିନ୍ ଅହେମଦ୍ ନଦୱି, ଖଣ୍ଡ-୨, ଭାଗ-୨, ପୃଷ୍ଠା-୫୫୫, ମୁଦ୍ରଣ-ଦାରୁଲ୍ ଇଶାଅତ୍ କରାଚି)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ଅବୁ ମର୍‌ସଦ୍ କନ୍ନାଜ୍ ବିନ୍ ଅଲ୍ ହୁସେନ୍ ଗନୱି । କିଛି ଲୋକଙ୍କ ନିକଟରେ ତାଙ୍କର କୁନିୟତ୍ ହେଉଛି ଅବୁହିସ୍‌ନ୍ । ସେ ଶିରିଆର ନିବାସୀ ଥିଲେ । ସେ ଦାୱତେ ଇସ୍‌ଲାମ୍‌ର ପ୍ରାରମ୍ଭରେ ଇସ୍‌ଲାମ୍ ଗ୍ରହଣ କରିଥିଲେ ଓ ହିଜ୍‌ରତ୍‌ର ଅନୁମତି ପରେ ମଦିନା ଚାଲିଗଲେ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କର ମୋଆଖାତ୍ ହଜ୍‌ରତ୍ ଅବାଦା ବିନ୍ ସାମତ୍‌ଙ୍କ ସହିତ କରାଇଦେଲେ । (ସିରତୁସ୍ ସାହାବା, ଲେଖକ ଶାହ୍ ମୋଇନୁଦ୍ଦିନ୍ ଅହେମଦ୍ ନଦୱି, ଖଣ୍ଡ-୨, ଭାଗ-୨, ପୃଷ୍ଠା-୫୮୧ ମୁଦ୍ରଣ-ଦାରୁଲ୍ ଇଶାଅତ୍ କରାଚି) (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୭, ପୃଷ୍ଠା-୩୦୫, ଅବୁ ମର୍‌ସଦ୍ ଗନୱି ର:ଅ, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୫)

ଯେବେ ହଜ୍‌ରତ୍ ଅବୁ ମର୍‌ସଦ୍ ର:ଅ ଏବଂ ତାଙ୍କ ପୁତ୍ର ମର୍‌ସଦ୍ ମଦିନା ଆଡକୁ ହିଜ୍‌ରତ୍ କଲେ ସେତେବେଳେ ସେହି ଦୁଇଜଣଯାକ ହଜ୍‌ରତ୍ କୁଲ୍‌ସୁମ୍ ବିନ୍ ଅଲ୍ ହଦମ୍‌ଙ୍କ ନିକଟରେ ରହିଲେ । କେତେକଙ୍କ ମତରେ ସେହି ଦୁଇଜଣ ହଜ୍‌ରତ୍ ସାଆଦ୍‌ବିନ୍ ଖୈସମାଙ୍କ ନିକଟରେ ରହିଥିଲେ । ହଜ୍‌ରତ୍ ଅବୁ ମର୍‌ସଦ୍ ସମସ୍ତ  ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ହାଜିର୍ ହୋଇଥିଲେ । ତବକାତୁଲ୍ କୁବ୍ରା, ଖଣ୍ଡ-୩, ପୃଷ୍ଠା-୩୪-୩୫, ଅବୁ ମୁର୍‌ସଦ୍, ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୦)

ହଜ୍‌ରତ୍ ଅବୁ ମର୍‌ସଦ୍‌କୁ ଇତିହାସରେ ଏପରି ସ୍ଥାନ ଦିଆଯାଇଛି କି ହଜ୍‌ରତ୍ ହାତିବ୍ ବିନ୍ ଅବି ବଲ୍‌ତାଆ ଫତାହ୍ ମକା ପୂର୍ବରୁ ନିଜ ପିଲପିଲିଙ୍କ ସୁରକ୍ଷା ଚିନ୍ତା କରି ମକାର ଲୋକମାନଙ୍କୁ ଗୁପ୍ତ ରୂପେ ଗୋଟିଏ ଚିଠି ମାଧ୍ୟମରେ ସୂଚନା ଦେବାକୁ ଚାହିଁଲେ । ଏ ବିଷୟରେ ଆଁ ହଜ୍‌ରତ୍ ସ:ଆ:ସ ଜାଣିପାରିଲେ ଅର୍ଥାତ୍ ଅଲ୍ଲାଃତାଲା ତାଙ୍କୁ ବତାଇଦେଲେ । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ ତିନିଜଣ ଆରୋହୀଙ୍କୁ ସେହି ମହିଳାଙ୍କ ପାଖକୁ ପଠାଇଲେ, ଯିଏ ଚିଠିଟିକୁ ନେଇ ଯାଉଥିଲା । ଏହି ଆରୋହୀମାନେ ଉକ୍ତ ଚିଠିଟିକୁ ନେଇ ଆସିଲେ । ସେହି ଆରୋହୀମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ହଜ୍‌ରତ୍ ଅବୁ ମର୍‌ସଦ୍ । ହଜ୍‌ରତ୍ ଅଲୀଙ୍କ ଠାରୁ ରିୱାୟତ୍ ମିଳୁଛି କି ସେ କହୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସ ମୋତେ, ମର୍‌ସଦ୍ ଗନୱି ଓ ଯୁବେରକୁ ପଠାଇଥିଲେ ଓ ଆମେ ଘୋଡାରେ ଯାଇଥିଲୁ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ତୁମେ ବାହାରିଯାଓ ଏପରିକି ଯେବେ ତୁମେ ରଓଜାଏ ଖାଖ୍ ପର୍ଯ୍ୟନ୍ତ ପହଂଚିଯାଅ । ଏହା ହେଉଛି ଏପରି ଏକ ସ୍ଥାନ ଯେଉଁଠି ତୁମକୁ ମୁସ୍‌ରିକ୍ ମାନଙ୍କର ଜଣେ ମହିଳା ମିଳିବେ ଓ ତାଙ୍କ ନିକଟରେ ହାତିବବିନ୍ ଅବି ବଲ୍‌ତାଙ୍କ ତରଫରୁ ମୁସ୍‌ରିକ୍‌ଙ୍କ ନିକଟକୁ ପଠାଯାଇଥିବା ଚିଠିଟି ମିଳିବ । ଏହା ହେଉଛି ବୁଖାରୀର ରିୱାୟତ୍ । (ସହି ବୁଖାରୀ କିତାବୁଲ୍ ମଗାଜି, ବାବ୍ ଫଜଲ୍ ମିନ୍ ଶହଦ୍ ବଦରନ୍, ହଦିସ୍ ନଂ-୩୯୮୩)

ସେ ନବୀ କରିମ୍ ସ:ଆ:ସଙ୍କ ଠାରୁ ଗୋଟିଏ ହଦିସ୍ ରିୱାୟତ୍ କରିଛନ୍ତି । ମୁସ୍‌ଲିମ୍ ଏବଂ ବଗୱି ଇତ୍ୟାଦିରେ ତାଙ୍କର ଏହି ହଦିସ୍‌ଟି ଅଛି । ସେ କହୁଛନ୍ତି କି ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ କହିବାର ଶୁଣିଛି କି କବର ଉପରେ ବସନାହିଁ ଓ ନା ତା ଆଡକୁ ମୁହଁ କରି ନମାଜ ପଢ଼ । (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୭, ପୃଷ୍ଠା-୩୦୫, ଅବୁ ମର୍‌ସଦ୍ ଗନୱି ର:ଅ, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୫)

ତାଙ୍କର ଦେହାନ୍ତ ହଜ୍‌ରତ୍ ଅବୁ ବକର୍ ସିଦ୍ଦିକ୍‌ଙ୍କ ଖିଲାଫତ୍ ସମୟରେ ବାର ହିଜ୍‌ରିରେ ୬୬ ବର୍ଷ ବୟସରେ ହୋଇଥିଲା । (ସିରତୁସ୍ ସାହାବା, ଲେଖକ ଶାହ୍ ମୋଇନୁଦ୍ଦିନ୍ ଅହେମଦ୍ ନଦୱି, ଖଣ୍ଡ-୨, ଭାଗ-୨, ପୃଷ୍ଠା-୫୮୧, ମୁଦ୍ରଣ-ଦାରୁଲ୍ ଇଶାଅତ୍ କରାଚି)

ପୁଣି ଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ସଲ୍‌ତ୍ ବିନ୍ କଏସ୍ ବିନ୍ ଉମ୍‌ରୋ । ତାଙ୍କର ଦେହାନ୍ତ ୧୪ ହିଜ୍‌ରିରେ ହୋଇଥିଲା । ହଜ୍‌ରତ୍ ସଲିତ୍ ବିନ୍ କଏସ୍ ବିନ୍ ଉମ୍‌ରୋ ବିନ୍ ଉବୈଦ୍ ବିନ୍ ମାଲିକ୍ ହେଉଛି ତାଙ୍କର ସମ୍ପୂର୍ଣ୍ଣ ନାମ । ହଜ୍‌ରତ୍ ସଲିତ୍ ବିନ୍ କଏସ୍ ଏବଂ ହଜ୍‌ରତ୍ ଅବୁ ସିର୍‌ମା ଏହି ଦୁଇଜଣଯାକ ଇସ୍‌ଲାମ ଗ୍ରହଣ କରିବା ପରେ ବନୁ ଅଦିବିନ୍ ନଜାର୍ ବଂଶର ପ୍ରତିମାକୁ ଭାଙ୍ଗି ଦେଇଥିଲେ । ଆଁ ହଜ୍‌ରତ୍ ସ:ଆ:ସ ଯେବେ ହିଜ୍‌ରତ୍ କରି ମଦିନା ଚାଲିଗଲେ ସେ ସମୟରେ ଯେବେ ଆଁ ହଜ୍‌ରତ୍ ସ:ଆ:ସ ଓଟ ପିଠିରେ ବସି ମଦିନା ସହର ଭିତରେ ପ୍ରବେଶ କରୁଥିଲେ ସେତେବେଳେ ପ୍ରତ୍ୟେକ କବିଲା ଏହା ଚାହୁଁଥିଲା କି ଆଁ ହଜ୍‌ରତ୍ ସ:ଆ:ସ ତାଙ୍କଘରେ ରୁହନ୍ତୁ । ଯେବେ ଆପଣ ସ:ଆ:ସଙ୍କ ଓଟଟି ବନୁ ଅଦିଙ୍କ ଘର ନିକଟରେ ପହଂଚିଲା ଏବଂ ଏହି ଲୋକମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ମାମୁ ଥିଲେ । କାରଣ ସଲ୍‌ମା ବିନ୍ତ୍ ଉମ୍‌ରୋ, ଅବ୍‌ଦୁଲ୍ ମୋତଲବ୍‌ଙ୍କ ମା' ଏହି କବିଲାର ଥିଲେ । ସେ ସମୟରେ ହଜ୍‌ରତ୍ ସଲିତ୍ ବିନ୍ କଏସ୍, ଅବୁ ସଲିତ୍ ଏବଂ ଉସୈରା ବିନ୍ ଅବୁ ଖାରିଜା ରୋକିବାକୁ ଚାହିଁଲେ । ତେଣୁ ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କୁ କହିଲେ କି ମୋ ଓଟକୁ ଛାଡ଼ିଦିଅ । ବର୍ତମାନ ସେ ମାମୁର୍ ଅଛି । ଅର୍ଥାତ୍ ଯେଉଁଠି ଅଲ୍ଲାଃଙ୍କର ଇଛା ହେବ ସେଠାରେ ସେ ନିଜେ ବସିପଡ଼ିବ । ହଜ୍‌ରତ୍ ସଲିତ୍ ବଦର୍, ୱହଦ୍ ଏବଂ ଖନ୍ଦକ୍ ଓ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଥିଲେ । ଜିସ୍‌ରାବି ଉବେଦ୍ ଯୁଦ୍ଧରେ ୧୪ ହିଜ୍‌ରିକୁ ହଜ୍‌ରତ୍ ଉମର୍‌ଙ୍କ ଖିଲାଫତ୍ ସମୟରେ ସେ ଶହୀଦ୍ ହୋଇଥିଲେ । ତବକାତୁଲ୍ କୁବ୍ରା, ଖଣ୍ଡ-୩, ପୃଷ୍ଠା-୩୮୮, ସଲିତ୍ ବିନ୍ କଏସ୍, ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୦) (ସିରତ୍ ଇବ୍‌ନେ ହଶାମ୍, ପୃଷ୍ଠା-୨୨୯, ବାବ୍ ହିଜ୍‌ରତୁଲ୍ ରସୁଲ୍ ସ:ଆ:ସ, ମୁଦ୍ରଣ ଦାରେ ଇବ୍‌ନେ ହଜମ୍, ବେରୁତ ୨୦୦୯)

ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ମୁଜଜ୍ଜର୍ ବିନ୍ ଜିୟାଦ୍ । ୱହଦ୍ ଯୁଦ୍ଧରେ ସେ ଶହୀଦ୍ ହୋଇଥିଲେ । ମୁଜଜ୍ଜର୍ ତାଙ୍କର ଲକବ୍ ଥିଲା । ଏହାର ଅର୍ଥ ହେଉଛି ମୋଟା ଶରୀର ରଖିଥିବା ବ୍ୟକ୍ତି । ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍ ମୁଜଜ୍ଜର୍ ଓ ହଜ୍‌ରତ୍ ଆକିଲ୍ ବିନ୍ ବୁକେର୍‌ଙ୍କ ମଧ୍ୟରେ ମୁଆଖାତ୍ ପ୍ରତିଷ୍ଠା କରିଥିଲେ । ଆଉ ଗୋଟିଏ ସ୍ଥାନରେ ଆସୁଛି କି ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍

ମୁଜଜର୍ ଏବଂ ହଜ୍‌ରତ୍ ଉକାସା ବିନ୍ ମିହ୍‌ସନ୍‌ଙ୍କ ମଧ୍ୟରେ ମୁଆଖାତ୍ କାଏମ୍ କରିଥିଲେ । ହଜ୍‌ରତ୍ ମୁଜଜର୍ ବଦର୍ ଓ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୫, ପୃଷ୍ଠା-୫୭୨-୫୭୩, ଅଲ୍ ମୁଜଜର୍ ବିନ୍ ଜିୟାଦ୍, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୫) ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୧୭, ଅଲ୍ ମୁଜଜର୍ ବିନ୍ ଜିୟାଦ୍, ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୦) (ଆଇନୁଲ୍ ଅସର୍ ପ୍ରଥମ ଖଣ୍ଡ- ପୃଷ୍ଠା-୨୩୨-୨୩୩, ବାବ ଜିକ୍‌ରୁଲ୍ ମୁଆଖାତ୍, ମୁଦ୍ରଣ- ଦାରୁଲ୍ କଲମ୍ ବେରୁତ ୧୯୯୩)

ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରୁଛନ୍ତି କି ନବୀ କରିମ୍ ସ:ଆ:ସ ଅବୁ ବଖ୍‌ତରିକୁ ହତ୍ୟା କରିବା ପାଇଁ ମନା କରିଥିଲେ । କାରଣ ମକାରେ ସେ ଲୋକମାନଙ୍କୁ ରସୁଲେ କରିମ୍ ସ:ଆ:ସଙ୍କୁ ଦୁଃଖ କଷ୍ଟ ପହଂଚାଇବାରୁ ରୋକିଥିଲେ । (ଏହାର ପ୍ରତିବଦଳରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ତାକୁ ହତ୍ୟା କରନାହିଁ) ଏବଂ ସେ ନିଜେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କୁ କୌଣସି ପ୍ରକାର ଦୁଃଖ କଷ୍ଟ ଦେଇନଥିଲେ । ସେ ଏପରି ଲୋକମାନଙ୍କ ମଧ୍ୟରୁ ଜଣେ ଥିଲେ । ଯିଏ ସେହି ଚୁକ୍ତି ବିରୁଦ୍ଧରେ ସ୍ୱର ଉତୋଳନ କରିଥିଲେ ଯାହାକୁ କୁରେଶ ବନୁ ହାଶିମ ଏବଂ ବନି ମୋତଲବ୍‌ଙ୍କ ବିରୋଧରେ କରିଥିଲା । ହଜ୍‌ରତ୍ ମୁଜଜଲ୍ ଅବୁ ବଖ୍‌ତରିଙ୍କ ସହିତ ସାକ୍ଷାତ୍ କରି କହିଲେ କି ରସୁଲୁଲ୍ଲାଃ ସ:ଆ:ସ ତୁମକୁ ହତ୍ୟା କରିବା ପାଇଁ ଆମକୁ ମନା କରିଛନ୍ତି । ଅବୁ ବଖ୍‌ତରିଙ୍କ ସହିତ ତାର ଜଣେ ସାଥି ମଧ୍ୟ ଥିଲା ଯିଏ ତା ସହିତ ମକାରୁ ବାହାରିଥିଲା । ତା ନାମ ଥିଲା ଜୁନାଦାଃ ବିନ୍ ମୁଲୈହା । ସେ ବନୁ ଲିସ୍ ମଧ୍ୟରୁ ଥିଲା । ଅବୁ ବଖ୍‌ତରିଙ୍କ ନାମ ଥିଲା ଆସ୍ । ସେ କହିଲେ କି ମୋର ଏହି ସାଥିଙ୍କ ବିଷୟରେ କଣ ନିର୍ଦ୍ଦେଶ ଅଛି ? ଏଥିରେ ହଜ୍‌ରତ୍ ମୁଜଜର୍ କହିଲେ କି ନୁହେଁ ଇଶ୍ୱରଙ୍କ ରାଣ ! ଆମେ ତୁମ ସାଥିକୁ ଛାଡ଼ିବୁ ନାହିଁ । ରସୁଲୁଲ୍ଲାଃ ସ:ଆ:ସ ଆମେ କେବଳ ତୁମ ଏକୁଟିଆ ସମ୍ବନ୍ଧରେ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଲା ଯଦି ଆମେ ମରିବୁ ତାହାଲେ ଆମେ ଦୁଇଜଣଯାକ ମିଶିକରି ମରିବୁ । ମୁଁ ଏହା ସହିପାରିବି ନାହିଁ କି ମକାର ମହିଳାମାନେ ଏକଥା କହିବେ କି ମୁଁ ନିଜ ଜୀବନପାଇଁ ମୋ ନିଜ ସାଥିକୁ ଛାଡ଼ି ଦେଇଛି ବୋଲି । ପୁଣି ସେହି ଦୁଇଜଣଯାକ ଆଙ୍କ ସହିତ (ହଜ୍‌ରତ୍ ମୁଜଜର୍‌ଙ୍କ ସହିତ) ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇଗଲେ ଓ ଏହି ଯୁଦ୍ଧ ଦ୍ୱାର ହଜ୍‌ରତ୍ ମୁଜଜର୍ ତାଙ୍କୁ ହତ୍ୟା କଲେ । ହଜ୍‌ରତ୍ ମୁଜଜର୍ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ କହିଲେ କି ମୁଁ ତା ରାଣ ଖାଇ କହୁଛି ଯିଏ ଆପଣଙ୍କୁ ସତ୍ୟର ସହିତ ପ୍ରକଟ କରିଛନ୍ତି କି ମୁଁ ତାକୁ ବହୁତ ବାଧ୍ୟ କରି କହିଥିଲି କି ସେ ବନ୍ଦି ହୋଇଯାଉ ଓ ମୁଁ ତାକୁ ଆପଣଙ୍କ ନିକଟକୁ ନେଇଆସେ । କିନ୍ତୁ ସେ ଏଥିରେ ରାଜି ହେଲାନାହିଁ ଓ ଶେଷରେ ମୋ ସହିତ ଯୁଦ୍ଧ କଲା । ଫଳତଃ ମୁଁ ତାକୁ ହତ୍ୟା କରିଦେଲି । (ଅସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୫୯-୬୦, ଅଲ୍ ମୁଜଜର୍ ବିନ୍ ଜିୟାଦ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ) (ଅୟୁନୁଲ୍ ଅସର୍ ପ୍ରଥମ ଖଣ୍ଡ, ପୃଷ୍ଠା-୩୦୧, ବାବ୍ ଗଜୁଆ ବଦର୍, ମୁଦ୍ରଣ ଦାରୁଲ୍ କଲମ୍ ବେରୁତ୍ ୧୯୯୩)

ହଜ୍‌ରତ୍ ମୁଜଜର୍‌ଙ୍କ ସନ୍ତାନମାନେ ମଦିନା ଓ ବାଗ୍‌ଦାଦ୍‌ରେ ଥିଲେ । ଅବି ଓ୍ୱଜିଜାଙ୍କ ଠାରୁ ବର୍ଣ୍ଣିତ ଅଛି କି ଓ୍ୱହଦ୍ ଯୁଦ୍ଧରେ ଶହୀଦ୍ ହୋଇଥିବା ଯେଉଁ ତିନିଜଣ ଗୋଟିଏ କବର୍‌ରେ ଦଫନ କରାଯାଇଥିଲେ ସେ ହେଉଛନ୍ତି ମୁଜଜର୍ ବିନ୍ ଜୟାଦ୍, ନୋମାନ୍ ବିନ୍ ମାଲିକ୍ ଏବଂ ଅବ୍‌ଦାବିନ୍ ହସ୍‌ହାସ୍ । ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୧୭, ଅଲ୍ ମୁଜଜର୍ ବିନ୍ ଜିୟାଦ୍, ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୦)

କିନ୍ତୁ ଆଉ ଏକ ରିଓ୍ୱାୟତ୍‌ରେ ଏହା ମଧ୍ୟ ଆସୁଛି କି ହଜ୍‌ରତ୍ ଅନିସା ବିନ୍ତ ଅଦି ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ହାଜିର୍ ହେଲେ ଓ କହିଲେ କି ହେ ରସୁଲୁଲ୍ଲାଃ ସ:ଆ:ସ । ମୋ ପୁଅ ଅବ୍‌ଦୁଲ୍ଲାଃ ଯିଏ ହେଉଛନ୍ତି ବଦ୍‌ରି ସେ ଓ୍ୱହଦ୍ ଯୁଦ୍ଧରେ ଶହିଦ୍ ହୋଇଯାଇଛନ୍ତି । ତେଣୁ ମୋର ଏ ଇଚ୍ଛା ଅଛି କି ମୁଁ ମୋ ପୁତ୍ରକୁ ନିଜ ଘର ନିକଟରେ ଦଫନ କରିବି, ଯଦ୍ୱାରା ମୋତେ ତାଙ୍କ ନିକଟତା ହାସଲ ହେବ । ଏଥିରେ ହଜୁର୍ ଅନୁଓ୍ୱର୍ ସ:ଆ:ସ ଅନୁମତି ପ୍ରଦାନ କଲେ ଓ ଏ ଫଇସଲା ମଧ୍ୟ କଲେ କି ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କ ସହିତ ତାଙ୍କ ବନ୍ଧୁ ହଜ୍‌ରତ୍ ମୁଜଜର୍‌ଙ୍କୁ ମଧ୍ୟ ଗୋଟିଏ କବରରେ ଦଫନ କରାଯାଉ । ସୁତରାଂ ସେହି ଦୁଇଜଣ ସାଥିଙ୍କୁ ଗୋଟିଏ କମ୍ବଳରେ ଗୁଡାଇ ଓଟ ଉପରେ ରଖି ମଦିନା ପଠାଗଲା । ତାଙ୍କ ମଧ୍ୟରୁ ଅବ୍‌ଦୁଲ୍ଲାଃ ଟିକିଏ ପତଳା ଶରୀରର ଥିଲେ । ଯେବେ କି ମୁଜଜର୍ ମାଂସାଳ ଶରୀରର ଥିଲେ । କହୁଛନ୍ତି ରିଓ୍ୱାୟତ୍‌ରେ ଆସୁଛି କି ଓଟ ଉପରେ ଦୁଇଜଣଙ୍କର ଓଜନ ଏକାପରି ଥିଲା । ଓଟରୁ ତାଙ୍କୁ ଓହ୍ଲାଇଥିବା ବ୍ୟକ୍ତି ଏହା ଦେଖିଲେ । ଏଥିରେ ଲୋକମାନେ ବହୁତ ଆଶ୍ଚର୍ଯ୍ୟ ହେଲେ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ଦୁଇଜଣଙ୍କର କାର୍ଯ୍ୟ ତାଙ୍କୁ ସମାନତା ପ୍ରଦାନ କରିଛି । (ଅସଦୁଲ୍ ଗାବା, ଖଣ୍ଡ-୭, ପୃଷ୍ଠା-୩୧, ଅନିସା ବିନ୍ତ ଅଦି, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ)

ହଜ୍‌ରତ୍ ହୁବାବ୍ ବିନ୍ ମୁନ୍‌ଜିର୍ ବିନ୍ ଜମୁହ୍ ହେଉଛନ୍ତି ଆଉଜଣେ ସାହାବୀ । ତାଙ୍କ ଦେହାନ୍ତ ହଜ୍‌ରତ୍ ଉମରଙ୍କ ଖିଲାଫତ୍ ସମୟରେ ହୋଇଥିଲା । ହଜ୍‌ରତ୍ ହୁବାବ୍ ବିନ୍ ମୁନ୍‌ଜିର୍ ବଦର୍, ଓ୍ୱହଦ୍, ଖନ୍ଦକ୍ ଏବଂ ବାକି ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସାଥିରେ ଥିଲେ । ଓ୍ୱହଦ୍ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଦୃଢ଼ତାର ସହିତ ରହିଲେ ଓ ମରିବା ପାଇଁ ଆପଣ ସ:ଆ:ସଙ୍କ ଜରିଆରେ ବୟତ କଲେ । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୬୬୬, ବାବ୍ ବିନ୍ ମୁନ୍‌ଜର୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୨୮, ହବାବ୍ ବିନ୍ ମୁନ୍‌ଜିର୍, ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୦)

ତାଙ୍କ ସମ୍ବନ୍ଧରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ମଧ୍ୟ ସିରତେ ଖାତମୁନ୍ ନବୀୟିନ୍ ପୁସ୍ତକରେ ଲେଖିଛନ୍ତି କି ''ଯେଉଁ ସ୍ଥାନରେ ଇସ୍‌ଲାମୀୟ ସେନା ଡେରା ପକାଇଥିଲା ତାହା ଏପରି କୌଣସି ଉତମ ସ୍ଥାନ ନଥିଲା । ସେଥିରେ ହଜ୍‌ରତ୍ ହୁବାବ୍ ବିନ୍ ମୁନ୍‌ଜିର୍ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପଚାରିଲେ କି କଣ ଇଶ୍ୱରଙ୍କ ସ୍ୱର୍ଗବାଣୀ ଅନ୍ତର୍ଗତ ଆପଣ ଏ ସ୍ଥାନକୁ ପସନ୍ଦ କରିଛନ୍ତି ବା କେବଳ ରଣନୀତି ରୂପେ ଏହାକୁ ଗ୍ରହଣ କରିଛନ୍ତି ? ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ଏ ସମ୍ବନ୍ଧରେ କୌଣସି ପ୍ରକାରର ଇଶ୍ୱରଙ୍କ ନିର୍ଦ୍ଦେଶ ନାହିଁ । ତୁମେ ଯଦି କୌଣସି ମତ ଦେବାପାଇଁ ଚାହୁଁଛ ତେବେ ବତାଅ । ଏଥିରେ ହଜ୍‌ରତ୍ ହୁବାବ୍ ବିନ୍ ମୁନ୍‌ଜିର୍ କହିଲେ କି ମୋ ମତରେ ଏ ସ୍ଥାନ ଠିକ୍ ନୁହେଁ । ଭଲ ହେବ କି ଆଗକୁ ବଢ଼ି କୁରୈଶ୍‌ଙ୍କ ନିକଟତର ଝରଣାକୁ କବ୍‌ଜା କରି ନିଆଯାଉ । ମୁଁ ସେହି ଝରଣାକୁ ଜାଣିଛି । ତା ପାଣି ମଧ୍ୟ ଭଲ ଓ ବହୁତ ମାତ୍ରାରେ ପାଣି ଥାଏ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କର ଏହି ମତକୁ ପସନ୍ଦ କଲେ ଓ ଯେହେତୁ ଏପର୍ଯ୍ୟନ୍ତ କୁରୈଶ ଟିଲାର ଅନ୍ୟପଟେ ଡେରାପକାଇ ରହିଥିଲେ ଏବଂ ଏହି ଝରଣାଟି ଖାଲିଥିଲା (ତେଣୁ) ମୁସଲ୍‌ମାନ୍‌ମାନେ ଆଗକୁ ବଢ଼ି ସେହି ଝରଣାକୁ କବ୍‌ଜା କରିନେଲେ । କିନ୍ତୁ ଯେପରିକି ପବିତ୍ର କୋରାନ୍‌ରେ ଏ ଇସାରା ମିଳୁଛି ସେ ସମୟରେ ଉକ୍ତ ଝରଣାରେ ମଧ୍ୟ ପାଣି ଅଧିକ ନଥିଲା ଓ ମୁସଲ୍‌ମାନଙ୍କୁ ପାଣିର ଅଭାବ ଅନୁଭବ ହେଲା । ପୁଣି ଏପରି ହେଲା କି ଓ୍ୱାଦି (ସମତଳ ଭୂମି)ର ଯେଉଁପଟେ ମୁସଲ୍‌ମାନ୍‌ମାନେ ଥିଲେ ତାହା ଏତେ ଭଲ ସ୍ଥାନ ନଥିଲା । କାରଣ ସେପଟେ ବହୁତ ବାଲି ଥିଲା । ସେଥିଯୋଗୁ ପାଦ ଭୂଇଁ ଉପରେ ଠିକ୍ ରୂପେ ରହୁନଥିଲା । ପୁଣି ଇଶ୍ୱରଙ୍କ ଦୟା ଏପରି ହେଲା କି କିଛି ବର୍ଷା ମଧ୍ୟ ହୋଇଗଲା ସେଥିଯୋଗୁଁ ମୁସଲ୍‌ମାନ୍ ମାନଙ୍କୁ ଏ ଅବସର ମିଳିଗଲା କି ହୌଜ୍ (ପାଣି ରଖିବାର ସ୍ଥାନ) ବନାଇ ପାଣିକୁ ଏକାଠି କରିନେଲେ ଓ ଏହି ବର୍ଷା ଦ୍ୱାରା ଏ ଲାଭ ମଧ୍ୟ ହେଲା କି ବାଲି ବସିଗଲା ଓ ପାଦ ଭୂଇଁ ଭିତରେ ଧସିଲା ନାହିଁ ଓ ଅନ୍ୟପଟେ କୁରୈଶ୍ ରହିଥିବା ସ୍ଥାନରେ କାଦୁଅର ପରିସ୍ଥିତି ସୃଷ୍ଟି ହୋଇଗଲା । ସେପଟର ପାଣି ମଧ୍ୟ ଅସନା ଓ ମଇଳା ହୋଇଗଲା'' । (ଉଦ୍ଧୃତ ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୩୫୬-୩୫୭)

ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅ ବର୍ଣ୍ଣନା କରୁଛନ୍ତି କି ହଜ୍‌ରତ୍ ଜିବ୍‌ରାଇଲ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ ହୋଇ କହିଲେ କି ସଠିକ୍ ରାୟ ଏହା କି ଯାହାର ପ୍ରସ୍ତାବ ହଜ୍‌ରତ୍ ହୁବାବ୍ ବିନ୍ ମୁନ୍‌ଜିର୍ ଦେଇଛନ୍ତି । ରସୁଲୁଲ୍ଲାଃ ସ:ଆ:ସ କହିଲେ ହେ ହୁବାବ୍ ! ତୁମେ ବୁଦ୍ଧିମତାର ପ୍ରସ୍ତାବ ଦେଇଛ । ବଦର୍ ଯୁଦ୍ଧରେ ଖଜ୍‌ରଜ୍‌ର ଝଣ୍ଡା (ପତାକା) ହଜ୍‌ରତ୍ ହୁବାବ୍ ବିନ୍ ମୁନ୍‌ଜର୍‌ଙ୍କ ନିକଟରେ ଥିଲା । ହଜ୍‌ରତ୍ ହୁବାବ୍ ବିନ୍ ମୁନ୍‌ଜର୍‌ଙ୍କ ବୟସ ବଦର ଯୁଦ୍ଧରେ ସାମିଲ୍ ହେବା ସମୟରେ ୩୩ ବର୍ଷ ହୋଇଥିଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୨, ପୃଷ୍ଠା-୧୦, ଗଜ୍‌ଓ୍ୱା ବଦର୍, ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୦)

ତାଙ୍କ ସମ୍ପର୍କରେ ଆହୁରି କିଛି ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ସିର୍‌ତ୍ ଖାତମୁନ୍ ନବୀୟିନ୍ ପୁସ୍ତକରେ ଲେଖିଛନ୍ତି କି ''ଯେବେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିଜ ଗୁପ୍ତଚରଙ୍କ ଦ୍ୱାର କୁରୈଶଙ୍କ ସେନା ନିକଟରେ ପହଂଚିବାର ଖବର ମିଳିଲା ସେତେବେଳେ ଆପଣ ସ:ଆ:ସ ନିଜର ଜଣେ ସାହାବୀ ହୁବାବ୍ ବିନ୍ ମୁନ୍‌ଜର୍‌ଙ୍କୁ ପଠାଇଲେ କି ସେ ଯାଇ ଶତ୍ରୁମାନଙ୍କର ସଂଖ୍ୟା ଓ ଶକ୍ତି ବିଷୟରେ ଖବର ଆଣନ୍ତୁ ଓ ଆପଣ ସ:ଆ:ସ ତାଙ୍କୁ ତାଗିଦ୍ କରି କହିଲେ କି ଯଦି ଶତ୍ରୁଦଳଙ୍କ ଶକ୍ତି ଅଧିକ ଥିବ ଓ ମୁସଲ୍‌ମାନଙ୍କ ପାଇଁ ବିପଦର ଅବସ୍ଥା ଥିବ ତେବେ ଫେରିଆସି ମଜ୍‌ଲିସ୍‌ରେ ଏକଥା କହିବ ନାହିଁ କି ବହୁ ସଂଖ୍ୟାରେ ଲୋକ ଅଛନ୍ତି ବୋଲି ବରଂ ଅଲଗା ହୋଇ ଏ ବିଷୟ ଜଣାଇବ । (ନଚେତ୍) ଏହାଦ୍ୱାରା ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ନିରାଶା ବ୍ୟାପିଯିବ । ହୁବାବ୍ ଲୁଚି ଛପି କରି ଗଲେ ଓ ଅତ୍ୟନ୍ତ ହୁସିଆରି ସହିତ ଅଳ୍ପ ସମୟ ମଧ୍ୟରେ ଫେରିଆସି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସମସ୍ତ ବିଷୟ ଅବଗତ କରାଇଲେ । (ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୪୮୪)

ୟହ୍‌ୟା ବିନ୍ ସାଦ୍‌ଙ୍କ ଠାରୁ ବର୍ଣ୍ଣିତ କି ଆଁ ହଜ୍‌ରତ୍ ସ:ଆ:ସ ୟୋମେ କୁରୈଜା ଏବଂ ୟୋମେ ନଜିର୍ ଅବସରରେ ଯେବେ ଲୋକମାନଙ୍କ ଠାରୁ ମତ ମାଗିଲେ ସେତେବେଳେ ହଜ୍‌ରତ୍ ହୁବାବ୍ ବିନ୍ ମନ୍‌ଜିର୍ ଛିଡା ହୋଇ କହିଲେ କି ମୋର ରାୟ ହେଉଛି ଏହା କି ଆମେ ମହଲାର ମଝିରେ ଡେରାପକାଇବା । (ଅର୍ଥାତ୍ ତାଙ୍କ ନିକଟରୁ ନିକଟତର ଯିବା ଯଦ୍ୱାରା ସେଠିକାର କଥା ମଧ୍ୟ ଆମେ ଜାଣିପାରିବା ଓ ସଠିକ୍ ରୂପେ ନିଗ୍‌ରାନି ମଧ୍ୟ ହୋଇପାରିବ) ଏଥିରେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କର ଏହି ପ୍ରସ୍ତାବ ଉପରେ ଅମଳ କଲେ । ହଜ୍‌ରତ୍ ଉମର୍‌ଙ୍କ ଖିଲାଫତ୍ ସମୟରେ ତାଙ୍କର ଦେହାନ୍ତ ହେଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୨୭-୪୨୮, ହୁବାବିନ୍ ମୁନ୍‌ଜର୍, ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୦)

ଆଁ ହଜ୍‌ରତ୍ ସ:ଆ:ସଙ୍କର ଯେତେବେଳେ ଦେହାନ୍ତ ହେଲା ସେ ସମୟରେ ମୁସଲ୍‌ମାନ୍ ମାନଙ୍କର ଯେଉଁ ଅବସ୍ଥା ଥିଲା ତାହା ହଜ୍‌ରତ୍ ଅବୁ ବକର୍ ର:ଅ ଯେଉଁଭଳି କଂଟ୍ରୋଲ୍‌ରେ ଆଣିଲେ ତାର ଗୋଟିଏ ଘଟଣା ହେଉଛି ''ହଜ୍‌ରତ୍ ଅବୁ ବକର୍ ହମ୍‌ଦୋ ସନା (ଇଶ୍ୱରଙ୍କ ସ୍ତୁତିଗାନ) କଲେ ଓ କହିଲେ କି ଦେଖ ଯିଏ ମୁହମ୍ମଦ୍ ସ:ଆ:ସଙ୍କୁ ପୁଜୁଥିଲା ସେ ଶୁଣିନେଉ କି ମୁହମ୍ମଦ୍ ସ:ଆ:ସ ନିଶ୍ଚିତ ରୂପେ ମୃତ୍ୟୁବରଣ କରିସାରିଛନ୍ତି । ଆଉ ଯିଏ ଅଲ୍ଲାଃଙ୍କୁ ପୁଜୁଥିଲା ସେ ଏହା ଜାଣିରଖୁ କି ଅଲ୍ଲାଃ ଜୀବନ୍ତ । ସେ କେବେ ମରିବ ନାହିଁ ଓ ହଜ୍‌ରତ୍ ଅବୁ ବକର୍ ଏହି ଆୟତଟିକୁ ପଢ଼ିଲେ – *ଇନ୍ନକା ମୈୟେତୁନ୍ ଓ୍ୱ ଇନ୍ନହୁମ୍ ମୟତୁନା* ଅର୍ଥାତ୍ ତୁମେ ମଧ୍ୟ ମରିବ ଏବଂ ସେମାନେ ମଧ୍ୟ ମରିବେ । ପୁଣି

وَمَا مُحَمَّدٌ اِلَّا رَسُوۡلٌ ۚ قَدۡ خَلَتۡ مِنۡ قَبۡلِهِ الرُّسُلُ ؕ اَفَا۟ئِنۡ مَّاتَ اَوۡ قُتِلَ انۡقَلَبۡتُمۡ عَلٰۤى اَعۡقَابِكُمۡ ؕ وَمَنۡ يَّنۡقَلِبۡ عَلٰى عَقِبَيۡهِ فَلَنۡ يَّضُرَّ اللّٰهَ شَيۡـئًا ؕ وَسَيَجۡزِى اللّٰهُ الشّٰكِرِيۡنَ

(ଆଲେ ଇମ୍‌ରାନ୍: ୧୪୫)

ଅର୍ଥାତ୍ – ମୁହମ୍ମଦ୍ କେବଳ ଜଣେ ରସୁଲ୍ ଅଟନ୍ତି । ଆପଣ (ସ:ଆ:ସ)ଙ୍କ ପୂର୍ବରୁ ସମସ୍ତ ରସୁଲ୍ ମୃତ୍ୟୁବରଣ କରିସାରିଛନ୍ତି । ସୁତରାଂ ଯଦି ସେ ମୃତ୍ୟୁବରଣ କରନ୍ତି ବା ତାଙ୍କୁ ହତ୍ୟା କରାଯାଏ ତେବେ କଣ ତୁମେମାନେ ପଶ୍ଚାତ୍‌ପଦ ହୋଇ ଫେରିଯିବ ? ଏବଂ ଯେଉଁ ବ୍ୟକ୍ତି ପଶ୍ଚାତ୍‌ପଦ ହୋଇ ଫେରିଯାଏ ସେ ଅଲ୍ଲାଃଙ୍କର କଦାପି କିଛି କ୍ଷତି କରିପାରିବ ନାହିଁ ଏବଂ ଅଲ୍ଲାଃ କୃତଜ୍ଞ ମାନଙ୍କୁ ନିଶ୍ଚୟ ଉତମ ପ୍ରତିଫଳ ପ୍ରଦାନ କରିବେ ।

ସୁଲେମାନ୍ କହୁଛନ୍ତି କି ଏ କଥାକୁ ଶୁଣି ଲୋକମାନେ ଏତେ କାନ୍ଦିଲେ ଯେ ତାଙ୍କର ଶ୍ୱାସ ରୁଦ୍ଧ ହୋଇଗଲା । ସୁଲେମାନ୍ କହୁଛନ୍ତି କି ଅନ୍‌ସାର୍‌ମାନେ ବନିସାଆଦାଙ୍କ ଘରେ ହଜ୍‌ରତ୍ ସାଆଦ୍‌ବିନ୍ ଉବାଦାଙ୍କ ପାଖରେ ଏକତ୍ରିତ ହୋଇ କହିଲେ ଜଣେ ଅମୀର୍ ଆମମାନଙ୍କ ମଧ୍ୟରୁ ହୁଅନ୍ତୁ ଓ ଆଉଜଣେ ଅମୀର୍ ତୁମମାନଙ୍କ ମଧ୍ୟରୁ ହୁଅନ୍ତୁ । ହଜ୍‌ରତ୍ ଅବୁବକର୍ ଏବଂ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ଓ ହଜ୍‌ରତ୍ ଅବୁ ଉବେଦା ବିନ୍ ଜରାହ୍ ସେମାନଙ୍କ ନିକଟକୁ ଗଲେ । ହଜ୍‌ରତ୍ ଉମର୍ କହିବାକୁ ବାହାରୁଥିଲେ ସେହି କ୍ଷଣି ହଜ୍‌ରତ୍ ଅବୁବକର୍ ତାଙ୍କୁ ଚୁପ୍ କରାଇଦେଲେ । ହଜ୍‌ରତ୍ ଉମର୍ କହୁଥିଲେ କି ଅଲ୍ଲାଃଙ୍କ

ରାଣ ! ମୁଁ ଯାହା କହିବାକୁ ଚାହୁଁଥିଲି ଓ ମୁଁ ଯେଉଁ ଭାଷଣ ପ୍ରସ୍ତୁତ କରିଥିଲି ଯାହା ମୋତେ ବହୁତ ପସନ୍ଦ ଥିଲା ଓ ମୁଁ ଡରୁଥିଲି କି ହଜ୍‌ରତ୍ ଅବୁବକର୍ ସେପର୍ଯ୍ୟନ୍ତ ପହଂଚି ପାରିବେ ନାହିଁ ଅର୍ଥାତ୍ ସେପରି କହିପାରିବେ ନାହିଁ ବୋଲି, କିନ୍ତୁ ହଜ୍‌ରତ୍ ଅବୁ ବକର୍‌ଙ୍କ ଭାଷଣ ଏପରି ଥିଲା ଯାହା ଭାଷା ଓ ସାହିତ୍ୟରେ ସମସ୍ତ ଭାଷଣଠାରୁ ବଳିକରି ଥିଲା । ସେ ନିଜର ଭାଷଣ ଭିତରେ ଏହା ମଧ୍ୟ କହିଲେ କି ଆମେ ହେଉଛୁ ଅମୀର୍ ଓ ତୁମେ ହେଉଛ ମନ୍ତ୍ରୀ । ହୁବାବ୍ ବିନ୍ ମୁନ୍‌ଜିର୍ ଏକଥାକୁ ଶୁଣି କହିଲେ କଦାପି ନୁହେଁ । ଏହା ଏକଥା ଏଇଥିପାଇଁ କହୁଛି କି ଏଠି ହୁବାବିନ୍ ମୁନ୍‌ଜିର୍‌ଙ୍କର ଚର୍ଚ୍ଚା ଚାଲିଛି । ହୁବାବିନ୍ ମୁନ୍‌ଜିର୍ ଏହା ଶୁଣି କହିଲେ ଅଲ୍ଲାଃଙ୍କ ରାଣ କଦାପି ନୁହେଁ । ଇଶ୍ୱରଙ୍କ ରାଣ ଆମେ ଏପରି କରିବୁ ନାହିଁ । ଜଣେ ଅମୀର୍ ଆମମାନଙ୍କ ମଧ୍ୟରୁ ହେବେ ଓ ଆଉ ଜଣେ ଅମୀର୍ ଆପଣମାନଙ୍କ ମଧ୍ୟରୁ ହେବେ ଅର୍ଥାତ୍ କୁରୈଶ୍ ମାନଙ୍କ ମଧ୍ୟରୁ ଜଣେ ଓ ଅନ୍‌ସାର୍‌ମାନଙ୍କ ମଧ୍ୟରୁ ଜଣେ ହେବେ । ହଜ୍‌ରତ୍ ଅବୁ ବକର୍ ର:ଅ କହିଲେ ନୁହେଁ ବରଂ ଅମୀର୍ ହେଉଛୁ ଆମେ ତୁମେ ହେଉଛ ମନ୍ତ୍ରୀ । କାରଣ ଏହି କୁରୈଶ୍ ମାନେ ତାଙ୍କ ବଂଶଗତ ଆଭିଜାତ୍ୟ ଯୋଗୁ ସମସ୍ତ ଆରବୀଙ୍କ ଉପରେ ଉଚ୍ଚ ସ୍ଥାନ ରଖିଥିଲେ ଓ ବଂଶଗତ ଦୃଷ୍ଟିକୋଣରୁ ସେମାନେ ହେଉଛନ୍ତି ଆଦିମ ଆରବୀୟ । ସେଇଥିପାଇଁ ଉମର୍ ବା ଅବୁ ଉବେଦାଙ୍କର ବୟତ୍ କର । ହଜ୍‌ରତ୍ ଉମର୍ କହିଲେ ନୁହେଁ । ଆମେ ତ ଆପଣଙ୍କ ହାତରେ ବୟତ୍ କରିବୁ । କାରଣ ଆପଣ ହେଉଛନ୍ତି ଆମ ସର୍ଦ୍ଦାର ଓ ଆପଣ ଆମମାନଙ୍କ ଭିତରୁ ହେଉଛନ୍ତି ଉତମ ଓ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଆପଣଙ୍କ ସହିତ ଆମଠାରୁ ଅଧିକ ପ୍ରେମ ଥିଲା । ଏହା କହି ହଜ୍‌ରତ୍ ଉମର୍ ହଜ୍‌ରତ୍ ଅବୁବକର୍‌ଙ୍କ ହାତକୁ ଧରିନେଲେ ଓ ବୟତ୍ କରିନେଲେ ତତ୍ ସହିତ ଅନ୍ୟ ଲୋକମାନେ ମଧ୍ୟ ତାଙ୍କର ବୟତ୍ କଲେ । ପୁଣି ସମସ୍ତେ ବୟତ୍ କରିନେଲେ । (ସହି ବୁଖାରୀ କିତାବୁଲ୍ ଫଜାଇଲ୍, ଅସହାବୁନ୍ ନବୀ ସ:ଆ:ସ ବାବ୍ କୌଲୁନ୍ ନବୀ ଲୌକୁନ୍‌ତ ମୁତ୍‌ତଖିଜା ଖଲିଲା ହଦିସ୍ ନଂ-୩୬୬୮)

ହଜ୍‌ରତ୍ ହୁବାବ୍ ବିନ୍ ମୁନ୍‌ଜିର୍‌ଙ୍କ ଠାରୁ ବର୍ଣ୍ଣିତ ଯେ ହଜ୍‌ରତ୍ ଜିବ୍ରାଇଲ୍ ଆ:ସ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ନିକଟକୁ ଆସି କହିଲେ ଦୁଇଟି କଥା ଅଛି । ଏହି ଦୁଇଟି ମଧ୍ୟରୁ କେଉଁଟି ଆପଣଙ୍କୁ ଅଧିକ ପସନ୍ଦ ? ଗୋଟିଏ ହେଉଛି ଆପଣ ଏ ଦୁନିଆରେ ନିଜ ସାହାବାଙ୍କ ସହିତ ରହିବେ ବା ନିଜ ପାଳନକର୍ତାଙ୍କ ଆଡକୁ ତା ପ୍ରତିଶୃତି ଅନୁସାରେ ଫେରିଯିବେ ଯାହା ସେ ଆପଣଙ୍କ ସହିତ ବୈଭବପୁର୍ଣ୍ଣ ସ୍ୱର୍ଗରେ ତିଷ୍ଠି ରହିଥିବା ବୈଭବ ବିଷୟରେ ପ୍ରତିଶୃତି ଦେଇଛନ୍ତି ଓ ଏକଥା ମଧ୍ୟ ପ୍ରତିଶୃତି କରିଛନ୍ତି କି ଯାହା ଆପଣଙ୍କୁ ପସନ୍ଦ ହେବ ଓ ଯାହାଦ୍ୱାରା ଆପଣଙ୍କ ଆଖି ଥଣ୍ଡା ହେବ । ଏଥିରେ ଆପଣ ସ:ଆ:ସ ସାହେବଙ୍କୁ ପଚାରିଲେ କି ବତାଓ କି ତୁମମାନଙ୍କର କଣ ମତ ? ଏଥିରେ ସାହାବା କହିଲେ ହେ ଅଲ୍ଲାଃଙ୍କ ରସୁଲ୍ । ଆମକୁ ଏକଥା ଅଧିକ ପସନ୍ଦ କି ଆପଣ ଆମ ସହିତ ରୁହନ୍ତୁ ଓ ଆମକୁ ଆମ ଶତୃମାନଙ୍କ ଦୁର୍ବଳତା ବିଷୟରେ ଅବଗତ କରାନ୍ତୁ ଓ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ଯଦ୍ୱାରା ସେ ତାଙ୍କ ବିରୋଧରେ ଆମକୁ ସାହାଯ୍ୟ କରିବେ ଏବଂ ଆପଣ ସ:ଆ:ସ ଆମକୁ ସ୍ୱର୍ଗୀୟ ଖବରଗୁଡିକୁ ଅବଗତ କରାଇବେ । ଏଥିରେ ରସୁଲେ କରିମ୍ ସ:ଆ:ସ ହୁବାବ୍ ବିନ୍ ମୁନ୍‌ଜିର୍‌ଙ୍କ ଆଡକୁ ଦେଖି କହିଲେ ତୁମକୁ କଣ ହୋଇଯାଇଛି ଯେ ତୁମେ କିଛି କହୁନାହଁ ? ବହୁତ ଚୁପ୍‌ଚାପ୍ ହୋଇ ବସିଛ । ସେ କହୁଛନ୍ତି ମୁଁ ଏଥିରେ କହିଲି ହେ ଅଲ୍ଲାଃଙ୍କ ରସୁଲ୍, ଯାହା କିଛି ଆପଣଙ୍କ ପାଳନକର୍ତା ଆପଣଙ୍କ ନିମନ୍ତେ ପସନ୍ଦ କରିଛନ୍ତି ତାହା ହିଁ ଗ୍ରହଣ କରନ୍ତୁ । ସୁତରାଂ ଆପଣ ମୋ କଥାକୁ ପସନ୍ଦ କଲେ । (ଅଲ୍ ମୁସ୍‌ତଦ୍‌ରକ୍ ଅଲସ୍ ସହିହିନ୍, ଖଣ୍ଡ-୩୩, ପୃଷ୍ଠା-୪୮୩, କିତାବ୍ ମାରେଫତୁସ୍ ସାହାବା ଜିକର୍ ମନାକିବୁଲ୍ ହବାବ୍ ବିନ୍ ମୁନ୍‌ଜିର୍ ର:ଅ, ହଦିସ୍ ନଂ-୫୮୦୩, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୨)

ପୁଣି ଆଉଜଣେ ସାହାବୀୟ ହେଉଛନ୍ତି ହଜ୍‌ରତ୍ ରିଫାଆବିନ୍ ରାଫେ ବିନ୍ ମାଲିକ୍ ବିନ୍ ଅଜ୍‌ଲାନ୍ । ସେ ମଧ୍ୟ ଅନ୍‌ସାରୀ ଥିଲେ । ତାଙ୍କ ଦେହାନ୍ତ ହଜ୍‌ରତ୍ ଅମୀର୍ ମାଓ୍ୱିଆଙ୍କ ଇମାରତ୍‌ର ପ୍ରାରମ୍ଭ ଦିନରେ ହୋଇଥିଲା । ହଜ୍‌ରତ୍ ରିଫାଆ ବିନ୍ ରାଫେ ବିନ୍ ମାଲିକ୍ ବିନ୍ ଅଜ୍‌ଲାନ୍ । ତାଙ୍କ କୁନିୟତ୍ ହେଉଛି ଅବୁ ମାଜ୍ । ତାଙ୍କ ମା ହେଉଛନ୍ତି ଉମେ ମାଲିକ୍ ବିନ୍‌ତ୍ ଉବୈୟା ବିନ୍ ସଲୁଲ୍ ଯିଏ ଅବ୍‌ଦୁଲ୍ଲାଃ ବିନ୍ ଉବୈୟା ବିନ୍ ସଲୁଲ୍ ମୁନାଫିକ୍ ମାନଙ୍କ ସର୍ଦ୍ଦାରଙ୍କ ଭଉଣୀ ଥିଲେ । ସେ ବୟତେ ଉକ୍‌ବାରେ ସାମିଲ୍ ହୋଇଥିଲେ । ବଦର୍ ଓ୍ୱହଦ୍ ଓ ଖନ୍ଦକ୍ ଏବଂ ବୟତେ ରିଜୁଆନ୍ ଓ ସମସ୍ତ ଯୁଦ୍ଧରେ ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଥିଲେ । ତାଙ୍କର ଦୁଇଜଣ ଭାଇଥିଲେ ଖଲ୍ଲାଦ୍ ବିନ୍ ରାଫେ ଏବଂ ମାଲିକ୍ ବିନ୍ ରାଫେ । ଏମାନେ ମଧ୍ୟ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୨୭୯, ରଫାବିନ୍ ରାଫେ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୪୭, ମୁର୍‌ସଦ୍ ରିଫାବିନ୍ ରାଫେ, ମୁଦ୍ରଣ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୦)

ହଜ୍‌ରତ୍ ମାଆଜ୍ ନିଜ ବାପା ହଜ୍‌ରତ୍ ରିଫାବିନ୍ ରାଫେଙ୍କ ଠାରୁ ରିଓ୍ୱାୟତ୍ କରିଛନ୍ତି ଏବଂ ତାଙ୍କ ବାପା ବଦର୍‌ବାସୀଙ୍କ ମଧ୍ୟରୁ ଥିଲେ । ସେ କହିଲେ କି ଜିବ୍ରାଇଲ୍ ନବୀ ସ:ଆ:ସଙ୍କ ନିକଟକୁ ଆସି କହିଲେ ଆପଣ ମୁସଲ୍‌ମାନଙ୍କ ମଧ୍ୟରେ ଅହ୍‌ଲେ ବଦର୍ (ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ମୁସଲ୍‌ମାନ୍‌ମାନେ)ଙ୍କୁ କଣ ପଦମର୍ଯ୍ୟାଦା ଦେଇଛ ? ଏଥିରେ ଆପଣ ସ:ଆ:ସ ଉତର ଦେଲେ କି (ସେମାନେ ହେଉଛନ୍ତି) ଉତମ ମୁସଲ୍‌ମାନ୍ ବା ଏହିପରି କୌଣସି ଏକ ଶବ୍ଦ କହିଲେ । ହଜ୍‌ରତ୍ ଜିବ୍ରାଇଲ୍ ଆ:ସ କହିଲେ ସେହିପରି ଉକ୍ତ ଫରିସ୍ତା ମଧ୍ୟ ହେଉଛନ୍ତି ସର୍ବୋତ୍କୃଷ୍ଟ ଯିଏ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଏହା ହେଉଛି ବୁଖାରୀର ରିଓ୍ୱାୟତ୍ । (ସହି ବୁଖାରୀ କିତାବୁଲ୍ ମଗାଜି ବାବ୍ ଶୋହୁଦୁଲ୍ ମଲାଇକା ବଦରନ୍ ହଦିସ୍ ନଂ-୩୯୯୨)

ମଲାଇକା (ଫରିସ୍ତା) କିପରି ଯୁଦ୍ଧରେ ସାମିଲ୍ ହେଲେ ? ହଜ୍‌ରତ୍ ସୟଦ୍ ଜଏନୁଲ୍ ଆବେଦିନ୍ ଶାହ୍ ସାହିବ ବୁଖାରୀର ଯେଉଁ ଶରାହ୍ (ବ୍ୟାଖ୍ୟା) ଲେଖିଛନ୍ତି ତାହା ହେଉଛି ଏପରିକି ''ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି କି *ଇଜ୍ ୟୁ ହି ରବ୍‌ବୁକା ଇଲଲ୍ ମଲାଇକତି ଅନ୍ନି ମାଆକୁମ୍ ଫସ୍‌ବ୍‌ବିତୁଲ୍ ଲଜିନା ଆମନୁ ସଉଲ୍‌କି ଫିଇ କୁଲୁବିଲ୍ ଲଜିନା କଫରୁର୍ ରୁଉବା ଫଜ୍‌ରିବୁ ଫଓକଲ୍ ଆନାକି ଓ୍ୱଜ୍‌ରିବୁ ମିନ୍‌ହୁମ୍ କୁଲ୍ଲା ବନାନ୍* (ଅନ୍‌ଫାଲ୍:୧୩) ଅର୍ଥାତ୍-ତାହା ଏପରି ସମୟ ଥିଲା ଯେବେ ତୁମ ପାଳନକର୍ତା ଫରିସ୍ତାଙ୍କୁ ମଧ୍ୟ ଓ୍ୱହି କରୁଥିଲା କି ମୁଁ ତୁମ ସହିତ ଅଛି । ତେଣୁ ମୋମିନ୍‌ଙ୍କୁ ଧୈର୍ଯ୍ୟବାନ୍ ବନାଅ । ମୁଁ ଅମାନ୍ୟକାରୀଙ୍କ ହୃଦୟ ଉପରେ ରୋବ୍ (ପ୍ରଭାବ) ପକାଇବି । ତେଣୁ ହେ ମୋମିନ୍‌ମାନେ ତୁମେ ସେମାନଙ୍କ ବେକରେ ଆକ୍ରମଣ କରିଚାଲ ଏବଂ ସେମାନଙ୍କର ଗଣ୍ଠି ଗଣ୍ଠିରେ ଆଘାତ ଲଗାଇଚାଲ । ଜରବୁଲ୍ ଆନାକ୍ ଏବଂ ଜରବୁଲ୍ ରିକାବ୍ ଓ ଜରବୁ କୁଲେ ବନାନ୍ ର ଅର୍ଥ ହେଉଛି ଜୋର୍‌ଦାର୍ ଆକ୍ରମଣ ଯେଉଁଥିରେ ଲକ୍ଷ୍ୟର ଅର୍ଥ ନିହିତ ଅଛି'' । ଏହା ସହିତ ମିଶୁଥିବା ଆଉ ଦୁଇ ତିନୋଟି ରିଓ୍ୱାୟତ୍ ରହିଛି । ସେ ସମ୍ବନ୍ଧରେ ଶାହ୍ ସାହେବ୍ କହୁଛନ୍ତି କି ଏହି ରିଓ୍ୱାୟତ୍ ଅନ୍ତର୍ଗତ ଫରିସ୍ତାଙ୍କ ଉପସ୍ଥିତି ଓ ସାକ୍ଷ ରହିବାର ଯେଉଁ କଥା ରହିଛି ତାହା ଅଜ୍‌କବିଲ୍ ମୁକାଶିଫାତ୍ ଅଟେ । (ଅର୍ଥାତ୍ କଶ୍‌ଫ୍ ଦେଖିବା ଅର୍ଥରେ) ଓ ସେମାନଙ୍କର ଯୁଦ୍ଧ ମଧ୍ୟ ଏହି ପ୍ରକାରର ଥିଲା ଯାହା ତାଙ୍କ ଅବସ୍ଥାର ଅନୁକୁଳ ଅଟେ (ଅର୍ଥାତ୍ ଫରିସ୍ତା ମାନଙ୍କର ଅବସ୍ଥାର ଅନୁକୁଳରେ ଯେଉଁ ଯୁଦ୍ଧ ହୋଇଥାଏ) ନା କି ତୀର କମାଣ ଦ୍ୱାରା । (ଫରିସ୍ତାମାନେ କୌଣସି ପ୍ରକାର ତୀର ଓ ତରବାରି ଉଠାଇ ଧରିନଥିଲେ) ଓ ସେମାନଙ୍କୁ ଦେଖିବା ଆଧାତ୍ମିକ ଆଖିଦ୍ୱାରା ହିଁ ସମ୍ଭବ ନା କି ଭୌତିକ ଆଖିଦ୍ୱାରା । ନବୀ କରିମ୍ ସ:ଆ:ସ ମଧ୍ୟ ଦେଖିଛନ୍ତି ଓ ସାହାବା କରାମ୍ ମଧ୍ୟ ଦେଖିଛନ୍ତି । ସେହିପରି ଦୃଶ୍ୟ ଅଉଲିଆ ଅଲ୍ଲାଃଙ୍କୁ ମଧ୍ୟ ଦେଖାଯାଇଥାଏ । (ଅର୍ଥାତ୍ ଅଲ୍ଲାଃଙ୍କ ଫରିସ୍ତା କିପରି ଲଢ଼ିଥାନ୍ତି) । ଅଲ୍ଲାଃଙ୍କ ଫରିସ୍ତା ମାନଙ୍କ ଅଧିନରେ ଏହା ଥିଲା (ଏହି ବ୍ୟାଖ୍ୟା ଶାହ୍ ସାହେବ୍ କରୁଛନ୍ତି) ଅର୍ଥାତ୍ କୁରୈଶର ନେତୃ ସ୍ଥାନୀୟ ଲୋକେ ନଖ୍‌ଲାର ଘଟଣାରୁ କ୍ରୋଧିତ ହୋଇ ନିଜର ବୁଦ୍ଧି ଓ ବିବେକରୁ ବାହାରି ଗଲେ । ସେହି କାରଣ ଯୋଗୁ ତାହା ଯୁଦ୍ଧର ଗୋଟିଏ କାରଣ ହେଲା, ଯେଉଁଥିରେ କୁଫାରେ କୁରୈଶ ନିଃଶେଷ ହେବା ଯୋଗୁ ଇଶ୍ୱରଙ୍କର ବିଧାନ ସମ୍ପୂର୍ଣ୍ଣ ହେଲା । ଅଲ୍ଲାଃତାଲାଙ୍କ ଫରିସ୍ତା ମାନଙ୍କର କାର୍ଯ୍ୟଶୈଳୀ ଆମମାନଙ୍କ ଶୈଳୀଠାରୁ ଅଲଗା ଓ ସେମାନଙ୍କର ଯୁଦ୍ଧ ନୀତି ଆମ ଯୁଦ୍ଧ ନିତୀଠାରୁ ସ୍ୱତନ୍ତ୍ର । ବଦର୍‌ଠାରେ ଶତୃମାନଙ୍କର ଅକନ୍‌କଲ୍‌ର ଉଚ୍ଚ ସ୍ଥାନରେ ଡେରା ପକାଇବା (ସେମାନେ ଉଚ୍ଚ ସ୍ଥାନରେ ଥିଲେ) ଏବଂ ନବୀ କରିମ୍ ସ:ଆ:ସ ତଳୁଆ ସମତଳ ସ୍ଥାନରେ ଓହ୍ଲାଇବା ଏବଂ ସାହାବା ମାନଙ୍କର ଅଳ୍ପ ସଂଖ୍ୟା ବିଷୟରେ ଶତୃଙ୍କ ଦୃଷ୍ଟି ନ ଦେଖିପାରିବା ବର୍ଷାର ପ୍ରକାଶ ହେବା (ବର୍ଷା ହେଲା) ସାହାବା କରାମ୍‌ଙ୍କ ଗୋଟିଏ ଗୋଟିଏ ତୀର ନିଜର ଲକ୍ଷ୍ୟ ସ୍ଥଳରେ ବିନ୍ଧିବା (ଯେଉଁ ତୀର ଗୁଡିକୁ ସାହାବା ମାରୁଥିଲେ ତାହା ଲକ୍ଷ୍ୟ ସ୍ଥଳରେ ଠିକ୍ ରୂପେ ଲାଗୁଥିଲା) ଓ ସେମାନଙ୍କର ସଫଳ ହେବା ଯୋଗୁ ଶତୃମାନେ ବହୁତ ଆଶ୍ଚର୍ଯ୍ୟ ହେଉଥିଲେ ଓ ବହୁତ ହଇରାଣ ହେଉଥିଲେ ଏବଂ ସାହାବା କରାମ୍ ଦୃଢ଼ତାର ସହିତ ଯୁଦ୍ଧ ଲଢୁଥିଲେ । ଏହାସବୁ ଅଲ୍ଲାଃଙ୍କ ଫରିସ୍ତାଙ୍କ ଚମତ୍କାର ଥିଲା । ଯାହାଙ୍କ ଖବର ଅଲ୍ଲାଃତାଲା ନବୀ କରିମ୍ ସ:ଆ:ସଙ୍କୁ ଏହି ଶବ୍ଦଦ୍ୱାରା ଦେଇଥିଲେ କି *ଇଜ୍ ତସ୍‌ତଗିସୁନା ରବ୍‌ବକୁମ୍ ଫସ୍‌ତଜାବା ଲକୁମ୍ ଅନ୍ନି ମୁମିଦୁକୁମ୍ ବି ଅଲ୍‌ଫିମ୍ ମିନଲ୍ ମଲାଇକତି ମୁର୍‌ଦିଫିନ୍* (ଅନ୍‌ଫାଲ୍:୧୦) ଅର୍ଥାତ୍ ସେ ସମୟକୁ ମଧ୍ୟ ମନେପକାଓ ଯେତେବେଳେ ତୁମେ ନିଜ ପାଳନକର୍ତାଙ୍କ ସମ୍ମୁଖରେ ନିବେଦନ କରୁଥିଲ ସେଥିରେ ତୁମର ପାଳନକର୍ତା ତୁମ ପ୍ରାର୍ଥନାକୁ ଶୁଣିଲେ ଓ କହିଲେ କି ମୁଁ ତୁମମାନଙ୍କର ସାହାଯ୍ୟ ହଜାର ହଜାର ଫରିସ୍ତାଙ୍କ ଦ୍ୱାରା କରିବି ଯାହାଙ୍କ ସେନା ଆଗକୁ ବଢ଼ିଚାଲୁଥିବେ'' । ପୁଣି ଲେଖୁଛନ୍ତି କି ନବୀଙ୍କ ପ୍ରାର୍ଥନାର ଗ୍ରହଣୀୟତା ପାର୍ଥିବ ଆସବାବରେ ଯେଉଁ ସ୍ପନ୍ଦନ ସୃଷ୍ଟି କରୁଥିଲା ତା ଭିତରେ ଏକ ଅଜବ ଧାରା ଦୃଷ୍ଟିଗୋଚର ହେଉଛି । ସେ ସମସ୍ତ ଅଂଶଗୁଡିକ ଉପରେ ଦୃଷ୍ଟି ନିକ୍ଷେପ କରିଲେ ଅଲ୍ଲାଃଙ୍କ ଫରିସ୍ତାଙ୍କ ସେନା କାର୍ଯ୍ୟ କରୁଥିବାର ଦୃଷ୍ଟିଗୋଚର ହୋଇଥାଏ । (ସେ ବର୍ଣ୍ଣନା କରୁଛନ୍ତି କି କିଏ ନବୀ କରିମ୍ ସ:ଆ:ସଙ୍କୁ ତାଙ୍କ ଅସୁବିଧା ସମୟରେ ସୁରକ୍ଷାର ସହିତ ପବିତ୍ର ମକାରୁ ବାହାର କରିଲେ ଏବଂ କିଏ ଅହ୍‌ଲେ ମକା (ମକାବାସୀ)ଙ୍କୁ ଅଚେତ ରଖିଲେ ଓ ପୁଣି କିଏ ସେମାନଙ୍କୁ ସୋର୍ ଗୁମ୍ଫା ପର୍ଯ୍ୟନ୍ତ ଆଣି ଆପଣ ସ:ଆ:ସଙ୍କ ପିଛା କରାଇ କୁରୈଶଙ୍କୁ ନିରାଶାର ସହିତ ଫେରାଇଦେଲା ଓ କିଏ ନବୀ କରିମ୍ ସ:ଆ:ସଙ୍କୁ ସୁରକ୍ଷାର ସହିତ ମଦିନାରେ ପହଂଚାଇଲା ଯାହା ଇସ୍‌ଲାମ୍‌ର ଉନ୍ନତି ନିମନ୍ତେ ଗୁରୁତ୍ୱପୁର୍ଣ୍ଣ କେନ୍ଦ୍ରସ୍ଥଳୀ ହେଲା'' ।

ପୁଣି ଲେଖୁଛନ୍ତି କି ହଜ୍‌ରତ୍ ଅବ୍‌ବାସ୍‌ଙ୍କ ହିଜ୍‌ରତ୍ କରିବା ପରେ ପବିତ୍ର ମକାଠାରେ ଶିର୍କ୍ ଅବସ୍ଥାରେ ରହିବା ଏବଂ ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ପ୍ରକୃତ ସହାନୁଭୁତି ରଖିବା ଓ ଆପଣ ସ:ଆ:ସଙ୍କୁ ମଦିନାରେ ମକାର କୁରୈଶ ମାନଙ୍କ କୁଇଚ୍ଛା ଓ ଯୋଜନା ବିଷୟରେ ଅବଗତ କରାଇବା (ଅର୍ଥାତ୍ ହଜ୍‌ରତ୍ ଅବ୍‌ବାସ୍‌ଙ୍କ ମାଧ୍ୟମରେ) ଏହା ମଧ୍ୟ ଅଲ୍ଲାଃଙ୍କ ଫରିସ୍ତାଙ୍କ କାର୍ଯ୍ୟର ଏକ ଅଂଶ ଅଟେ'' । (ଏହି ଫରିସ୍ତାମାନେ ଏହିଭଳି କାର୍ଯ୍ୟ କରିଥାନ୍ତି) ଏହି ସବୁ ଘଟଣାବଳୀର ପ୍ରଚ୍ଛଦପଟରେ ଫରିସ୍ତାମାନଙ୍କର ତହ୍‌ରିକ୍ କାର୍ଯ୍ୟ କରୁଥିଲା । ଆଁ ହଜ୍‌ରତ୍ ସ:ଆ:ସଙ୍କ ଯୁଦ୍ଧ ଓ ବିଜୟର ବିଷୟରେ ଏହି ବିଶ୍ୱାସ ବର୍ଦ୍ଧକ ଆୟତ ଅର୍ଥାତ୍ *ଇନ୍ନି ମୁମିଦ୍ଦୁକୁମ୍ ବି ଅଲ୍‌ଫିମ୍ ମିନଲ୍ ମଲାଇକତି ମୁର୍‌ଦିଫିନ୍* (ଅଲ୍‌ଫାଲ୍:୧୦) ର ବ୍ୟାଖ୍ୟା ଉପସ୍ଥାପନ କରୁଅଛି'' ।

ପୁଣି ଶାହ୍ ସାହେବ୍ ଆହୁରି ପୁଣି କହୁଛନ୍ତି କି ''ମୁଁ ସହି ବୁଖାରୀ ସମ୍ପୂର୍ଣ୍ଣ ରୂପେ ହଜ୍‌ରତ୍ ଖଲିଫା ଅଓ୍ୱଲ୍ ହଜ୍‌ରତ୍ ମୌଲାନା ନୁରୁଦ୍ଦିନ୍ ସାହେବ ର:ଅଙ୍କ ଠାରୁ ଗୋଟିଗୋଟି କରି ପଢ଼ିଛି ଓ ସେହିପରି ପବିତ୍ର କୋରାନ୍ ମଧ୍ୟ ଅନେକ ଥର ପଢ଼ିଛି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ ମଲାଇକାତୁଲ୍ଲାଃ (ଅଲ୍ଲାଃଙ୍କ ଫରିସ୍ତା) ସମ୍ପର୍କରେ କହୁଥିଲେ କି ନୁରୁଦ୍ଦିନ୍‌ଙ୍କୁ ମଧ୍ୟ ମଲାଇକାତୁଲ୍ଲାଃଙ୍କ ସହିତ କଥାବାର୍ତା ହେବାର ମୌକା ମିଳିଛି ଓ ମଲକି ନେଜାମ୍ ବହୁତ ବ୍ୟାପକ ନେଜାମ୍ ଅଟେ । ମନୁଷ୍ୟର ଶକ୍ତି ଓ ସାମର୍ଥ୍ୟରେ ପ୍ରତ୍ୟେକ ଶକ୍ତି ଓ ସାମର୍ଥ୍ୟ ନିମନ୍ତେ ମଧ୍ୟ ମଲାଇକା ନିୟୋଜିତ ଅଛନ୍ତି । ଦେଖିବାର ଶକ୍ତି ଓ ଦେଖିବା, ଶୁଣିବା ଶକ୍ତି ଓ ଶୁଣିବା, ଅନୁଭବ କରିବାର ଶକ୍ତି ଓ ଅନୁଭବ କରିବା, ବୁଦ୍ଧି, ଜ୍ଞାନ ଓ ଚିନ୍ତା କରିବାର ଶକ୍ତି ସହିତ ଯଦି ମଲାଇକାତୁଲ୍ଲାଙ୍କର ସାହାଯ୍ୟ ଓ ସହଯୋଗ ନହେବ ତେବେ ଏହି ଯେଉଁ ଶକ୍ତି ଗୁଡିକ ବେକାର୍ ବରଂ କ୍ଷତି କରିଥାଏ'' । (ମନୁଷ୍ୟର ସମସ୍ତ ସାମର୍ଥ୍ୟ ଏବଂ ଯେଉଁ ଶକ୍ତି ଅଛି ତାହା ସବୁ ଫରିସ୍ତା ମାନଙ୍କ ଯୋଗୁ କାର୍ଯ୍ୟ କରୁଅଛି) ପୁଣି ଲେଖୁଛନ୍ତି କି ''ତୀର ବା ଗୁଳି ସେ ସମୟରେ ନିଜ ଲକ୍ଷ୍ୟ ସ୍ଥଳରେ ପହଂଚେ ଯେବେ ବୁଦ୍ଧି ଓ ବିବେକ ସଠିକ୍ ଥିବ ଓ ନିକଟ ଓ ଦୂରତାର ସଠିକ୍ ଆକଳନ କରିପାରୁଥିବ, ହୋସ୍ ଠିକ୍ ଥିବ । ହୃଦୟର ଶକ୍ତି ସଠିକ୍ ଥିବ ନଚେତ୍ ତୀର ଲକ୍ଷ୍ୟ ସ୍ଥଳରେ ପହଂଚି ପାରିବ ନାହିଁ'' । ପୁଣି ସେ ଲେଖୁଛନ୍ତି କି (ଖଲିଫା ଅଓ୍ୱଲ୍) ''କହୁଥିଲେ କି ବୁଦ୍ଧି ଓ ଶରୀରର ଗୋଟିଏ ଗୋଟିଏ ଶକ୍ତି ସହିତ ମଲାଇକାତୁଲ୍ଲାଃ ନିୟୋଜି ଅଛନ୍ତି ଓ ସେମାନଙ୍କର ସମ୍ପର୍କ ପ୍ରତ୍ୟେକ ମନୁଷ୍ୟଙ୍କର ପ୍ରତ୍ୟେକ ଶକ୍ତି ଅନୁସାରେ ଭିନ୍ନ ଭିନ୍ନ ଅବସ୍ଥା ଥାଏ (ଯେପରି ବିଶ୍ୱାସ ଓ ଅବିଶ୍ୱାସରେ କମ୍ ଅଧିକା ହୋଇଥାଏ) । ପବିତ୍ର କୋରାନ୍ ସେମାନଙ୍କର ସଂଖ୍ୟା ବଦର୍ ଯୁଦ୍ଧର ଚର୍ଚ୍ଚାରେ ୩୦୦୦ ଏବଂ ଓ୍ୱହଦ୍ ଯୁଦ୍ଧରେ ୫୦୦୦ ବୋଲି ବତାଇଛି । ଏହି ବ୍ୟବଧାନ ସ୍ଥାନ କାଳ ପାତ୍ରର

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ.....*

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ଯେଉଁ ବଡ ବଡ ରାଷ୍ଟ୍ରଗୁଡିକ ଅଛନ୍ତି ଓ ସଂଗଠନ ଗୁଡିକ ତାଙ୍କ କଥାରେ ପରିଚାଳିତ ହେଉଛନ୍ତି ତେଣୁ ସେମାନେ ଏମାନଙ୍କୁ ସାହାଯ୍ୟ କରୁଛନ୍ତି ଓ ଯେତେବେଳେ ସେମାନଙ୍କର ନିଜର ସ୍ୱାର୍ଥ ଶେଷ ହୋଇଯାଉଛି ସେତେବେଳେ ସେମାନେ ଏମାନଙ୍କୁ ଛାଡ଼ି ଦେଉଛନ୍ତି । ଏବେ ଯେପରି ଇରାକ୍ ଓ ଶିରିଆରେ ହେଉଅଛି । ଯେଉଁସବୁ ସଂଗଠନ ଓ ଗ୍ରୁପ୍ ଗୁଡିକ ସେହି ବଡ଼ ବଡ଼ ରାଷ୍ଟ୍ରଙ୍କ ଦ୍ୱାରା ଜନ୍ମା ଯାଇଥିଲେ ସେମାନଙ୍କୁ ପୂର୍ବେ ସାହାଯ୍ୟ କରୁଥିଲେ ଓ ସେମାନଙ୍କ ପାଳିପୋଷି ରଖୁଥିଲେ ଓ ସେମାନଙ୍କୁ ଟ୍ରେଣ୍ଡ୍ କରିକି ରଖୁଥିଲେ । ଯେତେବେଳେ ନିଜର ସ୍ୱାର୍ଥ ଶେଷ ହୋଇଗଲା ସେମାନଙ୍କୁ ଛାଡ଼ିଦେଲେ । ଏବେ ଏହି ସଂଗଠନ ଗୁଡିକ ଓ ଗ୍ରୁପ୍ ଗୁଡିକ ସେମାନଙ୍କ ହାତରୁ ବାହାରି ଗଲେ । ତେଣୁ ସେମାନଙ୍କ ବିରୋଧରେ କାର୍ଯ୍ୟ କରୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଯେବେ ମୁଁ ଆମେରିକାର କ୍ୟାପିଟାଲ୍ ହିଲ୍ଠାରେ ଅଭିଭାଷଣ ପ୍ରଦାନ କରିଥିଲି ଏହାପରେ ଜଣେ କଂଗ୍ରେସ୍ ମ୍ୟାନ୍ ମୋତେ କହିଲେ କି ତୁମେ ବିଲ୍କୁଲ୍ ଠକ୍ କଥା କହିଛ । ଅର୍ଥାତ୍ ଅନ୍ୟମାନଙ୍କ ଧନ ଦୌଲତ ଉପରେ ଦୃଷ୍ଟି ରଖନାହିଁ । ଏହାଦ୍ୱାରା ବିଭ୍ରାଟ ସୃଷ୍ଟି ହେଉଛି । ବଡ ବଡ଼ ରାଷ୍ଟ୍ରଗୁଡିକ ଏହିପରି କରୁଛନ୍ତି ଅର୍ଥାତ୍ ଅନ୍ୟମାନଙ୍କ ଧନଦୌଲତ ଉପରେ ଲୋଲୁପ ଦୃଷ୍ଟି ରଖୁଛନ୍ତି ଓ ପୁଣି ଅନୁଚିତ୍ ଉପାୟରେ ସେହି ସମ୍ପତି ଗୁଡିକୁ ନିଜ ଆୟତରେ ନେଇଯାଉଛନ୍ତି । ଯାହାଦ୍ୱାରା ବିଭ୍ରାଟ ସୃଷ୍ଟି ହେଉଛି ଓ ଶାନ୍ତି କ୍ଷୁର୍ଣ୍ଣ ହେଉଛି ।

କୁବେ ଚର୍ଚ୍ଚର ଚିଫ୍ ପ୍ରିଏଷ୍ଟ୍ କହିଲେ କି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଏତେ ନିକଟରେ ସାକ୍ଷାତ୍ କରିବା ହେଉଛି ମୋ ପାଇଁ ବହୁତ ଗୌରବର ବିଷୟ ।

ମୋର ଶେଷ ପ୍ରଶ୍ନ ହେଉଛି କି ମୁଁ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଠାରୁ ଶାନ୍ତିର ସଂଜ୍ଞା କଣ ପଚାରିବାକୁ ଚାହୁଁଛି କାରଣ ଏପର୍ଯ୍ୟନ୍ତ ମୋତେ ସଠିକ୍ ସଂଜ୍ଞା ମିଳିନାହିଁ । ଏବେ ଆମେ କେବଳ ଶାନ୍ତିର କଥା ହିଁ କହିବୁ । କାରଣ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆମେ ଲକ୍ଷ ଲକ୍ଷ ଲୋକଙ୍କୁ ହରାଇ ସାରିଛୁ ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଇସ୍ଲାମ୍ ମୁତାବକ ଶାନ୍ତିର ସଂଜ୍ଞା ହେଉଛି ଏହା କି ତୁମେ ନିଜ ପାଇଁ ଯାହା ପସନ୍ଦ କରୁଛ ତାହା ଅନ୍ୟମାନଙ୍କ ପାଇଁ ପସନ୍ଦ କର । ଯଦି ଏହି କଥା ଉପରେ ଆମେ ପ୍ରତିଷ୍ଠିତ ହୋଇଯିବା ତେବେ ଅଧିକାରକୁ ନେବାନାହିଁ ବରଂ ଅଧିକାରକୁ ଦେବାର କଥା ହେବ ଏବଂ ଯେତେବେଳେ ଅନ୍ୟମାନଙ୍କୁ ସେମାନଙ୍କର ଅଧିକାର ଦିଆଯିବ ସେତେବେଳେ ପ୍ରେମ, ଭଲପାଇବା, ଭାଇଚାରା ଓ ସୌହାର୍ଦ୍ଦ୍ୟର ବାତାବରଣ ପ୍ରତିଷ୍ଠା ହେବ ଓ ଏହାଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠା ହେବ । ଏହାକୁ ସେ ଏପରି ପ୍ରକାଶ କରି କହିଲେ କି ଏହି ସଂଜ୍ଞାଟି ମନକୁ ପାଇଛି ।

ଶେଷରେ କୁବେ ଚର୍ଚ୍ଚର ଚିଫ୍ ପ୍ରିଏଷ୍ଟ୍ କହିଲେ କି ମୁଁ ଦୁଆ କରୁଛି ଯେ ଏହି ମସ୍ଜିଦ୍ଟି ଜାପାନୀ ମାନଙ୍କ ସହିତ ଯୋଗାଯୋଗ କରିବାର ଉତମ ମାଧ୍ୟମ ହେଉ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆମର ବାର୍ତା ହେଉଛି ପ୍ରେମ, ଭଲପାଇବା, ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତା । ଆପଣମାନେ ଯଦି ଆମର ବାର୍ତାକୁ ବୁଝିନେବେ ତେବେ ପୁଣି ଏ ସମାଜରେ ଶାନ୍ତି ପ୍ରତିଷ୍ଠା ହେବ ।

**ମସ୍ଜିଦ୍ ବଇତୁଲ୍ ଅହଦ୍ର**
**ଉଦ୍ଘାଟନୀ ଉତ୍ସବ**

ଆଜି ମସ୍ଜିଦ୍ ବଇତୁଲ୍ ଅହଦ୍ର ଉଦ୍ଘାଟନ ଅବସରରେ ମସ୍ଜିଦ୍ର ବାହ୍ୟ ପ୍ରାଙ୍ଗଣରେ ଗୋଟିଏ ଟେଂଟ୍ ଲଗାଯାଇ ଏକ ଉତ୍ସବର ଆୟୋଜନ କରାଯାଇଥିଲା । ଏଥିରେ ବହୁ ସଂଖ୍ୟକ ଜାପାନୀ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଆଜିର ଏହି ଉତ୍ସବରେ ୧୦୯ ଜଣ ଜାପାନୀ ଅତିଥି ଓ ୮ ଜଣ ଅନ୍ୟାନ୍ୟ ଆନ୍ତର୍ଦେଶୀୟ ଅଣଜମାତିୟ ଅତିଥି ସାମିଲ୍ ହୋଇଥିଲେ ।

ଏହି ଅତିଥିମାନଙ୍କ ମଧ୍ୟରୁ Ohsumi Yoshio sb president of AMA city interntional association, Mr. Miyake Isao sb member of state parliament, Mr. Yuko Higashi sb member of state parliamment, Mr. Taijun Sato sb resident priest of Zen temple, Mr. Shouji Yoshiaki sb member of parliament Ishinomaki city, Mr. Miwa Hiroshi sb member of parliament Nagoya, Mr. Kuze Takahiro sb, Mr. Takashi Wasada Director of international turism inuyama city Aichi Govt. ଏବଂ ଏତଦ୍ବ୍ୟତୀତ ପ୍ରଫେସର ସାହେବ ଗଣ, ଡାକ୍ତରମାନେ, ଶିକ୍ଷକବୃନ୍ଦ, ଇଞ୍ଜିନିୟର୍, ଓକିଲ, ଜର୍ନାଲିଷ୍ଟ୍, ୟୁନିଭରସିଟିର ଶିକ୍ଷାର୍ଥୀ ଓ ପ୍ରତ୍ୟେକ ବିଭାଗ ସହିତ ସମ୍ପର୍କ ରଖିଥିବା ଲୋକେ ସାମିଲ୍ ଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଆଗମନ ପୂର୍ବରୁ ଏହି ସମସ୍ତ ଅତିଥି ବୃନ୍ଦ ନିଜ ନିଜ ସ୍ଥାନରେ ବସି ସାରିଥିଲେ । ଏହି ଅତିଥିମାନଙ୍କ ବ୍ୟତୀତ ବିଭିନ୍ନ ଦେଶରୁ ଆସିଥିବା ଜମାତି ଓ୍ୱହ୍ଦାଦାର୍ମାନେ ଓ ଜମାତ୍ର ଅନ୍ୟାନ୍ୟ ସଦସ୍ୟଗଣ ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ ।

ପ୍ରୋଗ୍ରାମ୍ ମୁତାବକ ୫:୩୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହି ଉତ୍ସବରେ ଯୋଗଦେବାପାଇଁ ଟେଂଟ୍ ଭିତରେ ପ୍ରବେଶ କଲେ । କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର କୋରାନ୍ର ପାଠ ସହିତ ହେଲା । ଯାହା ମୋକରମ୍ ହାଫିଜ୍ ଅମ୍ଜାଦ୍ ସାହେବ୍ ପାଠ କଲେ ଏବଂ ଅଜିଜମ୍ ସୟଦ୍ ଇବ୍ରାହିମ୍ ସାହେବ୍ (ଶିକ୍ଷାର୍ଥୀ ଜାମିଆ ଅହେମଦୀୟା କାନାଡ଼ା) ଏହାର ଜାପାନୀ ଅନୁବାଦ ଉପସ୍ଥାପନ କଲେ ।

ଏହାପରେ ଅଜିଜମ୍ ନଜିବୁଲ୍ଲାଃ ଅୟାଜ୍ ସାହେବ୍ (ଜାମିଆ ଅହେମଦୀୟା କାନାଡ଼ାର ଶିକ୍ଷାର୍ଥୀ) ଆଜିର ଏହି ଉତ୍ସବର ଜାପାନୀ ଭାଷାରେ ପରିଚୟ ପ୍ରଦାନ କଲେ ଓ ଜମାତ୍ରେ ମଧ୍ୟ ସଂକ୍ଷିପ୍ତରେ ପରିଚୟ ଉପସ୍ଥାପନ କଲେ ।

ଏହାପରେ ସେ ଜଣଜଣ କରି ଅତିଥି ବକ୍ତା (Guest speakers) ମାନଙ୍କୁ ନିମନ୍ତ୍ରଣ କଲେ । ଯଦ୍ୱାରା ସେମାନେ ଆସି ନିଜର ଭାଷଣ ଉପସ୍ଥାପନ କଲେ ।

ସର୍ବପ୍ରଥମେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ମୋକରମ୍ Kudo Shozo ସାହେବ୍ ନିଜର ଅଭିଭାଷଣ ଉପସ୍ଥାପନ କଲେ ।

ସେ ନିଜ ଭାଷଣରେ ଜମାତ୍ ଅହେମଦୀୟାକୁ ଶୁଭେଚ୍ଛା ଦେଇ କହିଲେ କି Aichi ଠାରେ ଏହି ମସ୍ଜିଦ୍ର ନିର୍ମାଣ ଶାନ୍ତିର ସ୍ତୁପ ହେବ ଓ ମୁଁ ମୋ ନିଜ ସହିତ ଜାପାନୀ ଲୋକମାନଙ୍କୁ ଏହା ନିଶ୍ଚିତ କରାଇବାକୁ ଚାହୁଁଛି କି ମୁସଲ୍ମାନ୍ମାନେ ହେଉଛନ୍ତି ଶାନ୍ତିପ୍ରିୟ ଓ ଅତ୍ୟନ୍ତ ରୂପେ ଲୋକମାନଙ୍କର ବନ୍ଧୁ ହୋଇଥାନ୍ତି । ଇସ୍ଲାମ୍ ସମ୍ବନ୍ଧରେ ଲୋକମାନେ ଯେଉଁ ଖରାପ ଧାରଣା ନେଉଛନ୍ତି ତାହା ସବୁ ସେହି ଲୋକମାନଙ୍କ ଯୋଗୁ ଯେଉଁମାନେ ସଂଖ୍ୟା ଦୃଷ୍ଟିକୋଣରୁ ବହୁତ କମ୍ ଓ ଶିକ୍ଷା ଦୃଷ୍ଟିକୋଣରେ ଅତ୍ୟନ୍ତ ପଛୁଆ ଲୋକ ଅଟନ୍ତି । ମୁଁ ଇଣ୍ଡୋନେସିଆ ଓ ମାଲେସିୟା ଯାଇଛି । ସେଠିକାର ଲୋକମାନେ ଯେଉଁଭଳି ମୋର ଆତିଥ୍ୟତା କରିଛନ୍ତି ଓ ମୋତେ ଜଣେ ଅତିଥିଙ୍କ ଠାରୁ ବଳି ଅଧିକା ସମ୍ମାନ ଦେଇଛନ୍ତି ମୁଁ ତାହା କଦାପି ଭୁଲି ପାରିବି ନାହିଁ ।

ପୁଣି ସେ କହିଲେ ଯେଉଁଠି ଜମାତ୍ ଅହେମଦୀୟାର କଥା ଉଠୁଛି ସେଠି ଏମାନେ ହେଉଛନ୍ତି ଏପରି ଗୋଟିଏ ଜମାତ୍ ଯେଉଁମାନେ ପ୍ରତ୍ୟେକ ସମୟରେ ଜାପାନ୍ର କାର୍ଯ୍ୟରେ ଆସୁଛନ୍ତି । ଭୂମିକମ୍ପ ଓ ଅନ୍ୟାନ୍ୟ ବିପଦ ସମୟରେ ଏହି ଜମାତ୍ ବଢ଼ି ଚଢ଼ି କରି ଏ ଜାତିର ସେବା କରୁଅଛି । ସେଇଥିଯୋଗୁ ମୁଁ ସେମାନଙ୍କୁ ମୋ ଅନ୍ତର ଆତ୍ମାରୁ ଧନ୍ୟବାଦ ଜଣାଉଛି ଓ ମୁଁ ଆପଣମାନଙ୍କୁ ଏହା ନିଶ୍ଚିତ କରାଉଛି କି ଏହି ଲୋକମାନେ ବହୁତ ଶାନ୍ତିପ୍ରିୟ ଏବଂ ଆପଣମାନେ ନିଶ୍ଚିତ ରୂପେ ଏହି ଲୋକମାନଙ୍କ ଠାରୁ ସର୍ବଦା ଭଲ ହିଁ ଭଲ ଦେଖିବାକୁ ପାଇବେ । ଆଜି ଏଠାରେ ଆମ ସହିତ ସେମାନଙ୍କ ଇମାମ୍ ମଧ୍ୟ ଉପସ୍ଥିତ ଅଛନ୍ତି । ମୁଁ ତାଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛି । ସେ ଏଠାକୁ ଆସିଲେ ଓ ସବୁଠାରୁ ବଳି ସେ ନିଜ ଜମାତ୍ରେ ଏପରି ତର୍ବିୟତ କରିଛନ୍ତି କି ଏମାନେ ପ୍ରତ୍ୟେକଥର ଆମକୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ରହିଛନ୍ତି । ଏହି ମସ୍ଜିଦ୍ଟି ଆପଣ ସମସ୍ତଙ୍କୁ ବହୁତ ବହୁତ ମୁବାରକ୍ ହେଉ ।

ଏହାପରେ ମୋକରମ୍ Shoji Yoshiaki ସାହେବ୍ ଯିଏ ହେଉଛନ୍ତି କମ୍ୟୁନିଷ୍ଟ୍ ପାର୍ଟିର ଲିଡର୍ ଓ ସୁନାମୀ ସମୟରେ ପ୍ରଭାବିତ ହୋଇଥିବା ଇଲାକାରେ ଗୋଟିଏ କ୍ୟାମ୍ପର ନିଗ୍ରାନ୍ ମଧ୍ୟ ରହିଛନ୍ତି, ସେ ନିଜର ଭାଷଣ ପେଶ୍କରି କହିଲେ:-

ନୂତନ ରୂପେ ନିର୍ମାଣ ହୋଇଥିବା ଏହି ମସ୍ଜିଦ୍ଟି ସମସ୍ତ ଜାପାନ୍ର ଅଧିବାସୀମାନଙ୍କୁ ମୁବାରକ୍ ହେଉ । ମୁଁ ଏହି ଜମାତ୍କୁ ସେମାନଙ୍କର ମାନବଜାତି ପାଇଁ କରାଯାଇଥିବା କାର୍ଯ୍ୟ ଯୋଗୁ ଜାଣିଛି । ଅର୍ଥାତ୍ ଏ ଲୋକମାନେ କୁବେ ଏବଂ ନିଗାତାର ଭୂମିକମ୍ପ ସମୟରେ ମଧ୍ୟ ଓ ଉତରପୂର୍ବ ଜାପାନ୍ରେ ହୋଇଥିବା ଭୂମିକମ୍ପ ଓ ସୁନାମୀ ସମୟରେ ମଧ୍ୟ ମାନବ ଜାତିର ସେବା କରିବା ପାଇଁ ପହଂଚିଥିଲେ । ୧୧ ମାର୍ଚ୍ଚ ଦିନ ଭୂମିକମ୍ପ ଆସିଲା ଓ ଏମାନେ ସେହି ଦିନ ସାହାଯ୍ୟ କରିବା ପାଇଁ ନିଜ ଘରୁ ବାହାରି ପଡ଼ିଲେ । ଆମ ସହିତ ଏମାନଙ୍କର ସମ୍ପର୍କ ହେଉଛି ବହୁତ ବନ୍ଧୁତ୍ୱପୁର୍ଣ୍ଣ ଓ ଭଲପାଇବାର ସମ୍ପର୍କ । ଆମର ସମସ୍ତ ଅସୁବିଧା ଏମାନଙ୍କ ସହିତ ମିଶିବା ଦ୍ୱାରା ଓ କଥା ହେବା ଦ୍ୱାରା ଦୂର ହୋଇଯାଉଥିଲା ।

ପୁଣି ସେ କହିଲେ ଏମାନଙ୍କ ସହିତ ମିଶି ମୋତେ ଏମାନଙ୍କଠାରେ ଏକ ଅଜବ ପ୍ରକାରର ଆକର୍ଷଣ ଦୃଷ୍ଟିଗୋଚର ହେଲା । ଯାହାକୁ ମୁଁ ବହୁତ କମ୍ ଲୋକଙ୍କଠାରେ ଦେଖିଛି । ଇସ୍ଲାମ୍ର ଯାହା କିଛି ଜ୍ଞାନ ମୋ ପାଖରେ ଅଛି ତାହା ଏହି ଲୋକମାନଙ୍କ ଠାରୁ ଆସିଛି ଓ ଏହି ଜ୍ଞାନ ଆଧାରରେ ମୁଁ ସମ୍ପୂର୍ଣ୍ଣ ବିଶ୍ୱାସର ସହିତ କହୁଛି କି ଏହି ମସ୍ଜିଦ୍ଟି ଏ ଇଲାକାରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରସାର କରିବ । ଆପଣମାନଙ୍କଠାରୁ ମଧ୍ୟ ନିବେଦନ କରୁଛି କି ଆପଣମାନେ ଏହି ମସ୍ଜିଦ୍କୁ ଆସନ୍ତୁ, ଏମାନଙ୍କ ସହିତ ମିଶନ୍ତୁ । ଏହାଦ୍ୱାରା ଆପଣଙ୍କୁ ଶାନ୍ତି ମିଳିବ ।

ଏହାପରେ ମୋକରମ୍ Watababe Kanei ସାହେବ୍ ଯିଏ ହେଉଛନ୍ତି ଜଣେ ବୁଦ୍ଧିଷ୍ଟ୍ ଲିଡର୍ ଓ ଚିଫ୍ ପ୍ରିଏଷ୍ଟ୍, ସେ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ:-

ହଜ୍ରତ୍ ଖଲିଫତୁଲ୍ ମସିହ୍ ଓ ଜମାତ୍ ଅହେମଦୀୟା ଜାପାନ୍କୁ ଶୁଭେଚ୍ଛା ଜଣାଉଛି ଆପଣ ଗୋଟିଏ ଏପରି ସମୟରେ ଜାପାନ୍ ଆସିଛନ୍ତି ଯେଉଁ ସମୟରେ ପ୍ୟାରିସ୍ରେ ଆକ୍ରମଣ ହୋଇଥିବା ଯୋଗୁ ସମାଜରେ ଏକପ୍ରକାର ବିଶୃଙ୍ଖଳାର ବାତାବରଣ ସୃଷ୍ଟି ହୋଇଯାଇଥିଲା । ଆପଣଙ୍କ ଆଗମନ ଦ୍ୱାରା ଗୋଟିଏ ପଟେ ଇସ୍ଲାମ୍ର ସୁନ୍ଦର ଚେହେରାକୁ ଦେଖିବାର ମୌକା ମିଳିଲା ଓ ଅନ୍ୟପଟେ ଜାପାନୀ ଲୋକମାନଙ୍କର ଏ ଦୃଢ଼ୋକ୍ତି କି ଇସ୍ଲାମ୍ କେବଳ ତାହା ନୁହେଁ ଯାହାକୁ ସନ୍ତ୍ରାସବାଦମାନେ ଓ ଚରମପନ୍ଥୀମାନେ ଉପସ୍ଥାପନ କରୁଛନ୍ତି । ବରଂ ଇସ୍ଲାମ୍ ହେଉଛି ଶାନ୍ତି ଓ ପ୍ରେମର ବାର୍ତାବହ ଓ ଆପୋଷରେ ଭାଇଚାରା ଓ ସ୍ନେହ ପ୍ରେମର ବାର୍ତାକୁ ଇସ୍ଲାମ୍ ଦେଇଥାଏ ।

ଏହାପରେ ମୋକରମ୍ Dr. Masayuki Akutshu ସାହେବ୍ ଯିଏ ହେଉଛନ୍ତି ଟୋକିଓ ୟୁନିଭର୍ସିଟିର ଜଣେ ପ୍ରଫେସର୍ ଓ ଇସ୍ଲାମୀୟ ଜ୍ଞାନର ଜଣେ ପ୍ରବୀଣ, ସେ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ:-

ଜମାତ୍ ଅହେମଦୀୟା ଜାପାନ୍କୁ ଏହି ମସ୍ଜିଦ୍ ନିର୍ମାଣ କରିଥିବା ଯୋଗୁ ମୁଁ ହୃଦୟର ଅନ୍ତରରୁ ଧନ୍ୟବାଦ ଅର୍ପଣ କରୁଛି । ଜାପାନ୍ରେ ଧର୍ମର ପରିଚୟା ଚୀନ୍ ମାଧ୍ୟମରେ ହୋଇଛି । ଚୀନ୍ ବ୍ୟତୀତ ଭାରତରୁ ବୁଦ୍ଧିଜିମ୍ ଜାପାନ୍କୁ ଆସିଛି ଓ ଏହିପରି ଧାର୍ମିକ ପୀଠମାନ ନିର୍ମାଣ ହେବାର ସିଲ୍ସିଲା ଆରମ୍ଭ ହେଲା । ମୁସଲ୍ମାନଙ୍କର ଧର୍ମପୀଠକୁ ମସ୍ଜିଦ୍ କୁହାଯାଏ । ଯେଉଁଠି ସମସ୍ତେ ଏକତ୍ରିତ ହୋଇଥାନ୍ତି ଓ ଏହା ଲୋକମାନଙ୍କର କେନ୍ଦ୍ରସ୍ଥଳୀ ହୋଇଥାଏ । ଜମାତ୍ ଅହେମଦୀୟା ହେଉଛି ଧର୍ମ ଓ ବିଜ୍ଞାନ ଏହି ଦୁଇଟିକୁ ମାନିବା ବାଲା । ଡାଃ ସଲାମ୍ ସାହେବ୍ ଏହି ଆଧାରରେ ପରିଚାଳିତ ହୋଇ ଗୋଟିଏ ଉଜ୍ଜଳ ଦୃଷ୍ଟାନ୍ତ ପ୍ରତିଷ୍ଠା କରିଛନ୍ତି । ମୁଁ ଏହି ମହଲା ଓ ଇଲାକାର ଲୋକମାନଙ୍କୁ ଅପିଲ୍ କରିବାକୁ ଚାହୁଁଛି କି ସେମାନେ ଏହି ମସ୍ଜିଦ୍କୁ ଆସନ୍ତୁ, ଇସ୍ଲାମ୍ର ଜ୍ଞାନକୁ ଆହରଣ କରନ୍ତୁ ଓ ଏହି ଲୋକମାନଙ୍କୁ ସହିତ ମିଳାମିଶା ବଢ଼ାନ୍ତୁ ଯଦ୍ୱାରା ନିଜ ନିଜର ଧର୍ମର ସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ ରହି ମାନବିକତାର ଭାବନା ଆଗକୁ ବଢ଼ିପାରିବ ।

ଏହାପରେ Mr. Yoshio Iwamura ସାହେବ୍ ଯିଏ ହେଉଛନ୍ତି କୁବେ ଖ୍ରୀଷ୍ଟିଆନ୍ ଚର୍ଚ୍ଚର ଚିଫ୍ ପ୍ରିଷ୍ଟ, ବାଇବେଲ୍ ସୋସାଇଟିର ପ୍ରେସିଡେଂଟ୍ ଓ ଚେୟାରମ୍ୟାନ୍ ଏନ୍.ଜି.ଓ, ସେ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ କି-

ଜମାତ୍ ଅହେମଦୀୟା ଜାପାନ୍ ଓ ହଜୁରଙ୍କ ଗୋଚରେ ମସ୍‌ଜିଦ୍‌ର ନିର୍ମାଣ ମୁବାରକ୍ ହେଉ । ଶାନ୍ତି ପାଇବା ପାଇଁ ଓ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ହଜୁର୍ ଅନୁଓ୍ୱରଙ୍କ ଦୃଷ୍ଟିକୋଣ ଓ ଭାବନା ବହୁତ ପ୍ରଶଂସନୀୟ । କିଛି ସମୟ ପୂର୍ବରୁ ଯେବେ ମୁଁ ହଜୁରଙ୍କ ସହିତ ସାକ୍ଷାତ୍ କଲି ମୁଁ ସେତେବେଳେ ଆପଣଙ୍କୁ ପଚାରିଥିଲି କି ହଜୁରଙ୍କ ନିକଟରେ ଶାନ୍ତିର ସଂଜ୍ଞା କଣ ବୋଲି । ଏଥିରେ ହଜୁର୍ କହିଲେ କି ଯାହା ନିଜ ପାଇଁ ପସନ୍ଦ କରୁଛି ତାହା ଅନ୍ୟପାଇଁ ପସନ୍ଦ କର । ପୁଣି କହିଲେ ଯଦି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଚାହୁଁଛ ତେବେ ନିଜର ଅଧିକାରକୁ ଛାଡ଼ିବାକୁ ହେବ । ଶାନ୍ତିର ସଂଜ୍ଞା ଏହାଠାରୁ ବଳି ସମ୍ଭବ ନୁହେଁ ।

ଏହାପରେ Mr. Akio Najima ସାହେବ୍ ଯିଏ ହେଉଛନ୍ତି ଜଣେ ଓକିଲ ଓ ଷ୍ଟେଟ୍ ହାଇକୋର୍ଟ୍ ବାର୍ ଆସୋସିଏସନ୍‌ର ସଦସ୍ୟ ଅଛନ୍ତି, ସେ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ-

ଆମ ଅପେକ୍ଷାଠାରୁ ମଧ ବଳି ସୁନ୍ଦର ମସ୍‌ଜିଦ୍ ନିର୍ମାଣ କରିଥିବା ଯୋଗୁ ହାର୍ଦ୍ଦିକ ଶୁଭେଚ୍ଛା । ଜାପାନ୍ ପାଇଁ ଜମାତ୍ ଅହେମଦୀୟାର ସେବା ଯୋଗୁଁ ମୁଁ ହୃଦୟର ଅନ୍ତରୁ ଧନ୍ୟବାଦ ଜଣାଉଛି । ସର୍ ଜଫରୁଲ୍ଲାଃ ଖାନ୍ ସାହେବ୍‌ଙ୍କ ଜାପାନ୍ ପାଇଁ ଥିବା ଯୋଗଦାନ ଭୁଲିହେବନାହିଁ । ସେହିପରି କୋବେଠାରେ ଆସିଥିବା ଭୂମିକମ୍ପ ହେଉ, ସୁନାମୀ ହେଉ ଓ ପ୍ରତ୍ୟେକ ଅବସରରେ ଜମାତ୍ ଅହେମଦୀୟାର ସଦସ୍ୟମାନଙ୍କୁ ଉଦାହରଣୀୟ ସେବା କରିବାର ସୌଭାଗ୍ୟ ମିଳିଛି ।

ସେ ପୁଣି କହିଲେ ଆମପାଇଁ ଜମାତ୍ ଅହେମଦୀୟାର ଏହି ଅନୁଗ୍ରହକୁ ଭୁଲିବା ଅସମ୍ଭବ । ଆମେ ହଜରତ୍ ଖଲିଫତୁଲ୍ ମସିହ୍‌ଙ୍କ କୃତଜ୍ଞତା ଜ୍ଞାପନ କରୁଛୁ କି ଆପଣ ପୁଣି ଥରେ ଜାପାନ୍ ଆସିଲେ । ଶେଷରେ ପୁଣି ଥରେ ଆପଣ ସମସ୍ତଙ୍କର କୃତଜ୍ଞତା ଜ୍ଞାପନ କରୁଅଛି ।

ଏହାପରେ ମୋକରମ୍ ଅନିସ୍ ଅହେମଦ୍ ନଦୀମ୍ ସାହେବ୍ ନ୍ୟାସନାଲ୍ ସଦର୍ ଜମାତ୍ ଏବଂ ମୁବଲିଗ୍ ଇନ୍‌ଚାର୍ଯ୍ୟ ଜାପାନ ପରିଚୟ ପ୍ରଦାନ ମୂଳକ ଅଭିଭାଷଣ ଉପସ୍ଥାପନ କଲେ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ୬:୨୨ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଇଂରାଜୀ ଭାଷାରେ ଅଭିଭାଷଣ ପ୍ରଦାନ କଲେ । ଏହାର ଜାପାନୀ ଅନୁବାଦ ଜାପାନୀ ଶ୍ରୋତାମାନଙ୍କ ନିମନ୍ତେ ସିଧା ପ୍ରସାରଣ କରାଯାଉଥିଲା ।

**ମସ୍‌ଜିଦ୍ ବଇତୁଲ୍ ଅହଦ୍‌ର ଉଦ୍‌ଘାଟନୀ ଉତ୍ସବ ଅବସରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣ**

ତଶହୁଦ୍, ତଉଜ ଏବଂ ତସ୍‌ମିୟା ପାଠ କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:-

ସମସ୍ତ ଉପସ୍ଥିତ ସମ୍ମାନୀୟ ଅତିଥିବୃନ୍ଦ! ଅସ୍‌ସଲାମେ ଆଲୈକୁମ୍ ଓ୍ୱ ରହମତୁଲ୍ଲାହି ଓ୍ୱ ବରକାତୁହୁ ।

ଆପଣ ସମସ୍ତଙ୍କ ଉପରେ ଅଲ୍ଲାଃତାଲାଙ୍କ ତରଫରୁ ଶାନ୍ତି ଓ କରୁଣା ଅବତୀର୍ଣ୍ଣ ହେଉ । ସର୍ବପ୍ରଥମେ ମୁଁ ଏହି ଅବସରରେ ଆମ ସମସ୍ତ ଅତିଥିମାନଙ୍କର କୃତଜ୍ଞତା ଜ୍ଞାପନ କରିବାକୁ ଚାହୁଁଛି, ଯେଉଁମାନେ ଆଜି ଏହି ଉତ୍ସବରେ ଆମ ସହିତ ସାମିଲ୍ ହୋଇଛନ୍ତି । ଯେଉଁଠି ଆମେ ମସ୍‌ଜିଦ୍ ବଇତୁଲ୍ ଅହଦ୍, ଯାହାର ଅର୍ଥ ହେଉଛି 'ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କ ଘର', ଉଦ୍‌ଘାଟନର ଖୁସି ପାଳନ କରୁଅଛୁ । ଆପଣମାନେ ଏଠାକୁ ଆସିବା ଦ୍ୱାରା ଏହା ପ୍ରମାଣ କରୁଛି କି ଆପଣମାନଙ୍କର ହୃଦୟ ବିଶାଳ ଓ ଆପଣମାନେ ବହୁତ ଦୟାବାନ୍ ଅଟନ୍ତି । ମୁଁ ଏହା ଏଇଥିପାଇଁ କହୁଛି କି ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ଅଣ ମୁସ୍‌ଲିମ୍ ହୋଇଥିବା ସତ୍ୱେ ମଧ ଆପଣମାନେ ବହୁତ ନିଷ୍ଠର ସହିତ ଗୋଟିଏ ଧାର୍ମିକ ଉତ୍ସବର ନିମନ୍ତ୍ରଣକୁ ଗ୍ରହଣ କରିଛନ୍ତି । ତାହା ହେଉଛି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ । କିନ୍ତୁ ଆପଣମାନେ ଏଠାରେ ଯୋଗ ଦେଇଥିବା ସତ୍ୱେ ମଧ ଆପଣମାନଙ୍କ ମଧ୍ୟରୁ ବୋଧ ହୁଏ କିଛି ବ୍ୟକ୍ତି ଏପରି ଥିବେ ଯେଉଁମାନେ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ବା ଇସ୍‌ଲାମ୍ ସମ୍ବନ୍ଧରେ ଶଙ୍କା ଓ ସଂଶୟ ରଖିଥିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଆପଣମାନେ ବୋଧହୁଏ ଏହା ମଧ ଭାବୁଥିବେ କି ଯେଉଁ ଅହେମଦୀମାନଙ୍କୁ ଆପଣମାନେ ବ୍ୟକ୍ତିଗତ ରୂପେ ଜାଣିଛନ୍ତି ତାହା ତ ଠିକ୍ ଓ ଏମାନେ ଶାନ୍ତିପ୍ରିୟ ଅଟନ୍ତି କିନ୍ତୁ ତତ୍‌ସହିତ ଆପଣମାନେ ସେହି ଅହେମଦୀ ମୁସଲ୍‌ମାନଙ୍କ ସମ୍ବନ୍ଧରେ ବୋଧହୁଏ ଚିନ୍ତାଶୀଳ ମଧ ଥିବେ ଯେଉଁମାନଙ୍କୁ ଆପଣମାନେ ବ୍ୟକ୍ତିଗତ ରୂପେ ଜାଣିନାହାଁନ୍ତି ବା ସମ୍ଭବତଃ ଆପଣଙ୍କର ଏ ଭୟ ଥିବ କି ଏହି ମସ୍‌ଜିଦ୍‌ଟି ସମାଜ ଭିତରେ ବିଭ୍ରାଟ ବା ବିଭାଜନ ବା ଅସୁବିଧା ବଢ଼ାଇବାର କାରଣ ନ ହୋଇଯାଉ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଏହି ପ୍ରକାର ଭୟ ଗୋଟିଏ ସୀମା ପର୍ଯ୍ୟନ୍ତ ରହିବା ଉଚିତ୍ ମଧ କାରଣ ଅତ୍ୟନ୍ତ ଦୁଃଖର ସହିତ ଏହା କହିବାକୁ ପଡୁଛି କି କିଛି ତଥାକଥିତ ମୁସଲ୍‌ମାନ୍ ଏପରି ମଧ ଅଛନ୍ତି ଯେଉଁମାନେ ଏ ଦୁନିଆ ପାଇଁ ଭୀଷଣ ଦୁଃଖ ଓ କଷ୍ଟର କାରଣ ହେଉଛନ୍ତି ଓ ଇସ୍‌ଲାମ୍ ନାମରେ ଅତ୍ୟନ୍ତ ଘୃଣ୍ୟ କାର୍ଯ୍ୟ କରୁଛନ୍ତି । କିନ୍ତୁ ମୁଁ ଏହା ସ୍ପଷ୍ଟ କରିବାକୁ ଚାହୁଁଛି କି ଇସ୍‌ଲାମୀୟ ଶିକ୍ଷା ଓ ବାସ୍ତବିକ ମସ୍‌ଜିଦ୍‌ର ଉଦ୍ଦେଶ୍ୟ କେବଳ ଓ କେବଳ ଶାନ୍ତି ପ୍ରତିଷ୍ଠା ପାଇଁ ଓ ସମାଜ ଭିତରେ ଏକତା ସୃଷ୍ଟି କରିବା ପାଇଁ ଅଛି । ମସ୍‌ଜିଦ୍ ନିର୍ମାଣର ଅସଲ ଓ ମୂଳ ଉଦ୍ଦେଶ୍ୟ ହେଉଛି ଏହା କି ଏହା ଗୋଟିଏ ଏପରି ସ୍ଥାନରେ ହେବ ଯେଉଁଠି ଲୋକମାନେ ଈଶ୍ୱରଙ୍କ ଉପାସନା ନିମନ୍ତେ ଓ ପ୍ରେମ ପ୍ରସାର କରିବା ପାଇଁ ଏକତ୍ରିତ ହେବେ । ପବିତ୍ର କୋରାନ୍‌ର ସୁରା ଜାରିୟାତ୍ ଆୟତ ନଂ-୫୭ରେ ଅଲ୍ଲାଃତାଲା କହୁଛନ୍ତି ଜିନ୍ନ୍ ଏବଂ ଇନ୍‌ସ (ଜିନ୍ ଏବଂ ମାନବ) ଅର୍ଥାତ୍ ସମସ୍ତ ମାନବଜାତି ସେ ଧନୀ ହୋଇଥାଉ ବା ଗରୀବ, ଶକ୍ତିଶାଳୀ ହେଉ ବା ଦୁର୍ବଳ, ଏମାନଙ୍କ ସୃଷ୍ଟି ହେବାର କାରଣ ହେଉଛି ଏହା କି ସେମାନେ ନିଜ ଈଶ୍ୱରଙ୍କ ଉପାସନା କରନ୍ତୁ । ବହୁତ ଦୁଃଖର କଥା ହେଉଛି ଏହା କି ଏହି ଯୁଗରେ ମନୁଷ୍ୟ ଧର୍ମଠାରୁ ଦୂରେଇ ଯାଇଛନ୍ତି ଓ ଅଧିକାଂଶ ଲୋକେ ନିଜ ସୃଷ୍ଟିକର୍ତ୍ତାଙ୍କୁ ଭୁଲି ଯାଇଛନ୍ତି ଏବଂ ଏପରି ଲୋକମାନଙ୍କ ସଂଖ୍ୟା ମଧ ବଢୁଛି ଯେଉଁମାନେ ଈଶ୍ୱରଙ୍କ ସତା ଉପରେ ବିଶ୍ୱାସ ରଖୁନାହାଁନ୍ତି । ବହୁତ ଦୁଃଖର କଥା କି କିଛି ଲୋକ ଏପରି ବା କିଛି ଗୋଷ୍ଠୀ ମଧ ଏପରି ଅଛନ୍ତି ଯେଉଁମାନେ ନିଜ ଧର୍ମର ଶିକ୍ଷାକୁ ଏତେମାତ୍ରାରେ ଖରାପ କରିଦେଇଛନ୍ତି କି ସେମାନେ ଦୁନିଆରେ ଧର୍ମର ଏକ ଭୟାନକ ରୂପକୁ ଉପସ୍ଥାପନ କରୁଛନ୍ତି । ମୁଁ ଏହା ସ୍ୱୀକାର କରୁଛି କି ଏପରି ତଥାକଥିତ ମୁସଲ୍‌ମାନ୍ ଅଛନ୍ତି ଯେଉଁମାନେ ଇସ୍‌ଲାମ୍‌ର ଅତ୍ୟନ୍ତ ଭୟାନକ ଓ ବର୍ବରତାପୂର୍ଣ୍ଣ ମାର୍ଗକୁ ଉପସ୍ଥାପନ କରୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଅନ୍ୟ ଧର୍ମମାନଙ୍କ ସହିତ ସମୀକରଣ କରି ଏହା କୁହାଯାଇପାରିବ କି ଆଜିକାଲି ମୁସଲ୍‌ମାନ୍‌ମାନେ ସମସ୍ତଙ୍କଠାରୁ ଅଧିକା ନିଜ ଧର୍ମର ଶିକ୍ଷାଗୁଡିକ ଉପରେ ପରିଚାଳିତ ହେବାର ଦାବି କରୁଛନ୍ତି କିନ୍ତୁ ଏକଥା ମଧ ଅସ୍ୱୀକାର କରାଯାଇପାରେନା କି ଇସ୍‌ଲାମ୍ ଭିତରେ କିଛି ଏପରି ସନ୍ତ୍ରାସବାଦ ଗୋଷ୍ଠୀ ଓ ଚରମପନ୍ଥୀ ତତ୍ତ୍ୱମାନ ମଧ ସୃଷ୍ଟି ହୋଇଯାଇଛନ୍ତି ଯେଉଁମାନେ ଧର୍ମ ଉପରେ କବ୍‌ଜା କରିବାକୁ ଚାହୁଁଛନ୍ତି । ଯଦିଚ ଏପରି ଚରମପନ୍ଥୀମାନେ ନିଜକୁ ଧର୍ମ ସହିତ ଯୋଡ଼ିବା ପାଇଁ ଚେଷ୍ଟା କରୁଛନ୍ତି କିନ୍ତୁ ସତ୍ୟ ହେଉଛି ଏହା କି ସେମାନଙ୍କର ଦୃଷ୍ଟିକୋଣ ଓ ସେମାନଙ୍କର ଆଚରଣ ଇସ୍‌ଲାମ୍‌ର ଅସଲ ଶିକ୍ଷା ସହିତ ଦୂରରୁ କୌଣସି ସମ୍ପର୍କ ମଧ ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସୁତରାଂ ସମସ୍ତ ମୁସଲ୍‌ମାନ୍ ମାନଙ୍କର କେନ୍ଦ୍ର ଯେଉଁଆଡେ ଏମାନେ ମୁହଁ କରି ନତମସ୍ତକ ହେଉଛନ୍ତି ଓ ଉପାସନା କରୁଛନ୍ତି, ତାହା ହେଉଛି ବଇତୁଲ୍ଲାଃ ଅର୍ଥାତ୍ ଖାନା କାବା । ଯାହା ବିଷୟରେ ଅଲ୍ଲାଃତାଲା କହୁଛନ୍ତି କି ଏହା ହେଉଛି ଶାନ୍ତି ଓ ସୌହାର୍ଦ୍ଦ୍ୟର କେନ୍ଦ୍ର । ସୁତରାଂ ପବିତ୍ର କୋରାନ୍‌ର ସୁରା ୟୁନୁସ୍‌ର ଆୟତ ନଂ-୨୬ ରେ ଅଲ୍ଲାଃତାଲା କହୁଛନ୍ତି କି 'ସେ ମାନବ ଜାତିକୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ଘର ଆଡକୁ ଡାକୁଅଛି' । ତେଣୁ ମସ୍‌ଜିଦ୍ ଲୋକମାନଙ୍କୁ ଏକତ୍ରିତ କରି ଅଲ୍ଲାଃତାଲାଙ୍କ ଉପାନା କରିବା ଏବଂ ଶାନ୍ତିକୁ ପ୍ରସାର କରିବା ପାଇଁ ବନାଯାଇଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆରବୀ ଶବ୍ଦକୋଷରେ ଉପାସନା କରିବା ଓ ନମାଜ ପଢ଼ିବା ପାଇଁ 'ଅସ୍‌ସଲାତୋ' ର ଶବ୍ଦ ବ୍ୟବହାର ହୋଇଥାଏ ଓ ଏହି ଶବ୍ଦର ଅସଲ ଅର୍ଥ ହେଉଛି ପ୍ରେମ, ଭଲପାଇବା, ଭଲାଇ, ଅନ୍ୟର ଶୁଭକାମନା କରିବା ଏବଂ କରୁଣା । ତେଣୁ ସେହି ସମସ୍ତ ଲୋକେ, ଯେଉଁମାନେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ମୁତାବକ ଉପାସନା କରୁଛନ୍ତି ସେମାନେ କଦାପି କରୁଣାଠାରୁ ଅଲଗା ହୋଇ ଅତ୍ୟାଚାରୀ ହୋଇପାରିବେ ନାହିଁ ବରଂ ସେମାନେ ପ୍ରେମ ଓ ଭଲପାଉଥିବା ଲୋକେ ଅଟନ୍ତି ଓ ଏପରି ଲୋକେ ଅଟନ୍ତି ଯେଉଁମାନେ ଅନ୍ୟଜଣକ ନିମନ୍ତେ ଶୁଭକାମନା କରିଥାନ୍ତି ଏବଂ ଯେଉଁମାନେ ମାନବ ଜାତି ପାଇଁ ଅସୀମ କରୁଣାର ମାଧ୍ୟମ ରୂପେ ପ୍ରମାଣିତ ହୁଅନ୍ତି । ବାସ୍ତବିକ୍ ଉପାସନା ଲୋକମାନଙ୍କୁ ନିର୍ଲଜତା ଏବଂ ଖରାପ କାମ ଓ ବିଭ୍ରାଟରୁ ରୋକିଥାଏ ଓ ମାନବଜାତିକୁ କୁକର୍ମ ଓ ପାପଠାରୁ ଦୂରେଇ ରଖିଥାଏ । ସୁତରାଂ ବାସ୍ତବିକ ଉପାସନା ହେଉଛି ଅଲ୍ଲାଃତାଲାଙ୍କ କରୁଣା, ପ୍ରେମ ଓ ଅନୁଗ୍ରହକୁ ହାସଲ କରିବାର ମାର୍ଗ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେବେ ଜଣେ ମୁସଲ୍‌ମାନ୍ କାହା ସହିତ ମିଶିଥାଏ ତ ସର୍ବପ୍ରଥମେ ସେ 'ଅସ୍‌ସଲାମୋ ଆଲୈକୁମ୍' କହିଥାଏ । ଅର୍ଥାତ୍ ଅଲ୍ଲାଃତାଲାଙ୍କ ନିକଟରୁ ଆପଣଙ୍କ ଉପରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଅବତୀର୍ଣ୍ଣ ହେଉ । ଏହା ଏପରି ଏକ ଦୁଆ ଯାହା ପ୍ରତ୍ୟେକ ପ୍ରକାରର ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତା ଦେଇଥାଏ । ତେଣୁ ଏହା ସ୍ପଷ୍ଟ ହେଉ କି ଆମ ମସ୍‌ଜିଦ୍ ସମ୍ପୂର୍ଣ୍ଣ ରୂପେ ଉପରୋକ୍ତ ନିୟତ୍ ଏବଂ ସେହି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ବନା ଯାଇଥାଏ, ଯେଉଁଥିପାଇଁ ଖାନା କାବା ବନାଯାଇଥିଲା । ଏହି ମସ୍‌ଜିଦ୍ ମାନବ ଜାତି ପାଇଁ ଶାନ୍ତିର ଦୀପ ହୋଇଥାଏ ଓ ଏହା ଏପରି ସ୍ଥାନରେ ହୋଇଥାଏ ଯେଉଁଠି ପୁରୁଷ, ମହିଳା ଏବଂ ପିଲାମାନେ ଏକତ୍ରିତ ହୋଇ ଈଶ୍ୱରଙ୍କ ଉପାସନା କରିଥାନ୍ତି ଓ ସମାଜରେ ଶାନ୍ତି ଓ ପ୍ରେମକୁ ବଢ଼ାଇଥାନ୍ତି । ଯଦି ପ୍ରତ୍ୟେକ ମୁସଲ୍‌ମାନ୍ ବରଂ ପ୍ରତ୍ୟେକ ବ୍ୟକ୍ତି ଉପରୋକ୍ତ ସିଦ୍ଧାନ୍ତ ଗୁଡିକ ଉପରେ ପରିଚାଳିତ ହୁଏ ତେବେ ଏ ସଂସାରର ସ୍ୱରୂପ ସମ୍ପୂର୍ଣ୍ଣ ରୂପେ ବଦଳିଯିବ । ପ୍ରତ୍ୟେକ ପ୍ରକାରର ବିଭେଦ, ଘୃଣାଭାବ ଓ ଆପତି ଅଭିଯୋଗ ନିଃଶେଷ ହୋଇଯିବ ଓ ତା ସ୍ଥାନରେ ପ୍ରେମ, ସୌହାର୍ଦ୍ଦ୍ୟ, ସହାନୁଭୂତି ଓ ଭାଇଚାରାର ବାତାବରଣ ପ୍ରତିଷ୍ଠା ହୋଇଯିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେଉଁଠି ଇସ୍‌ଲାମ୍ ମୁସଲ୍‌ମାନ୍‌ମାନଙ୍କୁ ଏ ଶିକ୍ଷା ଦେଇଛି କି ସେମାନେ ମସ୍‌ଜିଦ୍ ନିର୍ମାଣ କରନ୍ତୁ ଓ ତାର ସୁରକ୍ଷା କରନ୍ତୁ ବୋଲି, ସେଠି ଇସ୍‌ଲାମ୍ ଅନ୍ୟ ସମସ୍ତ ଧର୍ମର ଉପାସନା ପୀଠ ଗୁଡିକର ସୁରକ୍ଷା ପାଇଁ ମଧ ଜମାନତ୍ ଦେଇଥାଏ । ମୁସଲ୍‌ମାନ୍ ମାନଙ୍କର ଏହା ଦାୟିତ୍ୱ ଅଟେ କି ଅନ୍ୟ ଧର୍ମ ଓ ସେମାନଙ୍କ ଉପାସନା ପୀଠ ଗୁଡିକର ସମ୍ମାନ କରନ୍ତୁ ସେଗୁଡିକୁ ସୁରକ୍ଷା ଯୋଗାଇ ଦିଅନ୍ତୁ । ବାସ୍ତବରେ ଆନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ହେଉଛି ଇସ୍‌ଲାମ୍‌ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅନିର୍ବାର୍ଯ୍ୟ ସିଦ୍ଧାନ୍ତ । ଏହି ସ୍ୱର୍ଣ୍ଣିମ ସିଦ୍ଧାନ୍ତର ଚର୍ଚ୍ଚା ପବିତ୍ର କୋରାନ୍‌ରେ ମିଳୁଅଛି । କୁଫାରେ ମକ୍କା (ମକ୍କାର ଅବିଶ୍ୱାସକାରୀମାନେ) ଙ୍କ ତରଫରୁ ଇସ୍‌ଲାମ୍‌ର ପ୍ରତିଷ୍ଠାତ ହଜରତ୍ ମୁହମ୍ମଦ୍ ସ:ଆ:ସ ଏବଂ ଆପଣ ସ:ଆ:ସଙ୍କ ଅନୁଗାମୀଙ୍କ ଉପରେ ଦଶବର୍ଷ ପର୍ଯ୍ୟନ୍ତ ଅତ୍ୟନ୍ତ କ୍ରୁରତାର ସହିତ ଓ ପାସବିକ ଶୈଳୀରେ ଅତ୍ୟାଚାର କରାଗଲା । ରସୁଲେ କରିମ୍ ସ:ଆ:ସଙ୍କୁ ନିଜ ମାତୃଭୂମିକୁ ପରିତ୍ୟାଗ କରିବା ପାଇଁ ବିବଶ କରାଗଲା । ତେଣୁ ଆପଣ ସ:ଆ:ସ ଓ ଆପଣଙ୍କ ଅନୁଗାମୀମାନେ ଏ ଆଶାରେ ମଦିନା ହିଜରତ୍ କଲେ କି ସେମାନେ ସେଠାରେ ଶାନ୍ତି ଓ ସୁରକ୍ଷାର ସହିତ ରହିପାରିବେ । କିନ୍ତୁ କୁଫାରେ ମକ୍କା ମୁସଲ୍‌ମାନ୍ ମାନଙ୍କର ପଛରେ ପଡ଼ିଗଲେ ଓ ଆକ୍ରମଣାତ୍ମକ ଢଙ୍ଗରେ ମୁସଲ୍‌ମାନ୍ ମାନଙ୍କ ପଛରେ ଲାଗିଲେ । ସେମାନେ ନିୟମିତ ଏକ ଶକ୍ତିଶାଳୀ ଓ ଅସ୍ତ୍ରଶସ୍ତ୍ରରେ ପରିପୂର୍ଣ୍ଣ ସେନା ପ୍ରସ୍ତୁତ କଲେ ଓ ସଦାସର୍ବଦା ପାଇଁ ଇସ୍‌ଲାମ୍‌କୁ ଏ ଭୂପୃଷ୍ଠରୁ ନିଃଶେଷ କରିଦେବା ନିମନ୍ତେ ମୁସଲ୍‌ମାନ୍ ମାନଙ୍କ ଉପରେ ଯୁଦ୍ଧ ଲଦିଦେଲେ । ସେ ସମୟରେ ଅଲ୍ଲାଃତାଲା ଆଁ ହଜରତ୍ ସ:ଆ:ସଙ୍କୁ ପ୍ରତିରକ୍ଷା ମୂଳକ ଯୁଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେଲେ । ସୁତରାଂ ପବିତ୍ର କୋରାନ୍‌ର ସୁରା ହଜ୍ଜ ଆୟତ ନଂ-୪୧ ରେ ଅଲ୍ଲାଃତାଲା କହୁଛନ୍ତି କି ଅତ୍ୟାଚାରୀ କେବଳ ଇସ୍‌ଲାମ୍‌କୁ ନୁହେଁ ବରଂ ସମସ୍ତ ଧର୍ମକୁ ଶେଷ କରିଦେବାପାଇଁ ଚାହୁଁଥିଲେ ଏବଂ ଯଦି ସେମାନଙ୍କୁ ଶକ୍ତି ଦ୍ୱାରା ପ୍ରତିରୋଧ ନ କରାଯାଏ

ତେବେ ପ୍ରତ୍ୟେକ ଗିର୍ଜା, କଲିସିୟା, ମନ୍ଦିର ଏବଂ ଅନ୍ୟାନ୍ୟ ଧର୍ମର ଉସାସନା ପୀଠ ଗୁଡିକୁ ଭୀଷଣ ବିପଦ ଆସିଯିବ । ତେଣୁ ଯେବେ ଅଲ୍ଲାଃତାଲା ମୁସଲ୍‌ମାନ୍ ମାନଙ୍କୁ ନିଜର ପ୍ରତିରକ୍ଷା ନିମନ୍ତେ ଅନୁମତି ଦେଲେ ତାହା କେବଳ ଇସ୍‌ଲାମ୍‌ର ସୁରକ୍ଷା ନିମନ୍ତେ ନଥିଲା ବରଂ ପ୍ରତ୍ୟେକ ଧର୍ମର ସୁରକ୍ଷା ପାଇଁ ଥିଲା ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଏହି ସମସ୍ତ କଥାକୁ ମନରେ ରଖି ସେହି ସମସ୍ତ ଲୋକେ, ଯେଉଁମାନେ ଇସ୍‌ଲାମ୍‌କୁ ଭୟ କରୁଛନ୍ତି ବା ଏହା ଭାବୁଛନ୍ତି କି ମୁସଲ୍‌ମାନ୍ ସଂସାରରେ ଅଶାନ୍ତିର କାରଣ ଅଟନ୍ତି ବୋଲି, ସେମାନଙ୍କୁ ନିଜ ମନରୁ ଏହିଭଳି ସମସ୍ତ ଶଙ୍କାକୁ ଦୂର କରିନେବା ଉଚିତ୍ ଓ ଏ ବିଶ୍ୱାସ ରଖନ୍ତୁ କି ସଚ୍ଚା ମୁସଲ୍‌ମାନ୍ କୌଣସି ପ୍ରକାର ବିପଦ ଓ କ୍ଷତିକାରଣ ପ୍ରମାଣିତ ହେବେନାହିଁ ବରଂ ସେମାନେ ସଦାସର୍ବଦା ଅନ୍ୟଧର୍ମର ଲୋକମାନଙ୍କ ସହିତ ମିଶି ସମାଜକୁ ଶାନ୍ତି, ଭାଇଚାରା ଏବଂ ମାନବିକତାର ଛତ୍ରଛାୟା ତଳେ ଏକତ୍ରିତ କରିବା ପାଇଁ ନିଜର ଦାୟିତ୍ୱ ତୁଲାଇବେ ଓ ଏହି ସବୁ ପବିତ୍ର କାର୍ଯ୍ୟ ଗୁଡିକର ସମ୍ପାଦନ କରିବା ନିମନ୍ତେ ମସ୍‌ଜିଦ୍ ବନାଯାଇଥାଏ । କିନ୍ତୁ ଆପଣମାନଙ୍କ ମଧ୍ୟରୁ କିଛି ଲୋକେ ଆଶ୍ଚର୍ଯ୍ୟ ହେବେ କି ଯଦି ମସ୍‌ଜିଦ୍ ବାସ୍ତବରେ ଶାନ୍ତିର ପୀଠ ତେବେ ଆମେ ଇସ୍‌ଲାମୀୟ ରାଷ୍ଟ୍ରଗୁଡିକରେ ଏ ପ୍ରକାର ବିଭେଦ ଓ ବିଭ୍ରାଟ କାହିଁକି ଦେଖୁଛୁ । ବିଶେଷ ରୂପେ ଯେବେକି ବହୁତ ଗୁଡିଏ ମସ୍‌ଜିଦ୍ ରହିଛି ଯେଉଁଠି ମୁସଲ୍‌ମାନ୍ ମାନେ ଇଶ୍ୱରଙ୍କ ଉପାସନା ନିମନ୍ତେ ଏକତ୍ରିତ ହୋଇଥାନ୍ତି ?

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏହି ପ୍ରଶ୍ନର ଉତର ପାଇବା ପାଇଁ ଆମକୁ ଧର୍ମର ଇତିହାସକୁ ଦେଖିବାକୁ ହେବ । ସମସ୍ତ ଧର୍ମ ଓ ସେମାନଙ୍କ ଶିକ୍ଷା, ସେମାନଙ୍କ ଧର୍ମର ପ୍ରତିଷ୍ଠାତାମାନଙ୍କ ଦେହାନ୍ତ ପରେ ସମୟ ଅତିବାହିତ ହେବା ସହିତ ବିଗାଡ଼ି ଦିଆଯାଇଛି । ଏହିପରି ବହୁ ସମୟ ବିତିଯିବା ପରେ ମୁସଲ୍‌ମାନ୍ ମାନଙ୍କର ଅଧିକାଂଶ ଲୋକ ମଧ୍ୟ ଇସ୍‌ଲାମ୍‌ର ଅସଲ ଶିକ୍ଷାଠାରୁ ଦୂରେଇ ଯାଇଛନ୍ତି । ବାସ୍ତବରେ ଇସ୍‌ଲାମ୍‌ର ଅବନତି ହେବାର ଥିଲା କାରଣ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ସ୍ୱୟଂ ଏ ଭବିଷ୍ୟବାଣୀ କରିଥିଲେ କି ଏପରି ଏକ ସମୟ ବିତିଯିବା ପରେ ମୁସଲ୍‌ମାନ୍ ମାନେ ଆଧ୍ୟାତ୍ମିକ ଅନ୍ଧକାର ଯୁଗରେ ପ୍ରବେଶ କରିବେ ଓ ସେମାନଙ୍କର କାର୍ଯ୍ୟକଳାପ ଇସ୍‌ଲାମୀୟ ଶିକ୍ଷାଠାରୁ ବହୁତ ଦୂରକୁ ଚାଲିଯିବ । ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ କି ଏହିପରି ସମୟରେ ଅଲ୍ଲାଃତାଲା ଜଣେ ବ୍ୟକ୍ତିଙ୍କୁ ମସିହ୍ ଓ ମଉଦ୍ ଇମାମ୍ ମେହ୍‌ଦୀ ବନାଇ ପ୍ରେରଣ କରିବେ ଯଦ୍ୱାରା ଇସ୍‌ଲାମ୍‌ର ବାସ୍ତବିକ୍ ଶିକ୍ଷା ଏ ସଂସାରରେ ପୁନର୍ବାର ପ୍ରତିଷ୍ଠା କରାଯାଇପାରିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆମେ ଅହେମଦୀ ମୁସଲ୍‌ମାନ୍ ଏ ବିଶ୍ୱାସ ରଖିଛୁ କି ସେହି ମହାନ୍ ଭବିଶ୍ୟବାଣୀ ମୁତାବକ ଆମ ଜମାତ୍‌ର ପ୍ରତିଷ୍ଠାତାକୁ ମସିହ୍ ମଉଦ୍ ଓ ଇମାମ୍ ମେହ୍‌ଦୀ ବନାଇ ପଠାଯାଇଛି ଯଦ୍ୱାରା ସେ ଏ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ବିଷୟରେ ଅବଗତ କରାଇବ । ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ମାନବଜାତିକୁ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନିବା ଓ ତା ସମ୍ମୁଖରେ ନତମସ୍ତକ ହେବା ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି । ସେ ମାନବଜାତିକୁ ସମସ୍ତ ପ୍ରକାର ଅତ୍ୟାଚାର ଓ ଅନ୍ୟାୟ ଅନୀତିକୁ ଶେଷ କରିବା ପାଇଁ ଓ ଜଣେ ଅନ୍ୟଜଣଙ୍କ ସହିତ ମିଶି ଭାଇଚାରାର ସହିତ ରହିବା ପାଇଁ ଓ ଜଣେ ଅନ୍ୟଜଣଙ୍କର ଉଚିତ୍ ଅଧିକାରକୁ ପ୍ରଦାନ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି । ସେ ଏକଥାକୁ ବହୁତ ଦୃଢ଼ତାର ସହିତ ବର୍ଣ୍ଣନା କରିଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ ସମସ୍ତ ମାନବଜାତି ନିମନ୍ତେ କରୁଣାମୟ ଥିଲେ ଓ ପୁଣି କହିଛନ୍ତି କି ପବିତ୍ର କୋରାନ୍ ମୁତାବକ ଧର୍ମ ମାମଲାରେ କୌଣସି ପ୍ରକାର ବାଧ୍ୟବାଧକତା ନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଆମେ ଅହେମଦୀ ମୁସଲ୍‌ମାନ୍‌ମାନେ ନିଜ ଜମାତ୍‌ର ପ୍ରତିଷ୍ଠାତାଙ୍କୁ ମସିହ୍ ମଉଦ୍ ଏବଂ ଇମାମ୍ ମେହ୍‌ଦୀ ରୂପେ ସ୍ୱୀକାର କରି ଉକ୍ତ ପବିତ୍ର ଓ ଉତମ ଶିକ୍ଷା ଗୁଡିକ ଉପରେ ପରିଚାଳିତ ହେବାର ଦାବି କରୁଅଛୁ । ଆଜି ଆମେ ଗୋଟିଏ ଧର୍ମୀୟ ଜମାତ୍ ରୂପେ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଶିକ୍ଷା ଗୁଡିକୁ ଅନବରତ ଦୁନିଆର ସମସ୍ତ ଭାଗରେ ପ୍ରସାର କରିବା ପାଇଁ ଚେଷ୍ଟା କରୁଅଛୁ । ଆମେ ଶକ୍ତି ବା ବାଧ୍ୟତା ମୂଳକ ମାଧ୍ୟମରେ ଏହା କରୁନାହୁଁ । ବରଂ ପ୍ରେମ ଓ ସୌହାର୍ଦ୍ଦ୍ୟ ଦ୍ୱାରା ଇସ୍‌ଲାମୀୟ ଶିକ୍ଷାଗୁଡିକୁ ପ୍ରସାର କରୁଅଛୁ । ଆମ ଜମାତ୍ ଏବଂ ଆମ ମସ୍‌ଜିଦ୍ ଗୁଡିକ ଏହି ସବୁ ଉଦ୍ଦେଶ୍ୟକୁ ପୂରଣ କରୁଅଛି, ଯେଉଁ ଉଦ୍ଦେଶ୍ୟ ଗୁଡିକୁ ନେଇ ଖାନା କାବା ନିର୍ମାଣ କରାଯାଇଥିଲା ଅର୍ଥାତ୍ ଏ ସଂସାରରେ ଶାନ୍ତି ସ୍ଥାପନ କରାଯାଏ । ଆମ ମସ୍‌ଜିଦ୍ ଗୁଡିକ ହେଉଛି ଶାନ୍ତିର ଉଜ୍ଜଳ ଦୀପ ଯାହା ନିଜର ପରିବେଶକୁ ଉଜ୍ଜଳିତ କରିଥାଏ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ମହାନ୍ ଶିକ୍ଷା ଉପରେ ଅମଳ କରୁଛୁ । ଆଁ ହଜ୍‌ରତ୍ ସ:ଆ:ସ ହୁଜ୍ଜତୁଲ୍ ୱିଦାଆର ଖୁତ୍‌ବା ଦେବା ଅବସରରେ କହିଥିଲେ କି ଜଣେ ଗୋରା ଲୋକକୁ କଳା ଲୋକ ଉପରେ କୌଣସି ପ୍ରାଧାନ୍ୟ ନାହିଁ ଏବଂ ନା କୌଣସି କଳା ଲୋକ ଗୋରାବ୍ୟକ୍ତି ଉପରେ ପ୍ରାଧାନ୍ୟତା ଦିଆଯାଇଛି ବୋଲି ଦାବୀ କରିପାରେ । ନା କୌଣସି ଆରବୀୟଙ୍କୁ କୌଣସି ଅଣ ଆରବୀୟ ଉପରେ ପ୍ରାଧାନ୍ୟତା ଦିଆଯାଇଛି ଏବଂ ନା କୌଣସି ଅଣଆରବୀୟଙ୍କୁ କୌଣସି ଆରବୀୟଙ୍କ ଉପରେ ପ୍ରାଧାନ୍ୟ ରହିଛି । ଓ ନା କୌଣସି ଧନୀ ବ୍ୟକ୍ତି କୌଣସି ଗରିବଙ୍କ ଉପରେ ପ୍ରାଧାନ୍ୟତା ରଖିଛି । ଆପଣ ସ:ଆ:ସ ପୁଣି କହିଲେ କି କୌଣସି ବ୍ୟକ୍ତିର ପ୍ରାଧାନ୍ୟତା ତା ବଂଶ, ଧନ ସମ୍ପତି ଏବଂ ଆଭିଜାତ୍ୟ ଉପରେ ଆଧାରିତ ନୁହେଁ ବରଂ ଏହା ଏକଥାରେ ଆଧାରିତ କି ତାର ଇଶ୍ୱରଙ୍କ ସହିତ ସମ୍ପର୍କ କିପରି ଅଛି ଓ ଏ କଥା ଉପରେ ଆଧାରିତ କି ସେ ଇଶ୍ୱରଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ କେତେ ମାତ୍ରାରେ ପରିଚାଳିତ ହେଉଛି । ସେହିପରି ଆମେ ଏହା ଜାଣୁଛୁ କି ସମସ୍ତ ଲୋକେ ହେଉଛନ୍ତି ସମାନ ଓ ଆମେ ଜାତି, ବର୍ଣ୍ଣ ଉପରେ ଆଧାରିତ ପ୍ରତ୍ୟେକ ପ୍ରକାର ବିଭେଦର ବିରୋଧ କରିଥାଉ ଯେଉଁଠାରେ ଗୋଟିଏ ପଟେ ଆମେ ଇସ୍‌ଲାମ୍‌ର ବାର୍ତାକୁ ପ୍ରସାର କରୁଅଛୁ ସେଠି ଆମେ ମାନବଜାତିର ଅଧିକାରକୁ ମଧ୍ୟ ପୂରଣ କରୁଅଛୁ ଓ ଯେଉଁ ଅସହାୟ ଓ ନିରାଶ୍ରୟ ବ୍ୟକ୍ତି ଅଛନ୍ତି ସେମାନଙ୍କୁ ସୁବିଧା ସୁଯୋଗ ଓ ଆରାମ ପହଂଚାଇବା ପାଇଁ ଚେଷ୍ଟା କରୁଅଛୁ । ଆମେ ଆଫ୍ରିକାରେ, ଏସିଆରେ ଓ ଦୁନିଆର ଅନ୍ୟାନ୍ୟ ଉନ୍ନତିଶୀଳ ଦେଶଗୁଡିକରେ ନିଜର ସମସ୍ତ ଉତମ ସାମର୍ଥ୍ୟକୁ ବିନିଯୋଗ କରି ସେବା କରିଚାଲିଛୁ । ସେହିପରି ଏଠି ଜାପାନ୍‌ରେ ମଧ୍ୟ ସେବା କରୁଅଛୁ ଯେଉଁଭଳି ଏଠି କିଛି ବକ୍ତା ମଧ୍ୟ କହିସାରିଛନ୍ତି । ଦୁନିଆରେ ଆମ ମସ୍‌ଜିଦ୍ ଗୁଡିକୁ ଓ ଆମର ଜମାତ୍‌କୁ ମାନବଜାତିର ସେବାକାରୀ ଜମାତ୍ ରୂପେ ବିବେଚନା କରାଯାଉଛି । ଆମେ ସ୍କୁଲ୍ ଓ ଡାକ୍ତରଖାନା ନିର୍ବାହ କରୁଛୁ ଯାହା ସବୁ ଦୁନିଆର ଦୂରଦୂରାନ୍ତ ଇଲାକାରେ ଅସହାୟ ଲୋକମାନଙ୍କୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁବିଧା ଯୋଗାଇ ଦେଉଛୁ । ଦୁଃଖ ଜର୍ଜରିତ ଲୋକମାନଙ୍କ ଅଶୃକୁ ଆମେ ପୋଛିଦେଉଛୁ । ଆମେ ସେମାନଙ୍କର ଦୁଃଖ, ବିବଶତା ଓ କଷ୍ଟକୁ ଦୂର କରିବା ପାଇଁ ଚେଷ୍ଟା କରୁଛୁ । ଆମେ ସେମାନଙ୍କର ଆବଶ୍ୟକକୁ ପୂରଣ କରୁଛୁ ଓ ସେମାନଙ୍କୁ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ସାହାଯ୍ୟ ସହଯୋଗ କରୁଛୁ, ସୁତରାଂ ଏ ସଂସାରରେ ଯେଉଁଠି ବି ଆମର ମସ୍‌ଜିଦ୍ ନିର୍ମାଣ ହୋଇଛି ବା ଆମ ଜମାତ୍ ପ୍ରତିଷ୍ଠା ହୋଇଛି ସେଠିକାର ସ୍ଥାନୀୟ ସଦସ୍ୟମାନେ ଏକଥାକୁ ବହୁତ ଶିଘ୍ର ବୁଝିଯାଉଛନ୍ତି କି ଆମେ ହେଉଛୁ ଶାନ୍ତି, ଭାଇଚାରା ଓ ସହିଷ୍ଣୁତାର ଶିକ୍ଷା ଉପରେ ପରିଚାଳିତ ହେଉଥିବା ଲୋକେ ଓ ତାଙ୍କର ତବ୍‌ଲିଗ୍ କରିବା ବ୍ୟତୀତ ଆଉ କିଛି କରୁନାହୁଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆମେ ବିଶ୍ୱାସ ରଖିଛୁ କି ଏ ଯୁଗରେ ପ୍ରକୃତ ଜିହାଦ୍ ତରବାରି ବା ଅସ୍ତ୍ରଶସ୍ତ୍ର ଦ୍ୱାରା ଜିହାଦ୍ ନୁହେଁ ବରଂମନକୁ ନିୟନ୍ତ୍ରଣ କରିବା ବା ସଂସ୍କାର କରିବାର ଜିହାଦ୍ ରହିଛି । ଏହି ଜିହାଦ୍ ନିଜ ମନରେ ପୁଣ୍ୟ ପରିବର୍ତନ ଆଣିବା ପାଇଁ ରହିଛି ଓ ଏହାଦ୍ୱାରା ଇସ୍‌ଲାମ୍‌ର ସତ୍ୟ ଓ ଶାନ୍ତିମୂଳକ ଶିକ୍ଷାକୁ ସଂସାରର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଂଚାଇବାର ଜିହାଦ୍ । ଆମେ ଏହା ଆଫ୍ରିକାରେ କରୁଅଛୁ, ୟୁରୋପ, ଏସିୟା, ଆମେରିକା, ଅଷ୍ଟ୍ରେଲିଆରେ ଓ ନିଶ୍ଚିତ ରୂପେ ସଂସାରର ପ୍ରତ୍ୟେକ ଇଲାକାରେ କରୁଅଛୁ ଓ ଏଠି ଜାପାନ୍‌ରେ ମଧ୍ୟ ଆମର ଏ ଉଦ୍ଦେଶ୍ୟ ରହିଛି କି ଏହି ସମ୍ମାନୀୟ ଜାତିର ଲୋକମାନଙ୍କୁ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ବିଷୟରେ ଅବଗତ କରାଇବୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆମେ ଜାପାନୀ ଲୋକମାନଙ୍କୁ ବତାଇବାକୁ ଚାହୁଁଛୁ କି ଇସ୍‌ଲାମ୍ ହେଉଛି ସେହି ଧର୍ମ ଯିଏ ଆମକୁ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନାଇବା ଓ ତା ସହିତ ସମ୍ପର୍କ ଯୋଡ଼ିବା ଓ ମାନବଜାତିର ସେବା କରିବା ପାଇଁ ପ୍ରୋତ୍ସାହିତ କରିଥାଏ । ଆଜିଠାରୁ ଇନ୍‌ଶାଅଲ୍ଲାଃ ଏହି ମସ୍‌ଜିଦ୍‌ଟି, ଯାହା ଜାପାନ୍‌ରେ ଆମର ସର୍ବପ୍ରଥମ ମସ୍‌ଜିଦ୍ ଅଟେ, ଏହି ସହରରେ ଓ ସମସ୍ତ ଜାପାନ୍‌ରେ ସଦାସର୍ବଦା ଏହି ବାର୍ତା ପହଂଚାଇବ । ଏହାର ମିନାର୍ ଏ ଘୋଷଣା କରିବ କି ଇସ୍‌ଲାମ୍ ହେଉଛି ଶାନ୍ତି, ସୁରକ୍ଷା ଓ ଭାଇଚାରାର ଧର୍ମ । ଇସ୍‌ଲାମ୍ ଖୁଦାତାଲା ଓ ଜଣେ ଅନ୍ୟଜଣଙ୍କର ଅଧିକାରକୁ ପ୍ରଦାନ କରିବାର ଧର୍ମ ଅଟେ । ଏବେ ଯେବେ କି ଏହି ମସ୍‌ଜିଦ୍‌ଟି ନିର୍ମାଣ ହୋଇସାରିଛି ମୋର ବିଶ୍ୱାସ ଅଛି କି ସ୍ଥାନୀୟ ଅହେମଦୀମାନେ ଇସ୍‌ଲାମ୍‌ର ପୂର୍ଣ୍ଣ ଶିକ୍ଷାଗୁଡିକ ଉପରେ ପୂର୍ବଠାରୁ ବଳି ଅମଳ କରିବେ ଏବଂ ଆପଣ ସମସ୍ତଙ୍କ ଉପରେ ଏହାର ବାସ୍ତବିକତାକୁ ସ୍ପଷ୍ଟ କରିବେ । ଇନ୍‌ଶାଅଲ୍ଲାଃ । ସ୍ଥାନୀୟ ଅହେମଦୀମାନେ ଇସ୍‌ଲାମ୍‌ର ସଠିକ୍ ଓ ଅସଲ ଶିକ୍ଷାଗୁଡିକ ଉପରେ ପରିଚାଳିତ ହେବା ବାଲା ଓ ସେମାନଙ୍କୁ ତବ୍‌ଲିଗ୍ କରିବାବାଲା ହେବେ । ସେହି ଲୋକମାନଙ୍କର ଶଙ୍କା ଓ ସନ୍ଦେହକୁ ଦୂର କରିବେ, ଯେଉଁମାନେ ଏହା ଭାବୁଛନ୍ତି କି ଇସ୍‌ଲାମ୍ ହେଉଛି ଗୋଟିଏ ଚରମପନ୍ଥୀ ଧର୍ମ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ନିଶ୍ଚିତ ରୂପେ ପୂର୍ବଠାରୁ ବହୁ ଅଧିକ ଏବେ ଏ ଦୁନିଆକୁ ଶାନ୍ତି ଓ ବୁଝାମଣାର ଆବଶ୍ୟକତା ରହିଛି । ତେଣୁ ଆମେ ସମସ୍ତଙ୍କୁ ମିଳିମିଶି ଜଣେ ଅନ୍ୟଜଣଙ୍କ ସହିତ ହାତ ମିଳାଇ ଏ ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ କାର୍ଯ୍ୟ କରିବା ଉଚିତ୍ । ଏହା କେବଳ ଇଶ୍ୱରଙ୍କ ଅଧିକାରକୁ ପ୍ରତିଷ୍ଠା କରି ଓ ଜଣେ ଅନ୍ୟଜଣକର ଅଧିକାରକୁ ପ୍ରତିଷ୍ଠା କରିବା ଦ୍ୱାରା ହିଁ ସମ୍ଭବ ହୋଇପାରିବ ଅର୍ଥାତ୍ ଏହାଦ୍ୱାରା ଆମେ ଶାନ୍ତିପୁର୍ଣ୍ଣ ଦୁନିଆକୁ ଦେଖିପାରିବା ଓ ଶାନ୍ତିର ସହିତ ରହିପାରିବା । ଏଥିରେ କୌଣସି ଫରକ ପଡୁନାହିଁ କି ଲୋକେ ଦୁନିଆର କେଉଁ ଭାଗରେ ବସବାସ କରୁଛନ୍ତି । ଯଦି ଜଣେ ଅନ୍ୟଜଣକ ସହିତ ନିଷ୍ଠାଭାବ ରଖିଥିବ ଓ ସୁସମ୍ପର୍କ ରଖିଥିବ ତେବେ ବିଭ୍ରାଟ, ରକ୍ତପାତ ଓ ଯୁଦ୍ଧ ଇତ୍ୟାଦିରେ ପରିପୁର୍ଣ୍ଣ ସଂସାର ଯାହାକୁ ଏବେ ଆମେ ଦେଖୁଅଛେ, ଏହା ଶାନ୍ତି, ସହିଷ୍ଣୁତା ଓ ଭାଇଚାରାର ପ୍ରତିକ ହୋଇପାରିବ । ଇଶ୍ୱର ଆମ ସମସ୍ତଙ୍କୁ ଏହା ଉପରେ ପରିଚାଳିତ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଶେଷରେ ମୁଁ ଏହା ମଧ୍ୟ ସ୍ପଷ୍ଟ କରିବାକୁ ଚାହୁଁଛି କି ସମସ୍ତଙ୍କ ପାଇଁ ଆମ ମସ୍‌ଜିଦ୍‌ର ଦ୍ୱାରା ଉନ୍ମୁକ୍ତ ରହିଛି ଓ ଏହି ଦ୍ୱାରଟି ପ୍ରତ୍ୟେକ ଧର୍ମ ସହିତ ସମ୍ପର୍କ ରଖିଥିବା ସଦସ୍ୟମାନଙ୍କ ପାଇଁ ସର୍ବଦା ଖୋଲା ରହିବ, ଯେଉଁମାନେ ଏକ ଇଶ୍ୱରଙ୍କ ଉସାସନା କରିବାକୁ ଚାହୁଁଛନ୍ତି । ମୁଁ ପ୍ରାର୍ଥନା କରୁଛି ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଶକ୍ତି ପ୍ରଦାନ କରନ୍ତୁ କି ଆମେ ସେହି ମାର୍ଗରେ ପରିଚାଳିତ ହେବା, ଯେଉଁ ମାର୍ଗଟି ଇଶ୍ୱରଙ୍କ ପୁରଷ୍କାର ଓ ଅନୁଗ୍ରହକୁ ଗ୍ରହଣ କରିବାର ମାର୍ଗ ଅଟେ ଓ ଏହା ଦ୍ୱାରା ସମଗ୍ର ସଂସାର ଏହାର ପୁରଷ୍କାର ଗୁଡିକର ଉତରାଧିକାରୀ ହୋଇପାରିବ । ଇଶ୍ୱର କରନ୍ତୁ କି ଆମେ ଏ ସଂସାରରେ ବାସ୍ତବିକ ଓ ଅଶେଷ ଶାନ୍ତିକୁ ଦେଖିପାରିବା । ଆମିନ୍ ।

ଏହି କଥା ସହିତ ମୁଁ ଆଉଥରେ ପୁଣି ଆପଣ ସମସ୍ତଙ୍କର ଆଜିକାର ଏହି ପ୍ରୋଗ୍ରାମ୍‌ରେ ଯୋଗ ଦେଇଥିବାରୁ ଧନ୍ୟବାଦ ଅର୍ପଣ କରୁଛି । ଆପଣ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ଏହି ଅଭିଭାଷଣ ୬:୫୨ ପର୍ଯ୍ୟନ୍ତ ଜାରି ରହିଲା । ଅଭିଭାଷଣ ଶେଷ ହେବା କ୍ଷଣି ସମସ୍ତ ଅତିଥିବୃନ୍ଦ ବହୁତ ସମୟ ପର୍ଯ୍ୟନ୍ତ ତାଳି ମାରିଲେ । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଦୁଆ କରାଇଲେ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ଅତିଥିମାନଙ୍କ ସେବାରେ ଭୋଜନ ପରିବେଷଣ କରାଗଲା । ସମସ୍ତ ଅତିଥିବୃନ୍ଦ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଭୋଜନ ଗ୍ରହଣ କଲେ ।

ରାତ୍ରିଭୋଜନ ପରେ ଅତିଥିମାନେ ଜଣ ଜଣ ହୋଇ ହଜୁର୍ ଅନୁୱର୍ ଅ:ବ:ଅଙ୍କ

ନିକଟରେ ହାଜିର୍ ହୋଇ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ସମସ୍ତଙ୍କ ସହିତ କଥା ହେଲେ । ସମସ୍ତେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏଠାକୁ ଆସିଥିବା ପ୍ରତ୍ୟେକ ଅତିଥି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ବାବର୍କତ୍ ଅସ୍ତିତ୍ୱରୁ ଲାଭାନ୍ୱିତ ହେଲେ ଏବଂ ପ୍ରତ୍ୟେକ ବ୍ୟକ୍ତି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ବ୍ୟକ୍ତିତ୍ୱ ଓ ହଜୁରଙ୍କ ଅଭିଭାଷଣ ଦ୍ୱାରା ବହୁତ ପ୍ରଭାବିତ ହେଲେ ।

ଏହି ପ୍ରୋଗ୍ରାମ୍ ପରେ ୮:୩୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ରେ ପହଂଚି ନମାଜ ମଗ୍‌ରିବ୍ ଓ ଇସା ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଅତିଥି ମାନଙ୍କର ମନୋଭାବ**

ଆଜି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣଟି ଅତିଥିମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି । ଅନେକ ଅତିଥି ଏ ପ୍ରସଙ୍ଗରେ ମୁକ୍ତ ସ୍ୱରରେ ନିଜର ମନୋଭାବ ଓ ଭାବନାକୁ ପ୍ରକାଶ କରିଛନ୍ତି ।

Watanabe Kane (ୱାତାନାବେକାନେ) ସାହେବ୍ ହେଉଛନ୍ତି ଜଣେ ବୌଧ । ସେ ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ପ୍ରକାଶ କରି କହିଲେ-ଇମାମ୍ ଜମାତ୍ ଅହେମଦୀୟାଙ୍କ ଆଗମନ ବହୁତ ଭଲ ସମୟରେ ହେଲା । ଯେବେ କି ଆମେ ପ୍ୟାରିସ୍‌ଠାରେ ଆତଙ୍କବାଦ ଆକ୍ରମଣ ହେବାପରେ ଏକ ପ୍ରକାର ଅଶାନ୍ତ ବାତାବରଣ ମଧ୍ୟରେ ଥିଲୁ (କିନ୍ତୁ ଖଲିଫା) ଯେଉଁ ସୁନ୍ଦର ଓ ସହଜ ଅନ୍ଦାଜରେ କଥାହେଲେ ଓ ଇସ୍‌ଲାମ୍‌ର ସଂଜ୍ଞାକୁ ଉପସ୍ଥାପନ କଲେ, ଏହାଦ୍ୱାରା ଏହି ଅଶାନ୍ତି ଓ ଆବେଗର ଅବସ୍ଥା, ଯାହା ଆମ ହୃଦୟରେ ଇସ୍‌ଲାମ୍ ସମ୍ବନ୍ଧରେ ଭରି ରହିଥିଲା ତାହା ଶେଷ ହୋଇଗଲା । ଇମାମ୍ ଜମାତ୍ ଅହେମଦୀୟାଙ୍କ ଆଗମନ ଓ ଏହି ମସ୍‌ଜିଦ୍‌ର ନିର୍ମାଣ ଦ୍ୱାରା ଆମ ମନ ଭିତରେ ଥିବା ଭୟ ଓ ଶଙ୍କା ଏକାଥରକେ ଶେଷ ହୋଇଯାଇଛି ।

Ito hiroshi ସାହେବ ଯିଏ ହେଉଛନ୍ତି ଜଣେ ଓକିଲ ଏବଂ ସେ ମସ୍‌ଜିଦ୍ କ୍ରୟ ଇତ୍ୟାଦି କାନୁନି ସିଲ୍‌ସିଲାରେ ବହୁତ ସାହାଯ୍ୟ କରିଛନ୍ତି । ସେ ନିଜର ମନୋଭାବକୁ ପ୍ରକାଶ କରି କହିଲେ- ଆଜି ମୋ ଜୀବନରେ ସବୁଠାରୁ ଉତମ ଦିନ ଥିଲା । କାରଣ ମୁଁ ସବୁଠାରୁ ଉତମ ବ୍ୟକ୍ତିଙ୍କ ସହିତ ସାକ୍ଷାତ୍ କରିଛି । ଇମାମ୍ ଜମାତ୍ ଅହେମଦୀୟାଙ୍କ ସମସ୍ତ କଥା ସତ୍ୟ ଉପରେ ଆଧାରିତ ଥିଲା, ଯେଉଁଠି ସେ ଶାନ୍ତି ଓ ନମ୍ରଭାବ ଆଚରଣ କରିବା ପାଇଁ ପ୍ରୋତ୍ସାହନ ଦେଇଛନ୍ତି ସେଠାରେ ସେ ନ୍ୟାୟ କରିବା ପାଇଁ ମଧ୍ୟ କହିଛନ୍ତି ଯାହା ବହୁତ ଭଲ କଥା ।

Tamiya Yukiko ସାହେବ୍ ଯିଏ ହେଉଛନ୍ତି ଏହି ମସ୍‌ଜିଦ୍‌ର ଆର୍କିଟେକ୍ଟ୍ । ସେ ନିଜର ମନୋଭାବକୁ ପ୍ରକାଶ କରି କହିଲେ ଆଜିର ଏହି ବୈଭବପୂର୍ଣ୍ଣ ମଜ୍‌ଲିସ୍‌ରେ ହଜୁର୍ ଅନୁଓ୍ୱର୍‌ଙ୍କ ଉପସ୍ଥିତିରେ ମୋତେ ଏପରି ଲାଗିଲା କି ଏ ସଂସାର ଏକ ହୋଇଯାଇଛି ଓ ନିଜ ଭିତରେ ଥିବା ଦୂରତା ନିଃଶେଷ ହୋଇଯାଇଛି । ଜାପାନ୍‌ର ସବୁଠାରୁ ବଡ଼ ମସ୍‌ଜିଦ୍‌ଟିର ନିର୍ମାଣ ସମ୍ପୂର୍ଣ୍ଣ ହେବାଯୋଗୁ ମୁଁ ଆପଣମାନଙ୍କୁ ଶୁଭେଚ୍ଛା ଜଣାଉଛି ।

ଜଣେ ଶିକ୍ଷାର୍ଥୀ Kobyashi Koji ସାହେବ୍ ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ କହିଲେ ମୁଁ ହେଉଛି ଗୋଟିଏ ୟୁନିଭରସିଟିର ଛାତ୍ର ଓ ଆମ ଘର ହେଉଛି ବୁଦ୍ଧିଷ୍ଟ୍ ପ୍ରିଏଷ୍ଟ୍‌ମାନଙ୍କର ଘର ଓ ମୋ ଘରେ ମନ୍ଦିର ଅଛି । ମୋତେ ଇସ୍‌ଲାମ୍ ବିଷୟରେ ବହୁତ ଆଗ୍ରହ ଥିଲା । କିନ୍ତୁ ଏପର୍ଯ୍ୟନ୍ତ କେବେ କୌଣସି ମୁସଲ୍‌ମାନଙ୍କ ସହିତ କଥା ହେବାର ଅବସର ମିଳିନଥିଲା । ପୁସ୍ତକ ଗୁଡିକରୁ ଯାହା କିଛି ପଢ଼ିବା ପାଇଁ ମିଳିଛି ମୁଁ ସେତିକି ପଢ଼ିପାରିଛି । ସେ ଯାହା ହେଉ ଆଜି ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଏବଂ His Holiness ଙ୍କ କଥା ଶୁଣି ମୋତେ ଇସ୍‌ଲାମ୍‌ର ଅସଲ ସ୍ୱରୂପ ଦୃଷ୍ଟିଗୋଚର ହେଲା ଏବଂ ଗୋଟିଏ ନୁଆ ଅଧ୍ୟାୟ ମୋ ଉପରେ ଖୋଲିଗଲା ।

ଜଣେ ଜାପାନୀ ମହିଳା Yuki Sngisaki ସାହିବା ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ଏହି ବୈଭବପୂର୍ଣ୍ଣ ଉତ୍ସବରେ ନିମନ୍ତ୍ରଣ ଦେଇଥିବାରୁ ମୁଁ ଅନ୍ତରାତ୍ମାରୁ କୃତଜ୍ଞତା ଜ୍ଞାପନ କରୁଛି । ଏହି ସହରରେ ଏତେ ସୁନ୍ଦର ମସ୍‌ଜିଦ୍ ନିର୍ମାଣ ହୋଇଥିବା ଯୋଗୁ ଏହା ଆମପାଇଁ ବହୁତ ଖୁସିର କଥା । ମୁଁ ଗୋଟିଏ ୟୁନିଭରସିଟିର ଶିକ୍ଷାର୍ଥୀ ଓ ବିଭିନ୍ନ ଧର୍ମ ଉପରେ ଗବେଷଣା କରୁଅଛି । ଏହି ଉତ୍ସବରେ ସାମିଲ୍ ହେବା ପରେ ମୋତେ ଏହା ଅନୁଭବ ହୋଇଛି କି ଆମ ନିକଟରେ ଇସ୍‌ଲାମ୍ ସମ୍ବନ୍ଧୀୟ ଯେଉଁ ଜ୍ଞାନ ଅଛି ତାହା ବହୁତ କମ୍ । ସେଥିଯୋଗୁ ଆମେ ଭୁଲ୍‌ର ଶିକାର ହେଉଅଛୁ । ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ହେଉଛି ଏ ଯୁଗପାଇଁ ଆବଶ୍ୟକ । ମୁଁ ଏହି ଅଭିଭାଷଣରୁ ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି ଶିଖିବାକୁ ପାଇଲି । ଆମେ ଜାପାନୀ ଲୋକେ ଇସ୍‌ଲାମ୍ ବିଷୟରେ ବିଶେଷ କିଛି ଜାଣିନାହୁଁ । ବରଂ ଇସ୍‌ଲାମ୍‌ଠାରୁ ବହୁତ ଭୟଭୀତ ଅଛୁ । କିନ୍ତୁ ଆଜି ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଦ୍ୱାରା ଆମେ ଏହା ଜାଣିପାରିଲୁ କି ପ୍ରକୃତରେ ଇସ୍‌ଲାମ୍ ହେଉଛି କଣ ? ଏଥିରେ କୌଣସି ସନ୍ଦେହ ନାହିଁ କି ଖଲିଫତୁଲ୍ ମସିହ୍ ହେଉଛନ୍ତି ଶାନ୍ତିର ପୈଗମ୍ବର ।

ସେ ପୁଣି କହିଲେ ଏହି ଉତ୍ସବରେ ସାମିଲ୍ ହୋଇଥିବା ଯୋଗୁ ଏହା ମଧ୍ୟ ଜାଣିପାରିଲୁ କି ଇସ୍‌ଲାମ୍ ସମ୍ବନ୍ଧରେ ପୁସ୍ତକ ପଢ଼ିବା ଦ୍ୱାରା ଓ ଏହାର ଇତିହାସ ପଢ଼ିବା ଦ୍ୱାରା ଆମେ ଏହାର ଅସଲ ଚେହେରାକୁ ଦେଖିପାରିବା ନାହିଁ । ସେଥିଯୋଗୁ ଏହିପରିକା ଆହୁରି ଉତ୍ସବ ଅନୁଷ୍ଠିତ କରିବାର ଆବଶ୍ୟକ ରହିଛି । ମସ୍‌ଜିଦ୍‌ଟି ନିର୍ମାଣ ହେବା ପରେ । ମୁଁ ଭାବୁଛି କି ଏହିପରି ଅବସର ପୁଣି ଆଗକୁ ଆସିବ । ଇମାମ୍ ଜମାତ୍ ଅହେମଦୀୟା ଓ ତାଙ୍କ ଜମାତ୍ ସହିତ ମିଶିବାର ମୌକା ମିଳିଲା । ଏମାନଙ୍କ ଚେହେରାରୁ ମୋତେ ଆପୋଷ ପ୍ରେମଭାବ, ଶାନ୍ତି ଓ ସୌହାର୍ଦ୍ଦ୍ୟ ଦୃଷ୍ଟିଗୋଚର ହେଲା ଓ ଏମାନଙ୍କ ସହିତ ସାକ୍ଷାତ୍ କରିବା ପରେ ମୋତେ ଏମାନଙ୍କଠାରେ ବହୁତ ପ୍ରେମଭାବ ଓ ଭଲପାଇବା ଦେଖାଗଲା ।

ଆଉଜଣେ ଜାପାନୀ ବନ୍ଧୁ Toya Sakurai ସାହେବ୍ ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ଆଜିକାର ଏହି ଉତ୍ସବରେ ସାମିଲ୍ ହେବାଦ୍ୱାରା ଏବଂ ଜମାତ୍ ଅହେମଦୀୟାର ଇମାମ୍‌ଙ୍କ କଥା ଶୁଣିବା ଦ୍ୱାରା ଏହି ଦୁନିଆର ଶାନ୍ତି ସମ୍ବନ୍ଧରେ ଭାବିବା ପାଇଁ ଅବସର ମିଳିଲା । ଏହି ଅବସର ଯୋଗାଇ ଦେଇଥିବାରୁ ମୁଁ ଗଭୀର ହୃଦୟରୁ ଧନ୍ୟବାଦ ଜଣାଉଛି । ଖଲିଫତୁଲ୍ ମସିହ୍ କେବଳ ଶାନ୍ତି ବିଷୟରେ ହିଁ କଥା ହେଲେ ଓ ଏ ସଂସାରକୁ ଲୁକାୟିତ ବିପଦ ବିଷୟରେ ମଧ୍ୟ ଅବଗତ କଲେ । ଖଲିଫତୁଲ୍ ମସିହ୍ ଆମର ସେହି ଶଙ୍କା ଗୁଡିକୁ ମଧ୍ୟ ଦୂରେଇ ଦେଲେ କି ମୁସଲ୍‌ମାନ୍ ଏ ସଂସାର ଉପରେ କବ୍‌ଜା କରିବାକୁ ଚାହୁଁଛନ୍ତି । ମୁଁ ବାରମ୍ବାର ଏହା କହିବି କି ଆମେ ଖଲିଫତୁଲ୍ ମସିହ୍‌ଙ୍କ ସହିତ ମିଶି ଶାନ୍ତି ନିମନ୍ତେ କାର୍ଯ୍ୟ କରିବାକୁ ହେବ । ଏବେ ଏହା ହେଉଛି ଆମର ଦାୟିତ୍ୱ କି ଆମେ ଇସ୍‌ଲାମ୍ ସମ୍ବନ୍ଧରେ ପଢ଼ିବା ଓ ଏହାକୁ ବୁଝିବା ।

ଆଉଜଣେ ଜାପାନୀ ବନ୍ଧୁ ୟୁନୁଆଏଥାକାଓ ସାହେବ୍ ଯିଏ ଏହି ଉତ୍ସବରେ ସାମିଲ୍ ହୋଇଥିଲେ ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଏହି ସୁନ୍ଦର ମସ୍‌ଜିଦ୍ ନିର୍ମାଣ କରିଥିବା ଯୋଗୁ ଶୁଭେଚ୍ଛା । ୩୦ ବର୍ଷ ପୂର୍ବେ ମୁଁ ଜାପାନ୍‌ରେ ଅହେମଦୀ ମୁବଲିଗ୍‌ଙ୍କ ସହିତ ସାକ୍ଷାତ୍ କରିଥିଲି ଓ ତାଙ୍କଠାରୁ ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି କଥା ଶିଖିବାକୁ ମିଳିଥିଲା । ଆଜି ୩୦ ବର୍ଷ ପରେ ଇମାମ୍ ଜମାତ୍ ଅହେମଦୀୟାଙ୍କର କଥା ଶୁଣି ମୋର ସେହି ସ୍ମୃତିଗୁଡିକ ପୁଣି ଫେରି ଆସିଛି । ସେଥିଯୋଗୁ ମୁଁ ବହୁତ ଆନନ୍ଦିତ । ମୁଁ ଆସନ୍ତାକୁ ମଧ୍ୟ ଜମାତ୍‌ର ସାହାଯ୍ୟ ଓ ଜମାତ୍ ସହିତ ସୁସମ୍ପର୍କ ରଖିବା ପାଇଁ ଶପଥ କରୁଛି । ମୋତେ, ମୋ ସ୍ତ୍ରୀ ଓ ମୋ ପୁଅକୁ ନିମନ୍ତ୍ରଣ ଦେଇଥିବା ଯୋଗୁ ବହୁତ ବହୁତ ଧନ୍ୟବାଦ ।

ସେହିପରି ଆଉଜଣେ ଜାପାନୀ ବନ୍ଧୁ ଯିଏ ସ୍କୁଲ୍‌ରେ ଟିଚର ଅଛନ୍ତି ସେ କହିଲେ ଅହେମଦୀମାନେ ଅସୁବିଧା ସମୟରେ ସର୍ବଦା ଆମକୁ ସାହାଯ୍ୟ କରିଛନ୍ତି । ଏକଥା ମୁଁ ପୂର୍ବରୁ ଜାଣିନଥିଲି । ମୁଁ ଏ ପାଖର ଗୋଟିଏ ସ୍କୁଲ୍‌ରେ ଶିକ୍ଷକ ଅଛି । ଆଜିଠାରୁ ମୁଁ ନିଜ ସ୍କୁଲ୍‌ର ପିଲାମାନଙ୍କୁ ଏହା କହିପାରିବି କି ଏ ଲୋକମାନେ 'ବିପଦପୂର୍ଣ୍ଣ' ନୁହଁନ୍ତି । ଜମାତ୍ ଅହେମଦୀୟାର ଇମାମ୍ ଏବଂ ବିଭିନ୍ନ ଦେଶରୁ ଆସିଥିବା ଲୋକମାନଙ୍କ ସହିତ ସାକ୍ଷାତ୍ କରିବା ବହୁତ ଭଲ ଅବସର ଥିଲା ।

ଆଉଜଣେ ବନ୍ଧୁ କହିଲେ ଖଲିଫତୁଲ୍ ମସିହ୍ ବହୁତ ସହଜ ଶୈଳୀରେ ଇସ୍‌ଲାମ୍ ସମ୍ବନ୍ଧରେ ବର୍ଣ୍ଣନା କରିଦେଲେ । ତାଙ୍କ କଥାଗୁଡିକ ବହୁତ ଶିଘ୍ର ବୁଝା ପଡୁଥିଲା ।

ପୁଣି ଆଉଜଣେ ବନ୍ଧୁ ଯିଏ ଏହି ଉତ୍ସବରେ ସାମିଲ୍ ଥିଲେ ସେ ନିଜର ମନୋଭାବ ବ୍ୟକ୍ତ କରି କହିଲେ- ଏହି ଉତ୍ସବରେ ସାମିଲ୍ ହୋଇ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଶୁଣିବା ପରେ ଏହା ମୁଁ ଜାଣିପାରିଲି କି ଆମକୁ ଇସ୍‌ଲାମ୍‌ର ମୂଳ ଶିକ୍ଷା ବାବଦରେ ପରିଚୟ ହାସଲ କରିବାର ଅତ୍ୟନ୍ତ ଆବଶ୍ୟକ ରହିଛି । ଜାପାନ୍ ହେଉଛି ଗୋଟିଏ ଦ୍ୱିପ । ଏଠିକାର ଲୋକମାନେ ମଧ୍ୟ ସେହିପରି ବାହାର ଲୋକମାନଙ୍କଠାରୁ ଅଲଗା ଓ ଅପରିଚିତ । ସେଥିପାଇଁ ସେମାନେ ଇସ୍‌ଲାମ୍ ସମ୍ବନ୍ଧରେ ''ସନ୍ତ୍ରାସବାଦ''ର ସ୍ୱରୂପଠାରୁ ଆଗକୁ ବଢ଼ିବା ପାଇଁ ଚେଷ୍ଟା କରୁନାହାଁନ୍ତି । ମୁଁ ଆଶା କରୁଛି କି ଜମାତ୍ ଅହେମଦୀୟାର ଇମାମ୍‌ଙ୍କ ଆଗମନ ଓ ଏହି ମସ୍‌ଜିଦ୍‌ର ନିର୍ମାଣ ଏହି ସ୍ୱରୂପକୁ ବଦଳାଇବା ପାଇଁ ଯୁକ୍ତାତ୍ମକ ମାଧ୍ୟମ ହେବ ।

ମସ୍‌ଜିଦ୍‌ର ଜଣେ ପଡୋଶୀ ଜାପାନି ବନ୍ଧୁ Oono Ken ସାହେବ୍ କହିଲେ କି ମୁଁ ମସ୍‌ଜିଦ୍ ନିକଟରେ ରହୁଛି ଓ ମସ୍‌ଜିଦ୍‌ର ଏହି ଉଦ୍‌ଘାଟନୀ ଉତ୍ସବରେ ସାମିଲ୍ ହୋଇ ଇସ୍‌ଲାମ୍ ସମ୍ବନ୍ଧରେ ଜ୍ଞାନ ଆହରଣ କରି ବହୁତ ଆନନ୍ଦିତ । ମୁଁ ଚାହୁଁଛି କି ଏବେ ଇସ୍‌ଲାମ୍ ସମ୍ବନ୍ଧରେ ଅଧିକା ଜାଣିବା ପାଇଁ ଆସନ୍ତାକୁ ମଧ୍ୟ ଏହି ମସ୍‌ଜିଦ୍‌କୁ ଆସିବି ।

ଆଉଜଣେ ଜାପାନୀ ବନ୍ଧୁ ଇତୁ ହିରୋକି ସାହିବା କହିଲେ-ମୁଁ ଏହି ସଭାରେ ସାମିଲ୍ ହୋଇ ବହୁତ ଆନନ୍ଦି । ଜମାତ୍ ଅହେମଦୀୟାର ଇମାମ୍‌ଙ୍କଠାରୁ ବହୁତ କିଛି ଶିଖିବାକୁ ମିଳିଲା । ସେଇଥିପାଇଁ ମୁଁ ତାଙ୍କର ବହୁତ କୃତଜ୍ଞତା ଜ୍ଞାପନ କରୁଛି ।

ଆଉଜଣେ ଜାପାନୀ ବନ୍ଧୁ ମିଜୁନୁ ୟୁତା ସାହେବ୍ ନିଜ ମନୋଭାବ ବ୍ୟକ୍ତ କରି କହିଲେ- ମୁଁ ଏହିପରି ଉତ୍ସବରେ ପୂର୍ବରୁ କେବେ ଯୋଗଦେଇନାହିଁ । ଆଜି ଏହି ଉତ୍ସବରେ ସାମିଲ୍ ହୋଇ ଓ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଶୁଣି ମୁଁ ପ୍ରଥମ ଥର ପାଇଁ ଏହା ଜାଣିବାକୁ ପାଇଲି କି ମସ୍‌ଜିଦ୍‌ର କଣ ସବୁ ଉଦ୍ଦେଶ୍ୟ ଅଛି ।

ଜଣେ ଜାପାନୀ ଡାକ୍ତର ମାଏଦା ନାଉତୁ ସାହେବ୍ ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ ଅହେମଦୀ ତ ନୁହଁନ୍ତି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ତିନବର୍ଷ ହେବ ଚାନ୍ଦା ଦେଉଛନ୍ତି ଓ ହ୍ୟୁମାନିଟି ଫାଷ୍ଟ୍‌ର କାର୍ଯ୍ୟକ୍ରମରେ ଜମାତ୍ ତରଫରୁ ସ୍ୱେଚ୍ଛାସେବକ ରୂପେ ସେବା କରୁଛନ୍ତି । ସେ କହିଲେ ଯେଉଁ ଇସ୍‌ଲାମ୍‌କୁ ଇମାମ୍ ଜମାତ୍ ଅହେମଦୀୟା ଉପସ୍ଥାପନ କଲେ ଏହାକୁ ମାନିବା ପାଇଁ କୌଣସି ଶଂଟୋଙ୍କ ଅନୁଗାମୀ, ଇସାଇ, ବୁଦ୍ଧିଷ୍ଟ୍ ବା ଅନ୍ୟ କୌଣସି ଧର୍ମର ଅନୁଗାମୀ ମାନଙ୍କୁ କୌଣସି ପ୍ରକାର ଅସୁବିଧା ହେବନାହିଁ ।

ଆଉଜଣେ ବନ୍ଧୁ Mitsuo Ishikawa ସାହେବ୍ କହିଲେ ''ଇସ୍‌ଲାମ୍‌ର ଅର୍ଥ ଶାନ୍ତି ଓ ଆପୋଷ ପ୍ରେମଭାବ'' । ଇମାମ୍ ଜମାତ୍ ଅହେମଦୀୟାଙ୍କ ଏହି ଶବ୍ଦଟି ମୋ ମନକୁ ବହୁତ ପାଇଲା ।

ଆଉଜରେ ଜାପାନୀ ବନ୍ଧୁ Chikamoto Naoki ସାହେବ୍ କହିଲେ- ଏହି ମସ୍‌ଜିଦ୍‌ର ନିର୍ମାଣ ଯୋଗୁ ଅନେକ ଅନେକ ଶୁଭେଚ୍ଛା । ଇମାମ୍ ଜମାତ୍ ଅହେମଦୀୟାଙ୍କ ଆଗମନ ଦ୍ୱାରା ଏହି ଉତ୍ସବଟି ଉତ୍ସବ ମୁଖରିତ ହୋଇଗଲା । ମୁଁ ବହୁତ ପ୍ରଭାବିତ ହୋଇଛି ।

ବ୍ରାଜିଲ୍ ସହିତ ସମ୍ପର୍କ ରଖିଥିବା ଜଣେ ଅଣ ମୁସ୍‌ଲିମ୍ ବନ୍ଧୁ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ପ୍ରକାଶ କରି କହିଲେ ଏହା ବହୁତ ମନୋରମ ଉତ୍ସବ ଥିଲା । ମୁଁ ବ୍ରାଜିଲ୍‌ରେ କେବେ ମୁସଲ୍‌ମାନ୍ ମାନଙ୍କୁ ଏହିଭଳି ଉତ୍ସବ ପାଳନ କରିବାର ଦେଖିନାହିଁ । ଆଜି ଖଲିଫତୁଲ୍ ମସିହ୍‌ଙ୍କ କଥା ଶୁଣି ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି ଶିଖିବାକୁ ପାଇଲି । ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଶୁଣି ମୁଁ ଭାବ ବିହୋଳ ହୋଇଗଲି । ଏଥିରେ କୌଣସି ସନ୍ଦେହ ନାହିଁ କି ଖଲିଫତୁଲ୍ ମସିହ୍‌ଙ୍କ ଶବ୍ଦଗୁଡିକ ହୃଦୟ ପରିବର୍ତନକାରୀ ଅଟେ । ଖଲିଫତୁଲ୍ ମସିହ୍ ବତାଇଲେ କି ସନ୍ତ୍ରାସବାଦୀମାନେ ଏକ ଘୃଣ୍ୟକାର୍ଯ୍ୟ କରୁଛନ୍ତି । କିନ୍ତୁ ଇସ୍‌ଲାମ୍‌ର ଅସଲ ଶିକ୍ଷା ହେଉଛି ବହୁତ ଉତମ । ଏଥିରୁ ଜଣାପଡୁଛି

କି ଇସ୍‌ଲାମ୍ ସମ୍ବନ୍ଧରେ ମିଡ଼ିଆ ଯାହାକିଛି ବତାଉଛି ତାହା ବାସ୍ତବିକଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ ।

ଆଉଜଣେ ଜାପାନୀ ମହିଳା Mrs. Uzuki ସାହିବା ନିଜ ମନୋଭାବ ବ୍ୟକ୍ତ କରି କହିଲେ-ଆଜିର ଏହି ଦିନଟି ମୋ ମତରେ ଜୀବନ ପରିବର୍ତ୍ତନକାରୀ ଥିଲା । ଇସ୍‌ଲାମ୍ ଓ ମୁସଲ୍‌ମାନ୍ ମାନଙ୍କ ସମ୍ବନ୍ଧରେ ମୋର ଥିବା ଦୃଷ୍ଟିକୋଣକୁ ଖଲିଫତୁଲ୍ ମସିହ୍ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଲେ । ଖଲିଫତୁଲ୍ ମସିହ୍ କହିଲେ କି ବର୍ତ୍ତମାନ ତରବାରି ଦ୍ୱାରା ଜିହାଦ୍ କରିବାର ଯୁଗନାହିଁ ବରଂ ପ୍ରେମ ଓ ସ୍ନେହର ସହିତ ଜିହାଦ୍ କରିବାର ଯୁଗ । ଖଲିଫତୁଲ୍ ମସିହ୍‌ଙ୍କର ଏକଥା ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ମୁଁ ତ ଏହା କହିବି କି ସବୁ ଲୋକମାନଙ୍କୁ ଏଠାକୁ ଆସି ଏହି ମସ୍‌ଜିଦ୍‌କୁ ଦେଖିବା ଉଚିତ୍ ଓ ଅହେମଦୀମାନଙ୍କଠାରୁ ଇସ୍‌ଲାମ୍ ବିଷୟରେ ଶିଖିବା ଉଚିତ୍ ।

ଆଉଜଣେ ଜାପାନୀ ମହିଳା Mrs. Haiashi ସାହିବା କହିଲେ ଦୁଇବର୍ଷ ପୂର୍ବେ ମଧ୍ୟ ଜମାତ୍ ଅହେମଦୀୟା ତରଫରୁ ଜାପାନ୍‌ରେ ଗୋଟିଏ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଁ ସେହି ଉତ୍ସବରେ ସାମିଲ୍ ମଧ୍ୟ ହୋଇଥିଲି । କିନ୍ତୁ ସେହି ଉତ୍ସବରେ ସାମିଲ୍ ହେବା ପରେ ମଧ୍ୟ ମୋ ମନରେ କିଛି ପ୍ରଶ୍ନ ବାକି ରହିଯାଇଥିଲା । କିନ୍ତୁ ଆଜି ଖଲିଫତୁଲ୍ ମସିହ୍ ନିଜ ଅଭିଭାଷଣରେ ମୋର ସେହି ସମସ୍ତ ପ୍ରଶ୍ନର ଉତର ଦେଇସାରିଛନ୍ତି । ଏବେ ମୋ ମନରେ ଇସ୍‌ଲାମ୍ ସମ୍ବନ୍ଧୀୟ କୌଣସି ପ୍ରକାରର ଶଙ୍କା ବା ଭୟ ବାକି ନାହିଁ । ଆଜି ମୁଁ ଏ ଶିକ୍ଷା ପାଇଛି କି ଇସ୍‌ଲାମ୍ ଏ ସଂସାର ପାଇଁ ବିପଦପୂର୍ଣ୍ଣ ନୁହେଁ ବରଂ ଏହା ଆମ ସମସ୍ତଙ୍କୁ ଏକତ୍ରିକ କରିପାରିବ ।

ଆଉଜଣେ ଜାପାନୀ ମହିଳା Miss Maho Haden ସାହିବା ନିଜର ମନୋଭାବ ବ୍ୟକ୍ତ କରି କହିଲେ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଶୁଣି ମୋର ଏ ଅନ୍ଦାଜ୍ ହେଲା କି ସେ ବାସ୍ତବରେ ହେଉଛନ୍ତି ଜଣେ ଶାନ୍ତିର ଦୂତ । ସେ ନିଜ ଅଭିଭାଷଣରେ ଏହା ସ୍ପଷ୍ଟ ରୂପେ ବତାଇଲେ କି ମାନବ ଜାତିର ସେବା କରିବା ମଧ୍ୟ ଇସ୍‌ଲାମ୍‌ର ଏକ ଅଭିନ୍ନ ଅଙ୍ଗ ।

ସେ ପୁଣି କହିଲେ ଯେବେ ଆପଣମାନେ ଖଲିଫାଙ୍କ ଆଡକୁ ଦେଖୁଛନ୍ତି ସେତେବେଳେ ଆପଣଙ୍କୁ ନିଜ ଭିତରେ ଏକପ୍ରକାର ଶାନ୍ତି ଅନୁଭବ ହେଉଛି । ଖଲିଫାଙ୍କର ଆତ୍ମା ବାସ୍ତବରେ ବହୁତ ଶାନ୍ତିପୁର୍ଣ୍ଣ ଆତ୍ମା ଅଟେ ।

ଏହିପରି ଆଉଜଣେ ଜାପାନୀ ମହିଳା କୁବାୟାଶି ନାକାଓ ସାହିବା ଯିଏ ସ୍କୁଲ୍‌ରେ ଜଣେ ଟିଚର୍ ଅଛନ୍ତି, ସେ କହିଲେ ମୋତେ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଶୁଣିବା ପୂର୍ବରୁ ଦଫ୍‌ତର୍‌ରେ ତାଙ୍କ ସହିତ ସାକ୍ଷାତ୍ କରିବାର ଅବସର ମିଳିଛି । ଖଲିଫତୁଲ୍ ମସିହ୍ ସାକ୍ଷାତ୍‌କାର ସମୟରେ ଓ ପୁଣି ପରେ ନିଜ ଅଭିଭାଷଣ ମାଧ୍ୟମରେ ମୋର ସମସ୍ତ ପ୍ରଶ୍ନର ଉତର ଦେଇସାରିଛନ୍ତି । ଏବେ ମୋର ପୁର୍ଣ୍ଣ ବିଶ୍ୱାସ ରହିଛି କି ଇସ୍‌ଲାମ୍ ହେଉଛି ଗୋଟିଏ ଶାନ୍ତିପୁର୍ଣ୍ଣ ଧର୍ମ । ମୁଁ ଏଠାକୁ କିଛି ନିଜର ଶିକ୍ଷାର୍ଥୀଙ୍କୁ ସାଥିରେ ନେଇ ଆସିଥିଲି । ଏହି ଶିକ୍ଷାର୍ଥୀମାନେ ଏହାପୂର୍ବରୁ ଇସ୍‌ଲାମ୍‌ଠାରୁ ବହୁତ ଭୟଭୀତ ଥିଲେ । କିନ୍ତୁ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଶୁଣିବା ପରେ ଏମାନଙ୍କର ଦୃଷ୍ଟିକୋଣ ପରିବର୍ତ୍ତନ ହୋଇଯାଇଛି ବରଂ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଶୁଣି ସେମାନେ ବହୁତ ଆଶ୍ଚର୍ଯ୍ୟ ହୋଇଛନ୍ତି ଓ ମସ୍‌ଜିଦ୍ ଭିତରେ ନିଜକୁ ବହୁତ ସୁରକ୍ଷିତ ମଣୁଛନ୍ତି । ମୁଁ ଏହା ଚାହୁଁଛି କି ଜାପାନୀ ଓ ଅହେମଦୀମାନଙ୍କ ମଧ୍ୟରେ ଏହି ସମ୍ପର୍କ ଆହୁରି ଦୃଢ଼ୀଭୁତ ହୋଇଚାଲୁ ।

ଆଉଜଣେ ଜାପାନୀ ଶିକ୍ଷାର୍ଥୀ Ichino Noriyuki ସାହେବ୍ କହିଲେ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଏକ ଶାନ୍ତିପୁର୍ଣ୍ଣ ବାର୍ତ୍ତା ଥିଲା । ମୋ ମତରେ ଏବେ ଏହି ମସ୍‌ଜିଦ୍ ଜରିଆରେ ମୁସଲ୍‌ମାନ୍ ଏବଂ ଅନ୍ୟ ଲୋକମାନଙ୍କ ମଧ୍ୟରେ ଯେଉଁ ଦୂରତା ରହିଯାଇଥିଲା ତାହା ଏବେ ଶେଷ ହୋଇଯିବ ଓ ଜାପାନ୍‌ରେ ଇସ୍‌ଲାମ୍ ପ୍ରସାର ହୋଇଚାଲିବ ।

## ପ୍ରିଂଟ୍ ମିଡ଼ିଆ ଓ ୱେବ୍‌ସାଇଟ୍‌ର କଭରେଜ୍

ଜାପାନ୍‌ର ପ୍ରିଂଟ୍ ମିଡ଼ିଆ ଓ ୱେବ୍‌ସାଇଟ୍‌ରେ ମଧ୍ୟ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ବିଷୟରେ ବହୁତ ବ୍ୟାପକ ରୂପେ କଭରେଜ କରାଯାଇଛି ।

ଗୋଟିଏ ଖବରକାଗଜ The Daily Yomiuri ଯାହାର ପ୍ରକାଶନ ହେଉଛି ଏକକୋଟି ବାରଲକ୍ଷ ଏହା ଦୁନିଆର ସବୁଠାରୁ ଅଧିକ ବିକ୍ରି ହୋଇଥିବା ଖବରକାଗଜ ମାନଙ୍କ ମଧ୍ୟରେ ଗଣାଯାଏ । ଏହି ଖବରକାଗଜଟି ନିମ୍ନଲିଖିତ ହେଡ୍‌ଲାଇନ୍ ଦେଇ ଖବର ପ୍ରକାଶ କରିଛି ।

**(''ଇସ୍‌ଲାମ୍‌ର ଅସଲ ଚେହେରା''- ନୂତନ ରୂପେ ନିର୍ମାଣ ହୋଇଥିବା ମସ୍‌ଜିଦ୍‌ରେ (ପ୍ୟାରିସ୍‌ର ଦୁଃଖଦ ଘଟଣା) ନିଃଶେଷ ହୋଇଯାଇଥିବା ଲୋକମାନଙ୍କ ପାଇଁ ପ୍ରାର୍ଥନା କରାଗଲା ।)**

ଖବରର ବ୍ୟାପକ ରୂପେ ଚର୍ଚ୍ଚା କରି ଖବରକାଗଜଟି ଲେଖିଲା:- ଜାପାନ୍‌ରେ ୨୦୦ରୁ ଅଧିକା ଲୋକଙ୍କୁ ନେଇ ପରିବେଷ୍ଟିତ ''ଅହେମଦୀୟା ମୁସ୍‌ଲିମ୍ ଜମାତ୍ ଜାପାନ'' ଶୁକ୍ରବାର ୨୦ ନଭେମ୍ବର ଦିନ କୋସୁଶିମା ସହରରେ ନିଜର ନୂତନ ରୂପେ ନିର୍ମାଣ ହୋଇଥିବା ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ଅବସରରେ ନମାଜ ଜୁମା ସମୟରେ ପ୍ୟାରିସ୍‌ରେ ଘଟିଥିବା ଦୁଃଖଦ ଘଟଣାରେ ପ୍ରାଣ ତ୍ୟାଗ କରିଥିବା ଲୋକମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରାଗଲା । ଏହି ଅବସରରେ ସାରା ଦୁନିଆରୁ ଆସିଥିବା ଲୋକମାନେ, ଯେଉଁମାନଙ୍କର ସଂଖ୍ୟା ହେଉଛି ପାଖାପାଖି ପାଂଚଶହ ଉପସ୍ଥିତ ଥିଲେ ।

ଖୁତ୍‌ବାଜୁମାରେ ବିଶ୍ୱବ୍ୟାପି ଜମାତ୍ ଅହେମଦୀୟାର ଇମାମ୍ ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍ ନିଜ ଭାଷଣରେ ପ୍ୟାରିସ୍‌ର ଘଟଣାକୁ 'ମାନବିକତା ବିରୋଧରେ ଏକ ଘୃଣ୍ୟ ଅପରାଧ' ଅଭିହିତ କରି କଠୋରପନ୍ଥୀ ସଂଗଠନ ଦାଇଶ୍‌ର ସମ୍ପୂର୍ଣ୍ଣ ରୂପେ ନିନ୍ଦା କଲେ ଓ ନିଜ ଜମାତ୍‌ର ସଦସ୍ୟମାନଙ୍କୁ ପ୍ରୋତ୍ସାହିତ କରି ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଲେ କି ସେମାନେ ଜାପାନୀ କୌମ୍‌କୁ ଇସ୍‌ଲାମ୍‌ର ଅସଲ ଶିକ୍ଷାଗୁଡିକୁ ପହଂଚାଇବା ପାଇଁ ଦାୟିତ୍ୱ ଭାର ବହନ କରନ୍ତୁ ।

ଏହି ଖବରକୁ ଇଂଟର୍‌ନେଟ୍ ପାଂଚୋଟି ୱେବ୍‌ସାଇଟ୍‌ରେ ପ୍ରସାରଣ କରାଗଲା । ସେଥିରେ Yahoo Japan, Biglobe, MSN Japan, Goo News and Rakuten ସାମିଲ୍ ଅଛନ୍ତି । ଏହି ସବୁ ୱେବ୍‌ସାଇଟ୍ ଗୁଡିକର ପରିଦର୍ଶନକାରୀଙ୍କ ସଂଖ୍ୟା ଦେଢ଼କୋଟିରୁ ଅଧିକା ।

Daily Ashai ଖବରକାଗଜ, ଯାହାର ସଂଖ୍ୟା ହେଉଛି ଅଶି ଲକ୍ଷରୁ ଅଧିକା, ସେ ନିମ୍ନଲିଖିତ ହେଡ୍‌ଲାଇନ୍ ଦେଇ ଖବର ଛପାଇଛି ।

(ଭାଇଚାରା ହେଉଛି ଆମ ପ୍ରଥା/ବିଶ୍ୱାସ)

ଏହି ହେଡ୍‌ଲାଇନ୍‌ରେ ଖବରଟିକୁ ଛପାଇ ଖବରକାଗଜ ଲେଖୁଛି କି- ଜମାତ୍ ଅହେମଦୀୟା ଜାପାନ୍‌ର 'ମସ୍‌ଜିଦ୍' ତାଲିମ୍ ଓ ତର୍‌ବିୟତ୍ ନିମନ୍ତେ ଏକ କେନ୍ଦ୍ରର ନିର୍ମାଣ ସୁଶିମା ସହରଠାରେ ସମ୍ପୂର୍ଣ୍ଣ ହୋଇଯାଇଛି । ଏହି ମସ୍‌ଜିଦ୍‌ଟି ଚାରିଗୋଟି ମିନାରା ଓ ଗୋଟିଏ ଗୁମ୍ବଦ ଦ୍ୱାରା ଆଛାଦିତ ଓ ଏହା ହେଉଛି ଜାପାନ୍‌ର ସବୁଠାରୁ ବଡ଼ ମସ୍‌ଜିଦ୍ । ୫୦୦ ନମାଜି ଏକ ସମୟରେ ଏଠି ନମାଜ ପଢ଼ିପାରିବେ । ଦ୍ୱିତୀୟ ମହଲାରେ କାର୍ଯ୍ୟାଳୟ, ଗେଷ୍ଟ୍ ହାଉସ୍, ଲଙ୍ଗର୍‌ଖାନା, ମିଟିଂ ରୁମ୍ ଓ ସେମିନାର୍ ରୁମ୍ ନିର୍ମାଣ କରାଯାଇଛି ।

ଏହି ମସ୍‌ଜିଦ୍‌ଟି ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କ ପାଇଁ ତାର ଦ୍ୱାରକୁ ଖୋଲା ରଖିବ । ନମାଜ ଓ ଉପାସନା ବ୍ୟତୀତ ଏଠାରେ ଆରବୀ, ଇଂରାଜୀ ଏବଂ ଉର୍ଦ୍ଦୁ ଶିଖାଇବା ପାଇଁ ବିନା ପାରିଶ୍ରମିକ ନେଇ କ୍ଲାସ୍ ଲଗାଇବାର ବ୍ୟବସ୍ଥା କରାଯିବ ।

ଏହା ହେଉଛି ସେହି ଧର୍ମୀୟ ଜମାତ୍ ଯାହାର ମୂଳଶିକ୍ଷା ହେଉଛି ସମ୍ପୂର୍ଣ୍ଣ ଶାନ୍ତି ଓ ଭାଇଚାରା ଉପରେ ଆଧାରିତ । ଜାପାନ୍‌ରେ ଏହି ଜମାତ୍‌ର ସଦସ୍ୟଗଣଙ୍କ ସଂଖ୍ୟା ହେଉଛି ୨୦୦ରୁ ଅଧିକା । ଯେଉଁମାନେ କି ପାଖାପାଖି ୧୫ଟି ଭିନ୍ନ ଭିନ୍ନ ଜାତିର ଅଟନ୍ତି । ଏହି ଜମାତ୍ ସ୍ୱଚ୍ଛାସେବୀ ମୂଳକ ସେବାରେ ମଧ୍ୟ କାର୍ଯ୍ୟରତ । କୁବେ, ନିଗାତା ଏବଂ ଉତରପୂର୍ବ ଜାପାନ୍‌ରେ ଆସିଥିବା ଭୂମିକମ୍ପ ସମୟରେ ତତ୍‌ସହିତ ଏବର୍ଷ ଆସିଥିବା ବନ୍ୟା ଅବସରରେ ଏହି ଜମାତ୍‌ଟି ସର୍ବପ୍ରଥମେ ନିଜର ସେବାପାଇଁ ଆଗେଇ ଆସିଥିଲା ।

୨୦ ନଭେମ୍ବର୍‌ର ଦ୍ୱିପ୍ରହର ସମୟରେ ନୂତନ ରୂପେ ନିର୍ମାଣ କରାଯାଇଥିବା ମସ୍‌ଜିଦ୍‌ର ଉଦ୍‌ଘାଟନ କରାଯିବ । ଏହାର ଉଦ୍‌ଘାଟନ ଲଣ୍ଡନ୍‌ରୁ ଆସିଥିବା ବିଶ୍ୱବ୍ୟାପୀ ଜମାତ୍ ଅହେମଦୀୟାର ଗୁରୁ କରିବେ ।

ଏହି ଖବରକୁ Biglobe, Yahoo Japan and Ameba ନିଜ ୱେବ୍‌ସାଇଟ୍‌ରେ ମଧ୍ୟ ପକାଇଛି । ଏହି ସମସ୍ତ ୱେବ୍‌ସାଇଟ୍‌ର ପରିଦର୍ଶକଙ୍କ ସଂଖ୍ୟା ହେଉଛି ୭୫ ଲକ୍ଷରୁ ଅଧିକା ।

Jiji Press (News Agency):- ଏହି ଏଜେନ୍‌ସି ଜାପାନ୍‌ରେ ବିଭିନ୍ନ ଖବରକାଗଜ, ଟି.ଭି ଚ୍ୟାନେଲ୍ ଓ ପତ୍ରପତ୍ରିକା ଗୁଡିକୁ ଖବର ଯୋଗାଇଥାଏ । ସେହି ସମସ୍ତଙ୍କର ମୋଟ ସଂଖ୍ୟା ହେଉଛି ୭୫ । ସେହିପରି ତାଙ୍କର ଗୋଟିଏ ଖବର ପାଖାପାଖି ୬୫ ଲକ୍ଷ ଲୋକମାନଙ୍କ ପର୍ଯ୍ୟନ୍ତ ପହଂଚିଥାଏ । ଏହି ଏଜେନ୍‌ସିଟି ନିମ୍ନଲିଖିତ ହେଡ୍‌ଲାଇନ୍ ଦେଇ ଖବରପ୍ରସାରଣ କରିଛି ।

**(ଜାପାନ୍‌ର ସବୁଠାରୁ ବଡ଼ ମସ୍‌ଜିଦ୍‌ର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି 'ଶାନ୍ତି ଚାହୁଁଛନ୍ତି' ସ୍ଥାନୀୟ ଅହେମଦୀ ମାନଙ୍କ ନୀରବ ପ୍ରାର୍ଥନା)**

ଏହି ଖବରର ତଫଶିଲ ଦେଇ ସେ ଲେଖୁଛି କି ବଢୁଥିବା ଇସ୍‌ଲାମୀୟ ଗୋଷ୍ଠୀ 'ଅହେମଦୀୟା ମୁସ୍‌ଲିମ୍ ଜମାତ୍'ର କେନ୍ଦ୍ର ସୁଶିମା ସହରଠାରେ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେଲା । ଜମାତ୍‌ର କହିବା ମୁତାବକ ଏହି ମସ୍‌ଜିଦ୍‌ରେ ଏକ ସମୟରେ ପାଂଚଶହ ଲୋକେ ନମାଜ ପାଠ କରିପାରିବେ । ଏହି ଦୃଷ୍ଟିକୋଣରୁ ଏହା ହେଉଛି ଜାପାନ୍‌ର ସବୁଠାରୁ ବଡ଼ ମସ୍‌ଜିଦ୍ । ବ୍ରିଟେନ୍‌ରୁ ଆସିଥିବା ବିଶ୍ୱବ୍ୟାପି ଜମାତ୍ ଅହେମଦୀୟାର ଇମାମ୍ ହଜ୍‌ରତ୍ ମିର୍ଜା ମସରୁର୍ ଅହେମଦ୍ ସାହେବ୍ ପ୍ୟାରିସ୍ ଦୁର୍ଘଟଣା ସମ୍ପର୍କରେ କହିଲେ 'ଏହା ଅତ୍ୟନ୍ତ ଅତ୍ୟାଚାର ମୂଳକ ଓ ଅମାନବିକ କାର୍ଯ୍ୟ ଅଟେ, ଯାହା ଇଶ୍ୱରଙ୍କ ଅପ୍ରସନ୍ନତାର କାରଣ ଅଟେ' । ତତ୍‌ସହିତ ପୁଣି ଏହା କହିଲେ କି 'ଇସ୍‌ଲାମ୍‌ର ଉନ୍ନତି ନିମନ୍ତେ ଆମକୁ ତରବାରିର ଆବଶ୍ୟକ ନାହିଁ ବରଂ ନିଜ ଭିତରର କୁ ଶକ୍ତିକୁ ଶେଷ କରିବାର ଆବଶ୍ୟକ' । ଜମାତ୍ ଅହେମଦୀୟାର ଇମାମ୍ ଭୀଷଣ ରୂପେ କଠୋରପନ୍ଥୀ ମାନଙ୍କର ନିନ୍ଦା କଲେ ।

MSN News, Yahoo Japan and Ameba ଇତ୍ୟାଦି ୱେବ୍‌ସାଇଟ୍ ଗୁଡିକ ମଧ୍ୟ ଏହି ଖବରକୁ ନିଜ ୱେବ୍‌ସାଇଟ୍‌ରେ ରଖିଛନ୍ତି । ଏହି ୱେବ୍‌ସାଇଟ୍ ଗୁଡିକର ପରିଦର୍ଶନକାରୀଙ୍କ ସଂଖ୍ୟା ହେଉଛି ୭୫ ଲକ୍ଷ ।

Mainichi Shinbun ଖବରକାଗଜ ନିମ୍ନଲିଖିତ ହେଡ୍‌ଲାଇନ୍ ଦେଇ ଖବର ଛାପିଛି ।

**(ଜାପାନ୍‌ର ସବୁଠାରୁ ବଡ ମସ୍‌ଜିଦ୍‌ର ଉଦ୍‌ଘାଟନ- ଇସ୍‌ଲାମ୍‌ର ପରିଚୟ ଦେବାପାଇଁ କେନ୍ଦ୍ର)**

ଏହି ଖବରକାଗଜଟି ଲେଖିଲା କି:- ମୁସଲ୍‌ମାନ୍‌ଙ୍କର ଗୋଟିଏ ସଂଗଠନର ମୁଖିଆ ବିଶ୍ୱବ୍ୟାପି ଜମାତ୍ ଅହେମଦୀୟାର ଧର୍ମଗୁରୁ ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ ୨୦ ନଭେମ୍ବରକୁ ଆଇଚି ପ୍ରଦେଶର ସୁଶିମା ସହରରେ ଜାପାନ୍‌ର ସବୁଠାରୁ ବଡ଼ ମସ୍‌ଜିଦ୍‌ର ଉଦ୍‌ଘାଟନ କରିଛନ୍ତି ।

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ନମାଜ ପଢ଼ିବା ପାଇଁ ଏକତ୍ରିତ ହୋଇଥିବା ୧୫୦ଜଣରୁ ଅଧିକା ଲୋକଙ୍କୁ ସମ୍ବୋଧନ କରି ସନ୍ତ୍ରାସବାଦ ଏବଂ କଠୋରପନ୍ଥୀ କାର୍ଯ୍ୟକଳାପକୁ ନିନ୍ଦା କରିଛନ୍ତି । ସେ କହିଛନ୍ତି କି:- ଶକ୍ତି ପ୍ରୟୋଗ କରି ଇସ୍‌ଲାମ୍ ପ୍ରସାର କରିବାର ଦୃଷ୍ଟିକୋଣ ହେଉଛି ଭୁଲ୍ । ମଣିଷ ଜୀବନର କ୍ଷତି ଓ ସେମାନଙ୍କୁ ପହଂଚୁଥିବା ଦୁଃଖ କଷ୍ଟ ଇଶ୍ୱରଙ୍କ ଅପ୍ରସନ୍ନତାର କାରଣ ହେଉଅଛି ।

ମସ୍‌ଜିଦ୍‌କୁ ନମାଜ ପଢ଼ିବା ପାଇଁ ଆସିଥିବା କଲେଜ୍‌ର ଜଣେ ଛାତ୍ର ବତାଇଲେ କି ''ଦାଇଶ୍ ଯୋଗୁ ଇସ୍‌ଲାମ୍‌ର ନାମ ବଦ୍‌ନାମ୍ ହେଉଅଛି । ମସ୍‌ଜିଦ୍‌ର ଇମାମ୍ ଅନିସ୍ ଅହେମଦ୍ ନଦିମ ସାହେବ ବତାଇଲେ କି ସନ୍ତ୍ରାସବାଦର ଇସ୍‌ଲାମୀୟ ଶିକ୍ଷାଗୁଡିକ ସହିତ ଦୂରରୁ ମଧ୍ୟ ସମ୍ପର୍କ ନାହିଁ । ଆମେ ଏହି ସହରର ଲୋକମାନଙ୍କୁ ଓ ଜାପାନୀ ଭାଇମାନଙ୍କୁ ଇସ୍‌ଲାମ୍‌ର ପ୍ରକୃତ ସ୍ୱରୂପକୁ ଦେଖାଇବାକୁ ଚାହୁଁଅଛୁ ।

ସୁତରାଂ ଏହି ଖବରକାଗଜ ଗୁଡିକରେ ଖବର ଛପାଇବା ମାଧ୍ୟମରେ ତିନିକୋଟି ଲୋକଙ୍କ ପର୍ଯ୍ୟନ୍ତ ବାର୍ତ୍ତା ପହଂଚିଛି । ଏତଦ୍‌ବ୍ୟତୀତ ଇଂଟର୍‌ନେଟ୍ ୱେବ୍‌ସାଇଟ୍‌ସ୍ ଏଡିଶନ୍ ଜରିଆରେ ଏକକୋଟି ଲୋକଙ୍କ ପର୍ଯ୍ୟନ୍ତ ବାର୍ତ୍ତା ପହଂଚିଛି । *(ବହୱାଲା ଅଖବାର୍ ବଦର୍ ୭ ଜାନୁଆରୀ ୨୦୧୬)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.3 Thursday 09 August 2018 Issue No.32

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍ନା ହଜ୍ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜାପାନ ଗସ୍ତ - ନଭେମ୍ବର ୨୦୧୫ ର କାର୍ଯ୍ୟବ୍ୟସ୍ତତା

## ୨୧ ନଭେମ୍ବର୍ ୨୦୧୫ (ଶନିବାର) ରିପୋର୍ଟ୍‌ର ବଳକା ଅଂଶ

## କମ୍ୟୁନିଷ୍ଟ୍ ପାର୍ଟିର ଲିଡର୍ ଓ ଜଣେ ମହିଳା ପ୍ରଫେସରଙ୍କର ହଜୁର୍ ଅନୁଓ୍ୱର ଅ:ବ:ଅଙ୍କର ସାକ୍ଷାତ୍କାର୍

ଏହାପରେ ପ୍ରୋଗ୍ରାମ୍ ମୁତାବକ କମ୍ୟୁନିଷ୍ଟ୍ ପାର୍ଟିର ଲିଡର୍ Mr. Yoshiaki Shouji ଏବଂ ତାଙ୍କ ସ୍ତ୍ରୀ Ruoko Shouji (ଏହି ଦୁଇଜଣଯାକ ୧ହଜାର କି.ମିର ରାସ୍ତା ଅତିକ୍ରମ କରି ଆସିଥିଲେ) । ଆଉଜଣେ ମହିଳା ପ୍ରଫେସର୍ Hiroko Minesaki (ଯିଏ ଅହେମଦୀୟତ୍ ସମ୍ବନ୍ଧରେ ତିନିଗୋଟି ନିବନ୍ଧ ଲେଖିସାରିଛନ୍ତି) । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଏହି ତିନିଜଣ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆପଣମାନେ ଆମ ଫଙ୍କ୍‌ସନ୍‌ରେ ଯୋଗ ଦେବାକୁ ଆସିଛନ୍ତି । ସେଥିପାଇଁ ଆପଣଙ୍କୁ ମୁଁ ଧନ୍ୟବାଦ ଜଣାଉଛି ।

Mr. Yoshiaki Shouji ସାହେବ୍ କହିଲେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ବହୁତ ବହୁତ ଧନ୍ୟବାଦ ଅର୍ପଣ କରୁଛି । ୨୦୧୧ ମସିହାରେ ଜମାତ୍, ହ୍ୟୁମାନିଟି ଫାଷ୍ଟ୍ ଭୁକମ୍ପ ଓ ସୁନାମୀ ସମୟରେ ଆମକୁ ବହୁତ ସାହାଯ୍ୟ କରିଥିଲେ । ସେଇଥିପାଇଁ ମୁଁ ବିଶେଷ ରୂପେ ହଜୁର୍ ଅନୁଓ୍ୱର୍‌ଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମାନବତାର ସେବା କରିବା ହେଉଛି ଆମର କର୍ତବ୍ୟ । ଅସୁବିଧାରେ ଫସି ରହିଥିବା ଲୋକମାନଙ୍କର ସେବା କରିବା ଏବଂ ସେମାନଙ୍କ କଷ୍ଟକୁ ଦୂର କରିବା ହେଉଛି ଆମର ଦାୟିତ୍ୱ ଅର୍ଥାତ୍ ଏହି ସବୁ କର୍ତବ୍ୟ ନିଭାଇବା ଆମ ଦାୟିତ୍ୱ ଭିତରେ ରହିଛି । ଆମେ ଆସନ୍ତାକୁ ମଧ୍ୟ ଏହିପରି ସେବା କରିଚାଲିବୁ । ଇନ୍‌ଶାଅଲ୍ଲାଃ । ଏବଂ ଏପରି ସେବା ଆମେ ପ୍ରତ୍ୟେକ ସ୍ଥାନ ଓ ପ୍ରତ୍ୟେକ ଦେଶରେ କରିଚାଲିଛୁ ।

ଏଥିରେ ପଚାରିଲେ କି ଆମକୁ ଆପଣମାନଙ୍କ ତରଫରୁ, ଜମାତ୍ ଅହେମଦୀୟା ତରଫରୁ ଯେଉଁ ପ୍ରେମ ଓ ସୌହାର୍ଦ୍ଦ୍ୟର ବ୍ୟବହାର କରାଯାଉଛି ତାହା ସବୁ ଆମେ ଅନୁଭବ କରୁଅଛୁ ।

ସେ ପୁଣି କହିଲେ କି ଯେବେ ମଣିଷ କୌଣସି ଅସୁବିଧାରେ ପଡ଼େ ସେତେବେଳେ ତାର ଅନ୍ୟ ଉପରେ ଭରଷା କରିବାର ଇଚ୍ଛାଶକ୍ତି କମ୍ ହୋଇଯାଏ । କିନ୍ତୁ ଆମେ ସମସ୍ତେ ଅହେମଦୀମାନଙ୍କ ଉପରେ ଟ୍ରଷ୍ଟ୍ କରିଛୁ । ଆପଣମାନେ ବହୁତ ଅସୁବିଧା ଅବସ୍ଥାରେ ଆମକୁ ସାହାଯ୍ୟ କରିଛନ୍ତି । ଯେବେ ମଣିଷକୁ କାହା ସହିତ ଖରାପ ଅନୁଭୁତି ଥାଏ ତେବେ ସେ ଡରିଥାଏ ପୁନର୍ବାର ଏପରି ମୋ ସହିତ ନହେଉ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମଣିଷକୁ ଜଣେ ଅନ୍ୟଜଣକର ଆବଶ୍ୟକ ସମୟରେ କାର୍ଯ୍ୟରେ ଆସିବା ଉଚିତ୍ । ଜମାତ୍ ଅହେମଦୀୟା ହେଉଛି ଏପରି ଗୋଟିଏ ଜମାତ୍ ଆପଣମାନେ ଏହି ଜମାତ୍ ତରଫରୁ ସର୍ବଦା ଭଲ କାର୍ଯ୍ୟର ଅନୁଭୁତିକୁ ହିଁ ଦେଖିବାକୁ ପାଇବେ । ଆମେ ସବୁ ସମୟରେ ପ୍ରତ୍ୟେକ ଲୋକଙ୍କର କାମରେ ଆସିଥାଉ । ଦୁଃଖ, କଷ୍ଟ ଓ ଅସୁବିଧାର ଅନୁଭବ କିପରି ହୁଏ ତାହା ଆମେ ଜାଣିଛୁ । କାରଣ ଆମେ ନିଜେ ହିଁ ଅସୁବିଧାକୁ ସମ୍ମୁଖିନ କରୁଅଛୁ ।

ମୋହତରମା ପ୍ରଫେସର Hiroko Minesaki କହିଲେ କି ମୁଁ ଇସ୍‌ଲାମ୍ ସମ୍ବନ୍ଧରେ ରିସର୍ଚ୍ଚ୍ କରୁଅଛି ଓ ମୁବଲିଗ୍ ସିଲ୍ ସିଲା ଅନିସ୍ ଅହେମଦ୍ ନଦୀମ ସାହେବ ଏବଂ ନଜିବୁଲ୍ଲାଃ ଅୟାଜ୍ ସାହେବ ଶିକ୍ଷାର୍ଥୀ ଜାମିଆ ଅହେମଦୀୟା କାନାଡ଼ାଙ୍କ ଠାରୁ ସାହାଯ୍ୟ ନେଉଅଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆଶା କରୁଛି କି ଆପଣମାନଙ୍କୁ ଇସ୍‌ଲାମ୍ ଅହେମଦୀୟତ୍ ସମ୍ବନ୍ଧରେ ସଠିକ୍ ମାର୍ଗ ଦର୍ଶନ ମିଳିବ । ଯେଉଁ ମାର୍ଗଦର୍ଶନ ମିଳିଛି ତାହା ମଧ୍ୟ ସଠିକ୍ ଥିବ ଓ ଆସନ୍ତାକୁ ମଧ୍ୟ ସଠିକ୍ ମାର୍ଗଦର୍ଶନ ମିଳିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେବେ ଆପଣ ରିସର୍ଚ୍ଚ୍ କରି କୌଣସି ପୁସ୍ତକ ଲେଖିବେ ଏଥିରେ ଜାପାନୀମାନଙ୍କୁ ଇସ୍‌ଲାମ୍‌ର ସଚ୍ଚା ଓ ବାସ୍ତବିକ ଶିକ୍ଷାର ଜ୍ଞାନ ହେବ ।

ସେ ନିଜର ଛୋଟ ପୁଅକୁ ଉଠାଇ ଧରିଥିଲେ । ସେହି ପିଲା ସମ୍ପର୍କରେ ବତାଇଲେ କି ମୁଁ ଏହାର ନାମ ମେହ୍‌ମୁଦ୍ ରଖିଛି । ପିଲାଟି ଡାକ୍ତରଖାନାକୁ ଯିବା ସମୟରେ ଗାଡ଼ି ଭିତରେ ଜନ୍ମ ହୋଇଥିଲା । ଟ୍ରାଫିକ୍ ବହୁତ ଜାମ୍ ଥିଲା । ସେଥିପାଇଁ ଠିକ୍ ସମୟରେ ଡାକ୍ତରଖାନା ପହଂଚିପାରି ନଥିଲୁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଥଟ୍ଟାରେ କହିଲେ ଜଣାପଡୁଛି ଏ ପିଲାଟି ଏ ଦୁନିଆକୁ ଶିଘ୍ର ଆସିବା ପାଇଁ ବ୍ୟାକୁଳ ଥିଲା । ଏହି ଅତିଥି ମାନଙ୍କ ସହିତ ସାକ୍ଷାତ୍କାର୍‌ର ପ୍ରୋଗ୍ରାମ୍ ୫:୧୦ ପର୍ଯ୍ୟନ୍ତ ଜାରି ରହିଲା ।

## କୁବେ ଚର୍ଚ୍ଚ୍‌ର ପ୍ରେସିଡେଂଟ୍ ଆଣ୍ଡ୍ ଚିଫ୍ ପ୍ରିଏଷ୍ଟ୍ ଏବଂ ଜାପାନ୍‌ର ଏକମାତ୍ର ଧାର୍ମିକ ଖବରକାଗଜର ଜର୍ନାଲିଷ୍ଟ୍‌ଙ୍କର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍କାର୍ ଏବଂ ଇଂଟରଭ୍ୟୁ

ଏହାପରେ କୁବେ ଚର୍ଚ୍ଚ୍‌ର ପ୍ରେସିଡେଂଟ୍ ଏବଂ ଚିଫ୍ ପ୍ରିଏଷ୍ଟ୍ Mr. Yoshio Iwamura (Kobe Church) ଏବଂ Kita Mura ସାହେବ ଯିଏ ହେଉଛନ୍ତି ଜାପାନ୍‌ର ଏକମାତ୍ର ଧର୍ମୀୟ ଖବରକାଗଜର ଜର୍ନାଲିଷ୍ଟ୍ ଏବଂ ସିନିୟର୍ ଡେସ୍କ୍ ରିପୋର୍ଟର୍, ଖବରକାଗଜର ନାମ ହେଉଛି ''Chugai Nippoh'' । ଏହି ଦୁଇଜଣ ଅତିଥି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ସୌଭାଗ୍ୟ ପ୍ରାପ୍ତ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ Mr. Yoshio Iwamura ସାହେବଙ୍କୁ ସମ୍ବୋଧନ କରି କହିଲେ ଆପଣ ଜଲ୍‌ସା ସାଲାନା ୟୁକେରେ ମଧ୍ୟ ସାମିଲ୍ ହୋଇଥିଲେ । ଏଥିରେ ସେ କହିଲେ ମୁଁ ଏଠାକୁ ନାଗୋୟା ମଧ୍ୟ ଆସିଯାଇଛି ।

ଜର୍ନାଲିଷ୍ଟ୍ ଜଣକ ପଚାରିଲେ କି ପ୍ୟାରିସ୍ (ଫ୍ରାନ୍‌ସ)ରେ ଯେଉଁ ଘଟଣା ଘଟିଲା ଜାପାନ୍‌ରେ ମଧ୍ୟ ଏହାଦ୍ୱାରା ବହୁତ ଦୁଃଖ ଅନୁଭବ କରାଯାଇଛି । ଏ ବିଷୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କଣ କହିବେ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହା ଅତ୍ୟନ୍ତ ଅତ୍ୟାଚାର ଅଟେ । ଆମେ ଏହାକୁ ଦୃଢ଼ୋକ୍ତିର ସହିତ ଖଣ୍ଡନ କରୁଛୁ । କିଛି ସନ୍ତ୍ରାସବାଦୀମାନେ ନିଜକୁ ମଧ୍ୟ ଉଡାଇ ଦେଇଥିଲେ । ବାକି ଯେଉଁମାନେ ଧରାପଡ଼ିଛନ୍ତି ସେମାନଙ୍କୁ ସରକାର କଠିନ ଦଣ୍ଡ ଦିଅନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମୁଁ ଅନେକ ଦିନରୁ ଏକଥା କହି ଆସୁଛି କି ସନ୍ତ୍ରାସବାଦୀ ମାନଙ୍କୁ ଖୋଲା ଛାଡି ଦିଆଯାଇଛି । ସନ୍ତ୍ରାସବାଦ ସଂଗଠନ ଗୁଡିକୁ ଅସ୍ତ୍ରଶସ୍ତ୍ର ମଧ୍ୟ ସପ୍ଲାଇ କରାଯାଉଛି । ତତ୍ ସହିତ ସେମାନଙ୍କୁ ଫଣ୍ଡିଂ ମଧ୍ୟ କରାଯାଉଛି ଓ ସେମାନଙ୍କୁ ଧରପକଡ କରାଯାଉନାହିଁ । ତେଣୁ ଏବେ ସେମାନଙ୍କ ଉପରେ ଅଙ୍କୁଷ ଲାଗିବା ଉଚିତ୍ ଓ ଏହି ସିଲ୍‌ସିଲାକୁ ଏବେ ଶେଷ କରିବା ଉଚିତ୍ । ଯାହା କିଛି ହୋଇଛି ବହୁତ ଅତ୍ୟାଚାର ହୋଇଛି । ବହୁତ ଦୁଃଖର ଘଟଣା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମେ ପ୍ରେସ୍ ରିଲିଜ୍ ଦେଇଛୁ ଏବଂ ଏ ଘଟଣାକୁ ଖଣ୍ଡନ (Condemn) କରିଛୁ ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏହିସବୁ ଖବର ମିଡ଼ିଆରୁ ଜଣାପଡୁଛି ଯେ ସେହି ସବୁ ସନ୍ତ୍ରାସବାଦ ସଂଗଠନ ଗୁଡିକ କହିଛନ୍ତି କି ଯେଉଁ ସବୁ ମୁହାଜିର୍‌ମାନେ ଶିରିଆରୁ ଏଠି ୟୁରୋପୀୟ ଦେଶଗୁଡିକୁ ଆସୁଛନ୍ତି ସେମାନଙ୍କ ଭିତରେ ପ୍ରତ୍ୟେକ ପଚାଶ ଜଣକ ଭିତରେ ଆମର ଜଣେ ସଦସ୍ୟ ଆସୁଛନ୍ତି । ଏବେ ଆମେ ବାହ୍ୟ ଆକ୍ରମଣ ମଧ୍ୟ କରିବୁ ଏବଂ ସାଇବର୍ ଆକ୍ରମଣ ମଧ୍ୟ କରିବୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ବିଗତ ଦିନରେ ମୁଁ ହଲାଣ୍ଡ୍ ଯାଇଥିଲି । ସେଠାରେ ମଧ୍ୟ ସନ୍ତ୍ରାସବାଦ ପ୍ରସଙ୍ଗରେ ବାର୍ତାଳାପ ହୋଇଥିଲା ଯେ ସେହି ସନ୍ତ୍ରାସବାଦ ସଂଗଠନର ପ୍ରତିନିଧିମାନେ ଏଠାରେ ମଧ୍ୟ ପହଂଚିଛନ୍ତି ବୋଲି । ତେଣୁ ସେ ସମସ୍ତଙ୍କ ଉପରେ ତିକ୍ଷ୍ଣ ଦୃଷ୍ଟି ରଖିବାର ଆବଶ୍ୟକତା ରହିଛି । କୁହାଯାଉଛି ଏବେ ପ୍ୟାରିସ୍‌ରେ ଯେଉଁ ଆକ୍ରମଣକାରୀ ଥିଲେ ସେମାନେ ପୋଲିସ୍‌ଙ୍କ ଦୃଷ୍ଟିରେ ଥିଲେ ଓ ସେମାନଙ୍କ ଏଇଥିପାଇଁ ଛାଡ଼ିଦିଆଯାଇଥିଲା କି ସେମାନେ ଠିକ୍ ହୋଇଯାଇଛନ୍ତି ବୋଲି । କିନ୍ତୁ ସେହି ଲୋକମାନେ ହିଁ ଆକ୍ରମଣକାରୀ ଥିଲେ ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ କି ପ୍ୟାରିସ୍‌ରେ ଯେଉଁ ଘଟଣା ଘଟିଛି ବା ଯେଉଁ ସବୁ ସନ୍ତ୍ରାସବାଦୀ ଆକ୍ରମଣ ଅନ୍ୟ ସ୍ଥାନରେ ହେଉଅଛି କଣ ଏହା କୌଣସି ପ୍ରତିକ୍ରିୟାର ଫଳ ଅଟେ କି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଯେତେବେଳେ ଏ ଦେଶଗୁଡିକ ସେହି ସନ୍ତ୍ରାସବାଦ ସଂଗଠନର ଠିକଣା ଉପରେ ବମ୍ବାରୀ କରୁଛନ୍ତି ତାହା ଫଳରେ ବହୁତ ଗରୀବ ଓ ନିରୀହ ଲୋକ ମରୁଛନ୍ତି । ମହିଳା ଓ ପିଲାମାନେ ମରୁଛନ୍ତି । ତେବେ ଏହା ହେଉଛି ସେହିସବୁ ଆକ୍ରମଣର ପ୍ରତିକ୍ରିୟା । ଏବେ ଫ୍ରାନ୍‌ସର ରାଷ୍ଟ୍ରପତି ଏ ଘୋଷଣା କରିଛନ୍ତି କି ଯୁଦ୍ଧର ଅବସ୍ଥା ହୋଇଯାଇଛି । ତେଣୁ ଏବେ ଆମେ ସେହି ସବୁ ଠିକଣା ଉପରେ ଆକ୍ରମଣ କରିବୁ । ଏହି ଘୋଷଣା ତାଙ୍କୁ ବହତୁ ପୂର୍ବରୁ କରିବାର ଥିଲା । ଅର୍ଥାତ୍ ଯୁଦ୍ଧର ଅବସ୍ଥା ତେଣୁ ସେମାନଙ୍କୁ ଶେଷ କରିଦେଇଥାଆନ୍ତେ । ଯଦି ଏହି ସବୁ କାରବାଇ ପ୍ରଥମେ ହୋଇଥାଆନ୍ତା ଫଳତଃ ଏବେ ଫ୍ରାନ୍‌ସ୍‌ରେ ଯାହା ଘଟିଲା ତାହା ଘଟିନଥାନ୍ତା । ମୁଁ ସେହି ଦେଶଗୁଡିକର ଧ୍ୟାନ ଆକର୍ଷଣ କରାଉଛି କି ଗ୍ରାଉଣ୍ଡ୍ ଫୋର୍ସ୍ (ସ୍ଥଳସେନା) ପଠାନ୍ତୁ, ଯେଉଁମାନେ ଯାଇ ସେମାନଙ୍କ ସହିତ ଲଢ଼ିବେ । ଏୟାର୍ ଆଟାକ୍, ଆକାଶ ମାର୍ଗରୁ ଆକ୍ରମଣ ନକରାଯାଉ । ଯଦ୍ୱାରା ନିରୀହ ଓ ସାଧାରଣ ନାଗରିକ ନ ମରିବେ ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ କି ଇରାକ୍ ଓ ଆଫ୍‌ଗାନିସ୍ତାନ୍‌ରେ ଯେଉଁ ଅତ୍ୟାଚାର କରାଯାଇଛି ଉସ୍‌ମାନିଆ ରାଜତ୍ୱରେ ମଧ୍ୟ ୟୁରୋପ୍ ତୁର୍କୀ ଉପରେ ଅତ୍ୟାଚାର କରିଥିଲା । ପୁଣି ଏବେ ଆମେରିକା ଶିରିଆ ଓ ଅନ୍ୟ ଦେଶଗୁଡିକ ଉପରେ କରୁଅଛି । ତେଣୁ ଏହିସବୁ ସନ୍ତ୍ରାସବାଦ୍ କାର୍ଯ୍ୟକଳାପ ଓ ଯେଉଁ ଘଟଣା ଘଟୁଛି ତାହାର ପ୍ରତିକ୍ରିୟା ମଧ୍ୟ ହୋଇପାରେ । ଏ ସମ୍ବନ୍ଧରେ ହଜୁର୍ କଣ କହିବାକୁ ଚାହିଁବେ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ୧୯୯୧ ମସିହାରେ ଇରାକ୍ ଯୁଦ୍ଧ ହୋଇଥିଲା । ନ୍ୟାୟ ଓ ଇନ୍‌ସାଫ୍ ଦ୍ୱାରା କାମ ନିଆଗଲା ନାହିଁ । ସେଥିଯୋଗୁ ଅବସ୍ଥା ବିଗିଡ଼ି ଗଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ କି ମୁଁ କ୍ୟାପିଟାଲ୍ ହିଲ୍‌ଠାରେ ନିଜ ଅଭିଭାଷଣରେ ସ୍ପଷ୍ଟ ରୂପେ ଏ କଥାକୁ ପ୍ରକାଶ କରିଥିଲି ଏବଂ ସେମାନଙ୍କ ଧ୍ୟାନ ଆକର୍ଷଣ କରାଇଥିଲି କି ଯଦି ତୁମେ ନ୍ୟାୟ ପ୍ରତିଷ୍ଠା ନକରିବ ଏବଂ ନିଜର ଦୁଇ ଦୁଇଟି ନିତୀ ରଖିବ ତେବେ କିଛି ହୋଇପାରିବ ନାହିଁ । ନା ତ ତୁମେ ଶାନ୍ତି ପ୍ରତିଷ୍ଠା କରିପାରିବ ନା ସଫଳ ହୋଇପାରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏ

*ଅବଶିଷ୍ଟାଂଶ ପୃଷ୍ଠା-୦୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan